# ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୪/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 4/2025 Page 14 ₹ 7.00 DHENKANAL

୫୧ଶ ଭାଗ ୩୦୮ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 308 ମୂଲ୍ୟ₹୭/-


# ପ୍ରସ୍ତୁତ ରୁହ

## ଭାରତୀୟ ଯବାନଙ୍କୁ ସେନାମୁଖ୍ୟଙ୍କ ନିର୍ଦ୍ଦେଶ

**ପାକିସ୍ତାନ ଆତଙ୍କବାଦକୁ ସମର୍ଥନ ବନ୍ଦ ନ କଲେ ଏହାକୁ ମାନଚିତ୍ରରୁ ଲିଭାଇଦେବୁ ବୋଲି ଶୁକ୍ରବାର ଭାରତ ଚେତାବନୀ ଦେଇଛି। ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ସ୍ଥିତି ଏମିତି ହେଉଛି ଯେ, ପରବର୍ତ୍ତୀ ସମୟରେ ଭାରତ ଆଉ ସଂଯମ ରକ୍ଷା କରିବ ନାହିଁ । 'ଅପରେଶନ୍ ସିନ୍ଦୂର'ର ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ସଙ୍କେତ ଦେବା ପୃଷ୍ଠଭୂମିରେ ସେ ଭାରତୀୟ ଯବାନମାନଙ୍କୁ ପ୍ରସ୍ତୁତ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।**


ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

**ନୂଆଦିଲ୍ଲୀ,୩।୧୦**

ରାଜସ୍ଥାନର ଅନୁପଗଡ଼ସ୍ଥିତ ଆର୍ମି ପୋଷ୍ଟରେ ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶୁକ୍ରବାର କହିଛନ୍ତି, ପଶ୍ଚିମରେ ଥିବା ପଡ଼ୋଶୀ ଆତଙ୍କବାଦର ମାଷ୍ଟରମାନଙ୍କୁ ପ୍ରୋତ୍ସାହନ ଦେବା ନେଇ କୁଖ୍ୟାତ। ପାକିସ୍ତାନ ଯଦି ମାନଚିତ୍ରରେ ନିଜ ଭୌଗୋଳିକ ଅବସ୍ଥିତି ବଜାୟ ରଖିବାକୁ ଚାହେଁ ତେବେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ରପ୍ତାନି ବନ୍ଦ କରୁ। ଅନ୍ୟଥା ଭାରତ ଆଉ ସଂଯମ ହେବ ନାହିଁ କହି ସେ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି।

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରି ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଭାରତୀୟ ସଶସ୍ତ୍ର ବଳ ଏହାର ଜବାବ ଦେବାକୁ ଯାଇ ମେ' ୭ରୁ ୧୦ ପର୍ଯ୍ୟନ୍ତ 'ଅପରେଶନ୍ ସିନ୍ଦୂର' ଚଳାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ☞ପୃଷ୍ଠା-୪

## ୧୨ ପାକିସ୍ତାନୀ ଯୁଦ୍ଧବିମାନ ଖସାଇଛି ଭାରତ: ବାୟୁସେନା ମୁଖ୍ୟ

**ନୂଆଦିଲ୍ଲୀ,୩।୧୦**

ଗତ ମେ'ରେ 'ଅପରେଶନ୍ ସିନ୍ଦୂର' ବେଳେ ଭାରତୀୟ ସେନା ପାକିସ୍ତାନର ଏଫ୍-୧୬ ଓ ଜେଏଫ୍ ବର୍ଗର ୧୨ ଯୁଦ୍ଧବିମାନ ଖସାଇଥିବା ଶୁକ୍ରବାର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ୍ ସିଂ କହିଛନ୍ତି। ଅମରପ୍ରୀତ୍ ପୂର୍ବରୁ ୫ ପାକିସ୍ତାନୀ ଫାଇଟର ଜେଟ୍‌କୁ ଖସାଯାଇଥିବା ବିଷୟ କହିଥିଲେ ମଧ୍ୟ କେଉଁ ବର୍ଗର ଯୁଦ୍ଧବିମାନକୁ ଭାରତୀୟ ସଶସ୍ତ୍ର ବଳ ଖସାଇଥିଲା ତାହା ସେ ପ୍ରଥମ ଥର ପାଇଁ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି। ଭାରତୀୟ ବାୟୁସେନା (ଆଇଏଏଫ୍)ର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅମରପ୍ରୀତ୍ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଏଫ୍-୧୬ ଆମେରିକା ନିର୍ମିତ ହାଇଟେକ୍ ଯୁଦ୍ଧବିମାନ ହୋଇଥିବାବେଳେ ଜେଏଫ୍-୧୭ ମୂଳତଃ ଚାଇନା ଦ୍ୱାରା ପ୍ରସ୍ତୁତ। ଅନ୍ୟପକ୍ଷେ ପାକିସ୍ତାନ ଭାରତର ୬ ଯୁଦ୍ଧବିମାନ ଖସାଇଥିବା ନେଇ କରୁଥିବା ଦାବି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପଦବୀ ଚାଲିଗଲା

**ଆଜିର ମନ୍ତବ୍ୟ**

"ବାଣିଜ୍ୟ ଓ ଶକ୍ତି ସୁରକ୍ଷାରେ ବିଶ୍ୱ ଗମ୍ଭୀର ଅସନ୍ତୁଳନର ସମ୍ମୁଖୀନ ହୋଇ ଏକ ଢାଞ୍ଚାଗତ ପରିବର୍ତ୍ତନ ଦେଇ ଗତି କରୁଛି। ତେବେ ଭାରତ ବାହ୍ୟ ଆଘାତକୁ ସମ୍ଭାଳିପାରିବା ଭଳି ଏକ ସ୍ଥିର ଶକ୍ତି ଭାବେ ଉଭାହୋଇଛି।

-ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ

## ଚୌଦ୍ୱାର ଜେଲରୁ ୨ ବିହାରୀ କଏଦୀ ଫେରାର

- **କଏଦୀଙ୍କୁ ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର**
- **ଚିଫ୍ ୱାର୍ଡରଙ୍କ ସମେତ ୨ ନିଲମ୍ବିତ**

**ଚୌଦ୍ୱାର/ ମଙ୍ଗୁଳି-ଜଗତପୁର, ୩।୧୦ (ଆଶୁତୋଷ ଦାସ/ ମାନସ ସାମଲ)**

କଟକ ଜିଲା ଚୌଦ୍ୱାର ମଣ୍ଡଳ କାରାଗାର (ଜେଲ) ପାଚେରି ଡେଇଁ ଗୁରୁବାର ବିଳମ୍ବିତ ରାତିରେ ୨ଜଣ କଏଦୀ ଫେରାର ହୋଇଯାଇଛନ୍ତି। ଉଭୟ କିଛି ମାସ ତଳେ ଯାଜପୁର ଜିଲା ପାଣିକୋଇଲି ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ ଚୋରି ଓ ହତ୍ୟା ମାମଲାରେ ଗିରଫ ହୋଇ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ସେମାନେ ହେଲେ ବିହାରର ଲୋହିଆନଗରର ରାଜା ସାହାଣୀ ଓ ରାମପୁର ଅଞ୍ଚଳର ମଧୁକାନ୍ତ କୁମାର। ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୫୫୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାର୍ଯ୍ୟରେ ଅବହେଳା ପାଇଁ ଜଣେ ୱାର୍ଡର ଓ ଚିଫ୍ ୱାର୍ଡରଙ୍କୁ ନିଲମ୍ବନ କରାଯାଇଛି। ଖବର ପାଇ ଜେଲ ଡିଜି ସୁଶାନ୍ତ କୁମାର ନାଥ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ☞ପୃଷ୍ଠା-୪







DSPL - 289



**ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅବସରରେ**

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଚଳିତ ବର୍ଷର ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ପ୍ରତିବର୍ଷ ଅକ୍ଟୋବର ୨ ରୁ ୮ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଏହି ସପ୍ତାହ ଆମକୁ ପ୍ରକୃତି ଓ ସର୍ବୋପରି ବନ୍ୟପ୍ରାଣୀ ପ୍ରତି ଆମର ଦାୟିତ୍ୱକୁ ସ୍ମରଣ କରାଇଥାଏ। ଆମ ରାଜ୍ୟ ଓଡ଼ିଶା ଜୈବବିବିଧତାରେ ପରିପୂର୍ଣ୍ଣ। ଶିମିଳିପାଳର କଳା ମହାବଳ ବାଘଠାରୁ ଆରମ୍ଭ କରି ଚିଲିକାର ଇରାୱାଡ଼ି ଡଲଫିନ୍ ଯାଏଁ ବହୁ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କର ଆଶ୍ରୟସ୍ଥଳ ଭାବେ ପ୍ରକୃତିର ଅପୂର୍ବ ଦାନରେ ଭରପୂର ଆମ ରାଜ୍ୟ। ପ୍ରତିବର୍ଷ ଆମ ରାଜ୍ୟର ଉପକୂଳରେ ଲକ୍ଷ ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କର ଗଣ ଅଣ୍ଡାଦାନ ଏବଂ ଶୀତଋତୁରେ ବିଭିନ୍ନ ଆର୍ଦ୍ରଭୂମିରେ ପ୍ରବାସୀ ପକ୍ଷୀଙ୍କର ଉପସ୍ଥିତି ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରିଥାଏ।

ବିଗତବର୍ଷମାନଙ୍କରେ ଆମ ସରକାର ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀର ଉନ୍ନତିକରଣ ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସହଭାଗୀତା ଦ୍ୱାରା ସଂରକ୍ଷଣ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି। ସାଧାରଣ ଲୋକଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଉଦ୍ୟମରେ ସାମିଲ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି।

ଆମର ଜଙ୍ଗଲ, ଜଳ ଏବଂ ଜୀବଜନ୍ତୁମାନଙ୍କ ସୁରକ୍ଷା ଓ ସଂରକ୍ଷଣ, କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏହା ଆମ ସମସ୍ତଙ୍କର ସାମୂହିକ କର୍ତ୍ତବ୍ୟ। ଆସନ୍ତୁ, ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା। ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେଇ ଆମେ ଏକ ସୁସ୍ଥ, ସୁନ୍ଦର ଓ ସବୁଜ ଓଡ଼ିଶା ଗଠନ କରିବା।

**ଶ୍ରୀ ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**



**ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ**
ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ)
ଜଙ୍ଗଲ, ପରିବେଶ, ଏବଂ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

**ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅବସରରେ**

**ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଶୁଭ ଜନ୍ମଦିନଠାରୁ ଆରମ୍ଭ ହୋଇ ଅକ୍ଟୋବର ୮ ତାରିଖ ଯାଏଁ ହେବାକୁ ଥିବା ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆପଣ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି। ଆମ ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଜୈବ ବିବିଧତାର ଏକ ବିଶାଳ ଭଣ୍ଡାର। ଆମ ରାଜ୍ୟର ଘଞ୍ଚ ଜଙ୍ଗଲ ବାଘ, ହାତୀ, ଭାଲୁ ଇତ୍ୟାଦିଙ୍କର ନିରାପଦ ଆଶ୍ରୟସ୍ଥଳୀ ହୋଇଥିବାବେଳେ, ଚିଲିକା ଓ ଭିତରକନିକା ଭଳି ଆର୍ଦ୍ରଭୂମି ବିଭିନ୍ନ ପ୍ରଜାତିର ପ୍ରବାସୀପକ୍ଷୀଙ୍କ ସହ ଯଥାକ୍ରମେ ବିରଳ ଇରାୱାଡ଼ି ଡଲଫିନ୍ ଓ ବଉଳା କୁମ୍ଭୀର ଆଦିଙ୍କର ବାସଭୂମି। ଆମ ରାଜ୍ୟରେ ବିବିଧ ପ୍ରଜାତିର ପଶୁପକ୍ଷୀଙ୍କର ଉପସ୍ଥିତି ଆମ ପରିବେଶକୁ ସମୃଦ୍ଧ କରିଛି।

କିନ୍ତୁ, ଜଳବାୟୁ ପରିବର୍ତ୍ତନ ସହ ଆବାସସ୍ଥଳୀର ସଙ୍କୁଚନ ଆଦି ଅନେକ କାରଣ ଆମପାଇଁ ଆଜି ବିରାଟ ଆହ୍ୱାନ ସୃଷ୍ଟି କରୁଛି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ନୂତନ ଜାତୀୟ ଉଦ୍ୟାନ ଘୋଷଣା କରିବା ସହ, ବନ୍ୟପ୍ରାଣୀ ଦ୍ୱାରା କ୍ଷୟକ୍ଷତିଜନିତ ସହାୟତା ରାଶିର ଅଭିବୃଦ୍ଧି, ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣରେ କୃତ୍ରିମ-ବୁଦ୍ଧିମତା ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ହେବା ସହ ବନ୍ୟପ୍ରାଣୀଙ୍କ ଉପରେ ଉଚ୍ଚତର ଗବେଷଣାମାନ କରାଯାଉଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଦୃଷ୍ଟିରୁ ଶିକାରୀମାନଙ୍କ ପାଇଁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଇ ନିୟମ ଅନୁସାରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଉଛି।

ଆମେ ସମସ୍ତେ ଶପଥ ନେବା ଯେ, ଆମେ ଆମର ବନ୍ୟପ୍ରାଣୀ ତଥା ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀକୁ ସୁରକ୍ଷା ଦେବା । ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା । ପ୍ରତ୍ୟେକ ସଚେତନ ନାଗରିକଙ୍କର ସହଯୋଗ ଓ ସମର୍ଥନ ହିଁ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ଆସନ୍ତୁ ଏକାଠି ହୋଇ ଆମ ରାଜ୍ୟର ଏହି ଅମୂଲ୍ୟ ବନ୍ୟପ୍ରାଣୀ ସମ୍ପଦକୁ ରକ୍ଷା କରିବା।

**ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ**

OIPR-08141/13/0020/2526

## ଚେଭ୍ରନ ରିଫାଇନେରିରେ ଭୟାବହ ଅଗ୍ନିକାଣ୍ଡ

ଏଲ୍ ସେଗୁଣ୍ଡୋ,୩।୧୦

ଆମେରିକାର ଲସ୍ ଏଞ୍ଜେଲ୍ସ ନିକଟରେ ଥିବା ଚେଭ୍ରନ ତୈଳ ବିଶୋଧନାଗାରରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଉଠୁଥିବାବେଳେ ଅନେକ ମାଇଲ୍ ପର୍ଯ୍ୟନ୍ତ ଏହ ଦୃଶ୍ୟ ହେଉଥିଲା। କାଲିଫର୍ନିଆର ଏଲ୍ ସେଗୁଣ୍ଡୋ ଅଞ୍ଚଳର ଲୋକମାନଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଶୁକ୍ରବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିବାବେଳେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେମାନେ ପ୍ରଥମେ ଘଡ଼ଘଡ଼ି ଭଳି ଶବ୍ଦ ଶୁଣିବା ପରେ ନିଆଁ ଦେଖିବାକୁ ପାଇଥିଲେ। ନିଆଁ ଯୋଗୁ ଉକ୍ତ ଅଞ୍ଚଳର ଆକାଶ ନାରଙ୍ଗୀ ହୋଇଯାଇଥିଲା। ତେବେ ନିଆଁ ବିଶୋଧନାଗାର ପାଚେରି ବାହାରକୁ ଯାଇ ନ ଥିଲା ବୋଲି ସୂଚନା ମିଳିଛି। କ'ଣ ପାଇଁ ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ। କାଲିଫର୍ନିଆ ଗଭର୍ନରଙ୍କ କାର୍ଯ୍ୟାଳୟ ସ୍ଥିତି ଉପରେ ନଜର ରଖିଥିବାବେଳେ ଚତୁଃପାର୍ଶ୍ୱରେ ରହୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରଖିଥିଲା।



ଲସ୍ ଏଞ୍ଜେଲ୍ସ ନିକଟ ଚେଭ୍ରନ ତୈଳ ବିଶୋଧନାଗାର ଜଳୁଥିବାବେଳେର ଦୃଶ୍ୟ।

## ହ୍ରଦରେ ଖସିଲା ଦୁର୍ଗାମୂର୍ତ୍ତି ଥିବା ଟ୍ରାକ୍ଟର:୧୧ ମୃତ

ଇନ୍ଦୋର,୩।୧୦(ପି.ଟି.)

ମଧ୍ୟପ୍ରଦେଶର ଖଣ୍ଡୱା ଜିଲାରେ ବିଜୟାଦଶମୀ ଅବସରରେ ଗୁରୁବାର ଦୁର୍ଗା ମୂର୍ତ୍ତି ଭସାଣି ପାଇଁ ନିଆଯାଉଥିବା ଟ୍ରାକ୍ଟର ଟ୍ରଲି ଏକ ହ୍ରଦରେ ଖସିପଡ଼ିବାରୁ ୧୧ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଜଣ ଯୁବତୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ପନ୍ଧାନା ଅଞ୍ଚଳରେ ମୂର୍ତ୍ତି ଓ ଶ୍ରଦ୍ଧାଳୁମାନଙ୍କୁ ନେଇ ଯାଉଥିବା ଟ୍ରାକ୍ଟର ଟ୍ରଲି ଢଳିଯାଇ ହ୍ରଦକୁ ଖସିପଡ଼ିଥିଲା। ହ୍ରଦଟି ବହୁତ ଗଭୀର ବୋଲି ଗ୍ରାମବାସୀ ସତର୍କ କରାଇବା ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଅତ୍ୟଧିକ ଉତ୍ସାହରେ ଥିବାରୁ ସେମାନଙ୍କ କଥାକୁ ଶୁଣି ନ ଥିଲେ। ସେମାନେ ଟ୍ରାକ୍ଟର ଟ୍ରଲିକୁ ପାଣି ଭିତରେ ଆଗକୁ ନେବାରୁ ତାହା ଓଲଟି ପଡ଼ିଥିଲା। ପୋଲିସ, ପ୍ରଶାସନ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ, ହୋମ୍‌ଗାର୍ଡ ଏବଂ ସ୍ଥାନୀୟ ବୁଡ଼ାଳିମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଦୁର୍ଘଟଣା ପରେ ୧୨ ଶ୍ରଦ୍ଧାଳୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୧ ଜଣଙ୍କ ମୃତଦେହ ମିଳିଥିଲା।

## ଭସାଣି ବେଳେ ୧୭ ବୁଡ଼ିଗଲେ

ଲକ୍ଷ୍ନୌ,୩।୧୦

ବିଜୟାଦଶମୀ ଅବସରରେ ଗୁରୁବାର ଉତ୍ତରପ୍ରଦେଶର ଆଗ୍ରା ଅନ୍ତର୍ଗତ ୨ଟି ସ୍ଥାନରେ ଦୁର୍ଗା ମୂର୍ତ୍ତି ଭସାଣି ବେଳେ ୧୭ ଜଣ ନଦୀରେ ବୁଡ଼ିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ମିଳିଥିବାବେଳେ ବୁଡ଼ାଳିମାନେ ଜଣକୁ ଉଦ୍ଧାର କରିଛନ୍ତି। ଅନ୍ୟ ୧୩ ଜଣ ନିଖୋଜ ଥିବାବେଳେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପ୍ରଥମ ଘଟଣା ଆଗ୍ରା ଜିଲାର ଖେରଗଡ଼ରେ ଘଟିଛି, ଯେଉଁଠି ଭସାଣି ବେଳେ ୧୪ ଜଣ ଯୁବକ ଉତଙ୍ଗନ ନଦୀରେ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହକୁ ଉଦ୍ଧାରକାରୀ ଟିମ୍ ବାହାର କରିଥିବାବେଳେ ଅନ୍ୟ ୧୦ ଜଣଙ୍କୁ ଖୋଜାଚାଲିଛି। ଦୁର୍ଗାଙ୍କ ମୂର୍ତ୍ତି ନେଇ ଯୁବକମାନେ ନଦୀ ଭିତରକୁ ଯାଇଥିବାବେଳେ ସେମାନେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। କୂଳରେ ଛିଡ଼ାହୋଇଥିବା ଲୋକେ ସେମାନଙ୍କୁ କୌଣସି ସହାୟତା କରିପାରି ନ ଥିଲେ। ବହୁ ଖୋଜାଖୋଜି ପରେ ଜଣେ ଯୁବକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲା। ଦ୍ୱିତୀୟ ଘଟଣା ଆଗ୍ରା ଜିଲାର ତାଜଗଞ୍ଜ ଅନ୍ତର୍ଗତ କରଭନା ଗ୍ରାମରେ ଘଟିଛି। ଭସାଣି ବେଳେ ନଦୀରେ ୭ ଜଣ ଭାସିଯାଇଥିବାବେଳେ ୫ ଜଣ କୌଣସି ପ୍ରକାରେ ପହଁରି କୂଳକୁ ପଳାଇ ଆସିଥିଲେ। ଅନ୍ୟ ୨ ଜଣ ନିଖୋଜ ଅଛନ୍ତି।

## ଏନ୍‌ଏସ୍‌ଏରେ ୱାଙ୍ଗ୍‌ଚୁକ୍‌ଙ୍କ ଗିରଫଦାରିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ସ୍ତ୍ରୀ

ନୂଆଦିଲ୍ଲୀ,୩।୧୦

ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ଗିରଫ କରି ଅଟକ ରଖାଯାଇଥିବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ ଆଙ୍ଗମୋ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ୱାଙ୍ଗ୍‌ଚୁକ୍‌ଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ଗୀତାଞ୍ଜଳି ନିବେଦନ କରିଛନ୍ତି। ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଏବଂ ସମ୍ବିଧାନର



ଗୀତାଞ୍ଜଳି ଜେ ଆଙ୍ଗମୋ

ଷଷ୍ଠ ପରିଚ୍ଛେଦ ଦାବିରେ ଗତ ମାସ ୨୬ରେ ଲେହ ସହରରେ ବିକ୍ଷୋଭ ବେଳେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୦ ଜଣ ଆହତ ହୋଇଥିଲେ। ଏହି ଘଟଣାର ୨ ଦିନ ପରେ ୱାଙ୍ଗ୍‌ଚୁକ୍‌ଙ୍କୁ ଏନ୍‌ଏସ୍‌ଏ ବଳରେ ଗିରଫ କରାଯିବା ସହ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଛି। ୱାଙ୍ଗ୍‌ଚୁକ୍‌ଙ୍କ ବିରୋଧରେ ଏନ୍‌ଏସ୍‌ଏ ଲଗାଯିବା ନିଷ୍ପତ୍ତି ଉପରେ ତାଙ୍କ ସ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ପିଟିଶନ୍‌ର ଶୀଘ୍ର ଶୁଣାଣି କରାଯିବା ସହ ୱାଙ୍ଗ୍‌ଚୁକ୍‌ଙ୍କୁ ସର୍ବୋଚ୍ଚ ଅଦାଲତରେ ହାଜର କରାଇବା ଲାଗି ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

# ପିଓକେ ପାଲଟିଲା ରଣକ୍ଷେତ୍ର

ଇସ୍‌ଲାମାବାଦ/ ମୁଜାଫରାବାଦ,୩।୧୦

### ସେନା-ବିକ୍ଷୋଭକାରୀ ମୁହାଁମୁହିଁ: ୧୨ ମୃତ, ୨୦୦ ଆହତ

ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଜମ୍ମୁ-କଶ୍ମୀର ଜଏଣ୍ଟ ଆୱାମି ଆକ୍ସନ କମିଟି (ଜେକେଜେଏଏସି) ପକ୍ଷରୁ ୩୮ଟି ଦାବି ନେଇ ସପ୍ତାହେ ଧରି ଆନ୍ଦୋଳନ ଚାଲିଥିବାବେଳେ ସଂଘର୍ଷରେ ୪ ପୋଲିସ କର୍ମଚାରୀଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହି ଅଞ୍ଚଳ ବସ୍ତୁତଃ ସେନା ଓ ବିକ୍ଷୋଭକାରୀଙ୍କ ପାଇଁ ଏକ ରଣକ୍ଷେତ୍ର ପାଲଟିଯାଇଛି।

ପିଓକେବାସୀଙ୍କ ମୁଖ୍ୟ ଦାବିଗୁଡ଼ିକ ହେଲା ରାଜନୈତିକ ସଂସ୍କାର ଏବଂ ଅଟା ଓ ବିଦ୍ୟୁତ୍‌ରେ ସବ୍‌ସିଡି, କଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ୧୨ ବିଧାନସଭା ଆସନ ଉଚ୍ଛେଦ କରିବା। ମୋଟ ୩୮ଟି ଦାବି ପୂରଣ କରିବାରେ ଶେହବାଜ ଶରିଫ୍ ସରକାରଙ୍କ ବିଫଳତାକୁ ନେଇ ଏହି ଅଞ୍ଚଳରେ ସେପ୍ଟେମ୍ବର ୨୯ରେ ଜେକେଜେଏଏସି ଏକ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲା। ଅନେକ



ମୁଜାଫରାବାଦରେ ପାକିସ୍ତାନ ସରକାର ବିରୋଧୀ ବିକ୍ଷୋଭ।

ଜିଲାରେ ପଞ୍ଚମ ଦିନ ଧରି ଦୋକାନବଜାର ଆଦି ବନ୍ଦ ରହିଥିବାବେଳେ ସରକାରଙ୍କ ପକ୍ଷରୁ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି। ସେବେଠୁ ଏହି ବିକ୍ଷୋଭ ପିଓକେରେ ସୀମିତ ନ ରହି ଇସ୍‌ଲାମାବାଦ ଓ କରାଚୀ ଭଳି ସହରଗୁଡ଼ିକୁ ବ୍ୟାପିବାରେ ଲାଗିଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଶେହବାଜ ସରକାର ଆଲୋଚନା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଶୁକ୍ରବାର ଜେକେଜେଏଏସି ଏବଂ ଏହାର ନେତା ଶୌକତ୍ ନୱାଜ ମିରଙ୍କ ସହ ଆଲୋଚନା ପାଇଁ ପିଓକେ ରାଜଧାନୀ ମୁଜାଫରାବାଦରେ ପହଞ୍ଚିଛି। ବ୍ୟବସାୟୀ, ସ୍ଥାନୀୟ ନେତା ଓ ସାମାଜିକ କର୍ମୀଙ୍କ ପ୍ରତିନିଧିତ୍ୱ କରୁଥିବା ଜେକେଜେଏଏସିକୁ ଆନ୍ଦୋଳନରୁ ଓହରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ରଜା ପରଭେଜ ଅଶରଫ୍‌ଙ୍କ ନେତୃତ୍ୱାଧୀନ କମିଟି ବୁଝାଶୁଝା କରିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ତାରିକ୍ ଅଫ୍‌ଜଲ ଚୌଧରୀ କହିଛନ୍ତି, ମୁଜାଫରାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଛି। କଶ୍ମୀରବାସୀଙ୍କ ଅଧିକାରଗୁଡ଼ିକୁ ଆମେ ପୂର୍ଣ୍ଣ ସମର୍ଥନ କରୁଛୁ। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରୁ ଅଧିକାଂଶ ଗ୍ରହଣ ହୋଇସାରିଛି। ଅବଶିଷ୍ଟ କିଛି ଦାବି ପୂରଣ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ। ସେନେଇ ମଧ୍ୟ ଆଲୋଚନା ଜାରି ରହିଛି। ଇତିମଧ୍ୟରେ ପାକିସ୍ତାନ ମାନବ ଅଧିକାର କମିଶନ ଲୋକଙ୍କ ଉପରେ ଅତ୍ୟଧିକ ବଳପ୍ରୟୋଗ ଏବଂ ମୋବାଇଲ ଇଣ୍ଟରନେଟ ବନ୍ଦ କରାଯିବା ଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି।

ପାକିସ୍ତାନ ସରକାର ବ୍ୟବସ୍ଥିତ ଢଙ୍ଗରେ ଦମନଲୀଳା ଚଳାଇବା ସହ ସମ୍ବଳଗୁଡ଼ିକୁ ଲୁଟ୍ କରୁଥିବାରୁ ଏପରି ସ୍ଥିତି ଉପୁଜିଥିବା ଭାରତ କହିଛି। ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପାକିସ୍ତାନୀ ସେନା ପ୍ରଥମେ ନିରୀହ ପିଓକେବାସୀଙ୍କୁ ହତ୍ୟା କରିବା ବନ୍ଦକରୁ। ପିଓକେରେ ମାନବାଧିକାର ଉଲ୍ଲଂଘନ ନେଇ ଅନ୍ତର୍ଜାତୀୟ ସମୁଦାୟ ଇସ୍‌ଲାବାଦକୁ ଉତ୍ତରଦାୟୀ କରିବା ଉଚିତ। ପିଓକେ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭବିଷ୍ୟତରେ ପାକିସ୍ତାନ ସହ ଯଦି କିଛି ଆଲୋଚନା ହେବ ତାହା ପିଓକେକୁ ନେଇ ହେବ ବୋଲି ନୂଆଦିଲ୍ଲୀ ପୂର୍ବରୁ ମଧ୍ୟ ସ୍ପଷ୍ଟ କରିସାରିଛି।

## ପ୍ରଥମ ମହିଳା ମୁଖ୍ୟ ନିଯୁକ୍ତ କଲା ଚର୍ଚ୍ଚ ଅଫ୍ ଇଂଲଣ୍ଡ



ସାରା ମୁଲ୍ଲାଲି

ଲଣ୍ଡନ,୩।୧୦

ସାରା ମୁଲ୍ଲାଲିଙ୍କୁ ଶୁକ୍ରବାର କ୍ୟାଣ୍ଟେରବୁରିର ନୂଆ ଆର୍କବିଶପ୍ ଭାବେ ବ୍ରିଟେନ୍ ନିଯୁକ୍ତି ଦେଇଛି। ଚର୍ଚ୍ଚ ଅଫ୍ ଇଂଲଣ୍ଡର ୧,୪୦୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ନେତା ହୋଇଛନ୍ତି। ଏହି ନିଯୁକ୍ତି ସହ ସେ ବିଶ୍ୱବ୍ୟାପୀ ୮୫ ନିୟୁତ ଆଙ୍ଗ୍ଲିକାନ୍‌ଙ୍କ ଔପଚାରିକ ମୁଖ୍ୟ ହୋଇଛନ୍ତି। ତେବେ ମହିଳା ମୁଖ୍ୟଙ୍କ ନିଯୁକ୍ତିକୁ ନେଇ ଆଫ୍ରିକୀୟ ଦେଶଗୁଡ଼ିକର ରକ୍ଷଣଶୀଳ ଚର୍ଚ୍ଚ ଶାଖାଗୁଡ଼ିକରୁ ଧାର୍ମିକ ମତଭେଦ ଆଶଙ୍କା ରହିଛି। ୧୧ ବର୍ଷ ତଳେ ଅଣାଯାଇଥିବା ସଂସ୍କାର ଯୋଗୁ ଜଣେ ମହିଳା ଚର୍ଚ୍ଚ ଅଫ୍ ଇଂଲଣ୍ଡର ମୁଖ୍ୟ ହେବା ସମ୍ଭବ ହୋଇପାରିଛି। ସାରା କ୍ୟାଣ୍ଟେରବୁରିର ୧୦୬ତମ ଆର୍କବିଶପ୍ ହୋଇଛନ୍ତି।

## ଚୋରି ସନ୍ଦେହରେ ପିଟି ହତ୍ୟା

ଲକ୍ଷ୍ନୌ,୩।୧୦

ଉତ୍ତରପ୍ରଦେଶର ରାଏବରେଲିରେ ଡ୍ରୋନ୍ ଚୋର ସନ୍ଦେହରେ ଜଣେ ୨୮ ବର୍ଷୀୟ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଛନ୍ତି। ହରିଓମ୍ ନାମକ ଉକ୍ତ ଯୁବକଙ୍କ ଘର ଫତେପୁର କୋଟ୍‌ୱାଲିରେ। ତାଙ୍କ କ୍ଷତବିକ୍ଷତ ମୃତଦେହ ଗୁରୁବାର ସକାଳେ ଉଞ୍ଚାହାର କୋଟ୍‌ୱାଲି ଅଞ୍ଚଳର ଈଶ୍ୱର ଦାସପୁର ରେଲଷ୍ଟେଶନ ନିକଟରୁ ମିଳିଥିଲା। ଏହି ଘଟଣାରେ ୧୨ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ ହେବା ସହ ୬ ଜଣଙ୍କୁ ଗିରଫ କରାଯାଇଥିବା ଉଞ୍ଚାହାର ସିଓ କହିଛନ୍ତି।

## କଫ ସିରପ୍ ଖାଇ ୧୧ ଶିଶୁଙ୍କ ମୃତ୍ୟୁ ଅଭିଯୋଗ

ନୂଆଦିଲ୍ଲୀ,୩।୧୦

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ନକଲି କଫ ସିରପ୍ ଖାଇ ୧୧ ଶିଶୁଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିଲା। ତେବେ ଉକ୍ତ ସିରପ୍‌ରେ ସେଭଳି କ୍ଷତିକାରକ ଉପାଦାନ ନ ଥିବା ପରୀକ୍ଷାରୁ ଜଣାପଡ଼ିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ଶୁକ୍ରବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଡଭାଇଜରି ଜାରି କରି ଛୋଟ ପିଲାମାନଙ୍କ ପାଇଁ କଫ୍ ସିରପ୍‌ର ତର୍କସଙ୍ଗତ ବ୍ୟବହାର ଲାଗି ପରାମର୍ଶ ଦେଇଛନ୍ତି। ୨ ବର୍ଷରୁ କମ୍ ବୟସର ଶିଶୁଙ୍କୁ କଫ୍ ସିରପ୍ ନ ଦେବା ଏବଂ ୫ ବର୍ଷରୁ କମ୍ ବୟସର ପିଲାଙ୍କୁ କଫ୍ ସିରପ୍ ଖାଇବାକୁ ସାଧାରଣ ଭାବେ ପରାମର୍ଶ ନ ଦେବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।



ମଧ୍ୟପ୍ରଦେଶର ଛିନ୍ଦୱାରାରେ କଫ୍ ସିରପ୍ ଖାଇଥିବା ୯ ଜଣ ଶିଶୁଙ୍କଠାରେ କିଡ୍‌ନୀଜନିତ ଜଟିଳତା ଦେଖାଦେବା ପରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ତେବେ କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) କିମ୍ବା ଇଥାଇଲିନ୍ ଗ୍ଲାଇକୋଲ (ଇଜି) ନ ଥିବା ଜଣାପଡ଼ିଛି। ଏହି ଉପାଦାନ

### ଆଡଭାଇଜରି ଜାରି କଲା କେନ୍ଦ୍ର

କିଡ୍‌ନୀକୁ ଗୁରୁତର କ୍ଷତି ପହଞ୍ଚାଇଥାଏ। ସେହିପରି ରାଜସ୍ଥାନରେ ୨ ଶିଶୁଙ୍କ ମୃତ୍ୟୁ ଘଟଣାରେ ମଧ୍ୟ ନମୁନା ପରୀକ୍ଷାରୁ ପ୍ରୋପାଇଲିନ୍ ଗ୍ଲାଇକୋଲ୍ ମିଳିନାହିଁ, ଯାହାକି ଡିଇଜି କିମ୍ବା ଇଜିର ସମ୍ଭାବ୍ୟ ଉତ୍ସ ହୋଇପାରେ। ତେବେ ଉକ୍ତ ଉତ୍ପାଦଗୁଡ଼ିକ ଡିକ୍ସ୍ଟ୍ରୋମେଥୋର୍ଫାନ୍ ଆଧାରିତ ଫର୍ମୁଲା, ଯାହା ଶିଶୁମାନଙ୍କ ବ୍ୟବହାର ପାଇଁ ସୁପାରିସ କରାଯାଇନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଡ୍‌ଭାଇଜରି ଜାରିକରି ଶିଶୁମାନଙ୍କ କ୍ଷେତ୍ରରେ କଫ୍ ସିରପ୍‌ର ବ୍ୟବହାର ସୀମିତ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ଶିଶୁରୋଗ ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡ. ପୱନ ନନ୍ଦୁର୍‌କର କହିଛନ୍ତି, କୋଲ୍ଡ୍ରିଫ୍ ସିରପ୍ ଉପରେ ତଦନ୍ତ ଚାଲିଥିବାବେଳେ କିଡ୍‌ନୀ କ୍ଷତ ଅନ୍ୟ କାରଣରୁ ହୋଇଥାଇପାରେ। କୋଲ୍ଡ୍ରିଫ୍ ଏବଂ ନେକ୍ସ୍ଟ୍ରୋ ଡିଏସ୍ କଫ୍ ସିରପ୍ ବିକ୍ରିକୁ ଜିଲା ପ୍ରଶାସନ ବନ୍ଦ ରଖିଥିବାବେଳେ ପରୀକ୍ଷା ରିପୋର୍ଟରେ ଉକ୍ତ ସିରପ୍‌ରେ କ୍ଷତିକାରକ ଉପାଦାନ ନ ଥିବା ସ୍ପଷ୍ଟ ହୋଇଛି। ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନର ବୈଜ୍ଞାନିକ ଏବଂ ମଧ୍ୟପ୍ରଦେଶର ଅନ୍ୟ ସଂସ୍ଥାଗୁଡ଼ିକ କଫ୍ ସିରଫ ନମୁନା ସଂଗ୍ରହ କରି ତାହାର ପରୀକ୍ଷା କରିଥିଲେ।

## କରୁର ଦଳାଚକଟାର ସିବିଆଇ ତଦନ୍ତ ଆବେଦନ ହାଇକୋର୍ଟରେ ଖାରଜ

ଚେନ୍ନାଇ,୩।୧୦

ଅଭିନେତାରୁ ରାଜନେତା ହୋଇଥିବା ବିଜୟ ସେପ୍ଟେମ୍ବର ୨୭ରେ ତାମିଲନାଡୁର କରୁରରେ ରାଲି କରୁଥିବାବେଳେ ଦଳାଚକଟା ଘଟି ୪୧ ଜଣଙ୍କ ମୃତ୍ୟୁ ହେବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ଭାଜପା ନେତା ଉମା ଆନନ୍ଦ କରିଥିବା ଆବେଦନକୁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆବେଦନକାରୀଙ୍କୁ ହାଇକୋର୍ଟର ମଦୁରାଇ ବେଞ୍ଚ୍‌ରେ ଆବେଦନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି।

ଦଳାଚକଟା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ହାଇକୋର୍ଟ କହିଛନ୍ତି। ଷ୍ଟାଣ୍ଡାର୍ଡ ଅପେରେଶନ ପ୍ରୋସିଜିଓର (ଏସ୍‌ଓପି) ଜାରି ରହିଥିବା ପର୍ଯ୍ୟନ୍ତ ତାମିଲନାଡୁ ଓ ଏହା ଭିତର ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକରେ ରାଜନୈତିକ ରାଲିକୁ ହାଇକୋର୍ଟ ନିଷେଧ କରିଛନ୍ତି। ବିଜୟଙ୍କ ଦଳ ଟିଭିକେର ନମକ୍କଲ ଜିଲା ସମ୍ପାଦକ ସତୀଶ କୁମାରଙ୍କ ଜାମିନ ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଜୟଙ୍କ ରାଲି ବେଳେ ହସ୍ପିଟାଲରେ ଆକ୍ରମଣ ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଗିରଫ ଆଶଙ୍କାରେ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଫିଲିପାଇନ୍ସରେ ଭୂକମ୍ପ: ୭୨ ମୃତ

ସେବୁ,୩।୧୦

କେନ୍ଦ୍ରୀୟ ଫିଲିପାଇନ୍ସରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୭୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୯୪ ଜଣ ଆହତ ହୋଇଛନ୍ତି। ୮୭ ବିଲ୍ଡିଂ ଏବଂ ୬୦୦ ଘର ଭାଙ୍ଗିଥିବାବେଳେ ୧,୭୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଭୂକମ୍ପର ତୀବ୍ରତା ୬.୯ ଥିଲା। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଭୂକମ୍ପ ହୋଇଥିଲା। ଏଥିରେ ଚେବୁ ପ୍ରଦେଶର କେତେକ ସହର ଏବଂ ବୋଗୋ ସିଟି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ବହୁ ଲୋକ ଭଗ୍ନାବଶେଷ ତଳେ ରହିଯାଇଥିବାବେଳେ ଲଗାଣ ବର୍ଷା ସାଙ୍ଗକୁ ବ୍ରିଜ୍ ଓ ରାସ୍ତା ଭାଙ୍ଗିଯାଇଥିବାରୁ ଉଦ୍ଧାର କାର୍ଯ୍ୟ




ବାଧାପ୍ରାପ୍ତ ହୋଇଥିଲା। ଏବେ ବି ଭଗ୍ନାବଶେଷ ତଳେ ଲୋକେ ରହିଥିବା ଆଶଙ୍କା କରାଯାଉଛି। ବୋଗୋଠାରୁ ଉତ୍ତରପୂର୍ବରେ ୧୯ କିଲୋମିଟର ଦୂର ଏବଂ ୫ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି।

## ୨୦୨୩ରେ ବାଲ୍ୟବିବାହ ୬ ଗୁଣ ବୃଦ୍ଧି

ନୂଆଦିଲ୍ଲୀ,୩।୧୦(ପି.ଟି.)

- ବିବାହ ପାଇଁ ୧୬,୭୩୭ ଝିଅଙ୍କୁ ଅପହରଣ କରାଯାଇଛି
- ଏନ୍‌ସିଆର୍‌ବି ରିପୋର୍ଟ

୨୦୨୨ ତୁଳନାରେ ୨୦୨୩ରେ ବାଲ୍ୟବିବାହ ପ୍ରତିକାର ଆଇନରେ ୬ ଗୁଣ ଅଧିକ ମାମଲା ରୁଜୁ ହୋଇଛି। ମୋଟ ମାମଲାର ୯୦ ପ୍ରତିଶତ କେବଳ ଆସାମରେ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି। ତଥ୍ୟ ଅନୁଯାୟୀ, ୨୦୨୩ରେ ବିବାହ ପାଇଁ ୧୬,୭୩୭ ଝିଅ ଏବଂ ୧୨୯ ଜଣ ପୁଅଙ୍କୁ ଅପହରଣ କରାଯାଇଛି। ୨୦୨୧ରେ ବାଲ୍ୟବିବାହ ପ୍ରତିକାର ଆଇନରେ ୧,୦୫୦ଟି ମାମଲା ରୁଜୁ ହୋଇଥିବାବେଳେ ୨୦୨୨ରେ ୧,୦୦୨ଟି ଏବଂ ୨୦୨୩ରେ ୬,୦୩୮ଟି ମାମଲା ରୁଜୁ ହୋଇଛି। ସେଥିରୁ କେବଳ ଆସାମରେ ୫,୨୬୭ ମାମଲା ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁରେ ସେହିବର୍ଷ ୧୭୪ଟି ମାମଲା, କର୍ନାଟକରେ ୧୪୫ ଏବଂ ପଶ୍ଚିମବଙ୍ଗରେ ୧୧୮ଟି ମାମଲା ରୁଜୁ ହୋଇଛି। ଛତିଶଗଡ଼, ନାଗାଲାଣ୍ଡ, ଲଦାଖ ଏବଂ ଲାକ୍ଷାଦ୍ୱୀପ ଭଳି ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ



୨୦୨୩ର ଏଭଳି ମାମଲା ଆଦୌ ରୁଜୁ ହୋଇନାହିଁ। ୧୮ ବର୍ଷରୁ କମ୍ ବୟସର ଝିଅ ଓ ୨୧ ବର୍ଷରୁ କମ୍ ବୟସର ପୁଅଙ୍କ ବିବାହ ନିଷେଧ କରିବା ପାଇଁ ୨୦୦୬ରେ ବାଲ୍ୟବିବାହ ପ୍ରତିକାର ଆଇନ କାର୍ଯ୍ୟକାରୀ ହୋଇଥିଲା।








# ଏସ୍‌ଆଇ ପରୀକ୍ଷା ଜାଲିଆତିରେ ବଡ଼ବଡ଼ିଆ

ଭୁବନେଶ୍ୱର,(ସତ୍ୟଜିତ ରାଉତ)/ ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)/ କଟକ, ୩।୧୦ (କାର୍ତ୍ତିକ ସାହୁ)

ରାଜ୍ୟରେ ଗୋଟିକ ପରେ ଗୋଟିଏ ପରୀକ୍ଷା ଜାଲିଆତି ଘଟଣା ସାମ୍ନାକୁ ଆସୁଛି। ଏବେ ଖୋଦ୍ ପୋଲିସ ବିଭାଗରେ ଏସ୍‌ଆଇ ପରୀକ୍ଷା ସ୍କାମ୍‌କୁ ନେଇ ଓଡ଼ିଶା ଚର୍ଚ୍ଚାକୁ ଆସିଥିବାବେଳେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି)ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠିଛି। ୩ ଦଲାଲ ଓ ୧୧୪ ଜଣ ପରୀକ୍ଷାର୍ଥୀ ବୁଧବାରଠାରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ବେଳେ ଏହି ବଡ଼ କେଲେଙ୍କାରୀର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ଇତିମଧ୍ୟରେ କଟକ, ଭୁବନେଶ୍ୱରରୁ ଆରମ୍ଭ କରି ବ୍ରହ୍ମପୁର ପର୍ଯ୍ୟନ୍ତ ତନାଘନା ଚାଲିଥିବାବେଳେ ଏଥିରେ ବଡ଼ ଅଧିକାରୀ, କେତେଜଣ ପ୍ରଭାବଶାଳୀ ବ୍ୟକ୍ତି, କୋଚିଂ ସେଣ୍ଟର ମାଲିକ, ଦଲାଲ ସମ୍ପୃକ୍ତ ଥିବା ଅଭିଯୋଗ ଉଠୁଥିବାରୁ କ୍ରାଇମବ୍ରାଞ୍ଚ ସେହି ଦିଗକୁ ନେଇ ତଦନ୍ତ ଜୋର୍‌ଦାର କରିଛି। ତେବେ ତଦନ୍ତକାରୀ ଅଧିକାରୀମାନେ ସେହିପରି କିଛି ତଥ୍ୟ ପାଇଥିବା କୁହାଯାଉଥିବାବେଳେ ଚାକିରି ପାଇଁ ଜଣପିଛା ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଡିଲ୍ ହୋଇଥିଲା ବୋଲି ଜଣାପଡିଛି। କ୍ରାଇମବ୍ରାଞ୍ଚ ଶୁକ୍ରବାର ବ୍ରହ୍ମପୁରରୁ ଆଉ ୩ ଜଣଙ୍କୁ ଉଠାଇ ନେଇଛି। ଗୋଳନ୍ଥରା ଥାନାରେ ସେମାନଙ୍କୁ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପଚରାଉଚରା କରିଥିଲେ। ବହୁ ଘଣ୍ଟା ଧରି ଜେରା କରିବା ପରେ ଡିଜି ଫେରିଥିଲେ। ଆଉ ଜଣେ ଯୁବକଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚରା ପରେ ଛଡ଼ାଯାଇଥିଲା। ଗିରଫ ପରୀକ୍ଷାର୍ଥୀଙ୍କ ଭିତରେ କେତେଜଣ ସରକାରୀ ଚାକିରିଆଙ୍କ ପୁଅ ଥିବା ସୂଚନା ମିଳିଛି। ଜଣେ ଅବସରପ୍ରାପ୍ତ ଜେଲ ଡିଆଇଜିଙ୍କ ପୁଅ ବି ଅଭିଯୁକ୍ତଙ୍କ ତାଲିକାରେ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## 'ଓପିଆର୍‌ବି'ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ

- ଆଉ ୩ଜଣଙ୍କୁ ଉଠାଇ ନେଲା କ୍ରାଇମବ୍ରାଞ୍ଚ, ବ୍ରହ୍ମପୁର ଜେଲରେ ଅଭିଭାବକଙ୍କ ଭିଡ଼
- ଭୁବନେଶ୍ୱରରେ ପଞ୍ଚସଫ୍ଟ ଅଫିସ୍ ସିଲ୍, କଟକରେ ସିଲିକନ ମାଲିକଙ୍କୁ ଜେରା

ମିଳିଥିବା ସୂଚନାନୁସାରେ, ପରୀକ୍ଷା ପାଇଁ ଓପିଆର୍‌ବି ଆଇଟିଆଇ ଲିମିଟେଡ୍‌କୁ ଟେଣ୍ଡର ଦେଇଥିଲା। ଆଇଟିଆଇ ସଂସ୍ଥା ସିଲିକନ୍ ଟେକଲାବ୍ ପ୍ରାଇଭେଟ୍ ଲିଃକୁ ଦାୟିତ୍ୱ ଦେଇଥିଲା। ପରେ ସିଲିକନ୍ ଏହି ପରୀକ୍ଷା ପରିଚାଳନା ପାଇଁ ପଞ୍ଚସଫ୍ଟ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିଃକୁ କାମ ଦେଇଥିଲା। ତେବେ ଏହି ସଂସ୍ଥାଗୁଡିକର କର୍ତ୍ତୃପକ୍ଷମାନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିଛି। ଅପରପକ୍ଷରେ ସିଲିକନ୍ ସଂସ୍ଥାର ମାଲିକ ସୁରେଶ ନାୟକଙ୍କୁ କଟକସ୍ଥିତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଜେରା କରାଯାଉଥିବା ଜଣାପଡିଛି। ତେବେ ଏହି ଘଟଣାରେ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ପ୍ରଚ୍ଛଦ ହାତ ଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଶଙ୍କର ଫେରାର ଥିବା ବେଳେ ତାଙ୍କୁ କ୍ରାଇମବ୍ରାଞ୍ଚ ଧରିବାକୁ ଖୋଜାଖୋଜି ଚଳାଇଛି। ତେବେ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ମୁହଁ ଖୋଲି ନ ଥିବା ବେଳେ ଆଗକୁ ଏଜେନ୍ସି ପକ୍ଷରୁ ସୂଚନା ଦିଆଯିବ ବୋଲି ଜଣାପଡିଛି। ସେପଟେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଡିଏଲଏଫ୍ ସାଇବର ସିଟିର ପ୍ରଥମ ମହଲାରେ ପଞ୍ଚସଫ୍ଟ ଅଫିସ୍ ରହିଥିବା ବେଳେ ଏହାକୁ ଗୁରୁବାର ପୋଲିସ ସିଲ୍ କରିବା ସହ କିଛି ଦସ୍ତାବିଜ୍ ଜବତ କରିଥିବା ସୂଚନା ମିଳିଛି। ତେବେ ପଞ୍ଚସଫ୍ଟ ଅଫିସ ସିଲ୍ ପରେ ଚତୁର୍ଥ ମହଲାରେ ଥିବା ସିଲିକନ୍ ଅଫିସକୁ ମଧ୍ୟ ପୋଲିସ ଯାଇଥିଲା ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଅକ୍ଟୋବର ୫ ଓ ୬ ତାରିଖରେ ପୋଲିସ ଏସ୍‌ଆଇ ପରୀକ୍ଷା ହେବାର ଥିଲା। ତେବେ ସେପ୍ଟେମ୍ବର ୨୯ ରାତିରେ ଗୁପ୍ତ ସୂଚନା ଆଧାରରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ସୀମାରେ ୩ଟି ଏସି ସ୍ଲିପର୍ ବସ୍‌କୁ ପିଛା କରିଥିଲା। ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ୩ଟି ଟିମ୍ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରେ ପହଞ୍ଚି ଉକ୍ତ ୩ଟି ବସ୍ ସହ ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲା। ୧୧୭ ଜଣଙ୍କ ମଧ୍ୟରୁ ୧୧୪ଜଣ ଓପିଆର୍‌ବି ପକ୍ଷରୁ ହେବାକୁ ଥିବା ଏସ୍‌ଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଯାଉଥିଲେ। ଗୁପ୍ତଭାବେ ପ୍ରଶ୍ନପତ୍ର ପାଇବା ପରେ ଭୁବନେଶ୍ୱର ଫେରି ପରୀକ୍ଷା ଦେବା ପାଇଁ ସେମାନଙ୍କ ଯୋଜନା ଥିଲା। ପ୍ରତି ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେଇଥାନ୍ତେ। ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଆଉ ୧୫ ଲକ୍ଷ ଦେବା ପାଇଁ ଚୁକ୍ତି କରିଥିଲେ। ପରୀକ୍ଷା ପୂର୍ବରୁ ପୋଲିସ ଉକ୍ତ ଜାଲିଆତିର ପର୍ଦ୍ଦାଫାଶ କରିଥିଲା। ଏନେଇ ଗୋଳନ୍ଥରା ଥାନାରେ ମାମଲା ରୁଜୁ କରାଯାଇ ୩ ଦଲାଲ ଓ ୧୧୪ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଛି। ପରୀକ୍ଷାର୍ଥୀ ଗିରଫ ହେବା ଖବର ପାଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ସେମାନେ ନିଜ ପିଲାଙ୍କୁ ଭେଟିବା ପାଇଁ ବ୍ରହ୍ମପୁର ଜେଲ ଆଗରେ ଶୁକ୍ରବାର ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା।

# ୧୦ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟା ଅଭିଯୋଗ

ପରଜଙ୍ଗ,୩।୧୦ (ନିଗମାନନ୍ଦ ଦଳବେହେରା)

ସାମାନ୍ୟ ବଚସାକୁ କେନ୍ଦ୍ରକରି ଜଣେ ୧୦ମ ଶ୍ରେଣୀର ଛାତ୍ରଙ୍କୁ ହତ୍ୟାକରି ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନାଠାରୁ ମାତ୍ର ୧ କିମି ଦୂର ଗଣ୍ଡତୈଳାସାହିରେ। ନିକଟସ୍ଥ କାଜୁ ବାଡ଼ିରୁ ଛାତ୍ରଙ୍କ ମୃତଦେହ ଶୁକ୍ରବାର ଅପରାହ୍ନ ୧ଟା ବେଳେ ପୋଲିସ ଜବତ କରିଛି। ମୃତ ଛାତ୍ରଙ୍କ ନାଁ ଚନ୍ଦନ ଖଟୁଆ। ତେବେ ଚନ୍ଦନଙ୍କୁ ହତ୍ୟା କରାଯାଇଥିବା ପରିବାର ସଦସ୍ୟ ଅଭିଯୋଗ କରିଥିବା ବେଳେ ପୋଲିସ ଏହାକୁ ଅସ୍ୱାଭାବିକ ମୃତ୍ୟୁ ଦର୍ଶାଇ କେସ୍ ନଂ. ୨୧/୨୫ରେ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

ଗଣ୍ଡତୈଳାସାହିର ମୃତ ଚନ୍ଦନଙ୍କ ବାପା ଦୀନବନ୍ଧୁ ଖଟୁଆ ଅଭିଯୋଗ କରିଛନ୍ତି, ୬ ମାସ ପୂର୍ବରୁ ସାମାନ୍ୟ ବଚସାକୁ କେନ୍ଦ୍ରକରି ଚନ୍ଦନଙ୍କୁ ପଡ଼ୋଶୀ ରଞ୍ଜନ ଖଟୁଆ ମାଡ଼ମାରି ଲହୁଲୁହାଣ କରିଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ରଞ୍ଜନଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଦେଇଥିଲା। ଜେଲରୁ ଫେରିବା ପରେ ରଞ୍ଜନ ବିଭିନ୍ନ ସମୟରେ ଧମକ ଚମକ ଦେଇଆସୁଥିଲେ। ଶୁକ୍ରବାର ସକାଳେ ରଞ୍ଜନଙ୍କ ଶଳା ପଞ୍ଚୁ ବେହେରା ଚନ୍ଦନଙ୍କ ଘରକୁ ଯାଇ ତାଙ୍କୁ ଡାକିଆଣି କେଉଁଆଡ଼େ ଯାଇଥିଲେ। ତେବେ ମଧ୍ୟାହ୍ନ ସମୟରେ ସାହିକୁ ଯିବା ରାସ୍ତାପାର୍ଶ୍ୱ କାଜୁଗଛରେ ଏକ ଗାମୁଛାରେ ଚନ୍ଦନଙ୍କ ମୃତଦେହ ଝୁଲୁଥିବା ଦୀନବନ୍ଧୁଙ୍କ ସାନଭାଇ କାର୍ତ୍ତିକ ଦେଖିବାକୁ ପାଇଥିଲେ। ସାହିଲୋକ ଓ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଚନ୍ଦନଙ୍କୁ ରଞ୍ଜନ ଓ ପଞ୍ଚୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଗଛରେ ଟାଙ୍ଗିଦେଇଥିବା ଚନ୍ଦନଙ୍କ ବାପା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପରଜଙ୍ଗ ଥାନା ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଅଜୟ ସାମଲ, ଯୁଗଳ ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପଞ୍ଚୁଙ୍କ ଚପଲ, ଚନ୍ଦନଙ୍କ ବେକରେ ବନ୍ଧାହୋଇଥିବା ଗାମୁଛା, ମୋବାଇଲ ଜବତ ହୋଇଛି। ପୋଲିସ ରଞ୍ଜନ ଓ ପଞ୍ଚୁଙ୍କୁ ଅଟକ ରଖିଛି। ଶନିବାର ଜିଲା ସାଇଣ୍ଟିଫିକ ଟିମ୍ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି।

### ୨ ଅଟକ; ଚପଲ, ଗାମୁଛା ଓ ମୋବାଇଲ୍ ଜବତ

# ୯ରେ ପୁଣି ଲଘୁଚାପ

ଭୁବନେଶ୍ୱର,୩।୧୦(ବନ୍ଦନା ସେଠୀ)

ମୌସୁମୀ ଆସିବାଠାରୁ ଏପର୍ଯ୍ୟନ୍ତ ୧୬ଟି ଲଘୁଚାପ ରାଜ୍ୟକୁ ପ୍ରଭାବିତ କରିଛି। ଏବେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ବଙ୍ଗୋପସାଗରରେ ପୁଣି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଅକ୍ଟୋବର ୯ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା କରିଛି ଭାରତୀୟ ପାଣିପାଗ ବିଭାଗ।

ଅନ୍ୟପକ୍ଷରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ବର୍ଷାର ପରିମାଣ କମ୍ ରହିଥିଲେ ହେଁ ରବିବାର ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି। ନବରଙ୍ଗପୁର, ନୂଆପଡ଼ାରେ ପବନ ଓ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।












# ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟାକଲେ ଏବିଡିଓ

ହାଟଡିହୀ/ବଉଳା,୩।୧୦ (ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ)


ଅଭିଯୁକ୍ତ ଦେବୀପ୍ରସାଦ ଜେନା

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ତଅଁର ଗ୍ରାମରେ ଗୁରୁବାର ଜଣେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଅଭିଯୁକ୍ତ ହେଲେ ଦେବୀପ୍ରସାଦ ଜେନା। ସେ ଭଦ୍ରକ ଜିଲା ବନ୍ତରେ ଏବିଡିଓ ଭାବେ କାର୍ଯ୍ୟ କରନ୍ତି। ମାଛଧରା ଜାଲକୁ ନେଇ ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହୁଥିବାବେଳେ ପରକୀୟା ପ୍ରୀତି ଯୋଗୁ ଏହି ଅଘଟଣ ଘଟିଥିବା ମୃତାଙ୍କ ପୁଅ ଅଭିଯୋଗ କରିଛନ୍ତି। ଘଟଣା ପରେ ଦେବୀପ୍ରସାଦ ଫେରାର ଅଛନ୍ତି। ପୁଅ ସତ୍ୟ ପ୍ରକାଶଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏବିଡିଓ ଦେବୀପ୍ରସାଦ ଏବଂ ତାଙ୍କ ସ୍ତ୍ରୀ ସୁଦେଷ୍ଣା (୪୨)ଙ୍କ ମଧ୍ୟରେ ମାଛଧରା ଜାଲକୁ ନେଇ ଗୁରୁବାର ଝଗଡ଼ା ହୋଇଥିଲା। ଦେବୀପ୍ରସାଦ କ୍ରୋଧାନ୍ୱିତ ହୋଇ ଏକ ଟାଙ୍ଗିଆରେ ସୁଦେଷ୍ଣାଙ୍କ ବେକକୁ ଚୋଟ ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଦେଷ୍ଣାଘରେ ପଡ଼ିଥିବା ବେଳେ ପଡୋଶୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ଶାଳନିଆଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ସତ୍ୟ ପ୍ରକାଶ ଗଣମାଧ୍ୟମକୁ ଦେଇଥିବା ବୟାନ ଅନୁସାରେ, ନିଜ କୁଟୁମ୍ବରେ ଅନ୍ୟ ଜଣେ ମହିଳାଙ୍କ ସହ ତାଙ୍କ ବାପାଙ୍କ ପରକୀୟା ପ୍ରୀତି ଥିଲା। ତେଣୁ ବାପାଙ୍କ ଦ୍ୱାରା ମା', ଭଉଣୀ ଏବଂ ସେ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହୋଇଛନ୍ତି। ବାପାଙ୍କର ନିର୍ଯାତନା ବାବଦରେ ବ୍ଲକ୍ ଅଧିକାରୀଙ୍କଠାରୁ ଆରମ୍ଭ କରି ଥାନାରେ ମଧ୍ୟ ପୂର୍ବରୁ ଅନେକ ଥର ଅଭିଯୋଗ କରି କୌଣସି ସୁଫଳ ମିଳିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ପୁଅଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ପୋଲିସ ହତ୍ୟା ମାମଲା (ନଂ. ୨୯୪/୨୦୨୫) ରୁଜୁ କରିଛି। ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରା କହିଛନ୍ତି, ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ଅନୁଧ୍ୟାନ କରାଯାଇଛି। ଅଭିଯୁକ୍ତ ଏବିଡିଓଙ୍କୁ ଧରିବା ପାଇଁ ପ୍ରଚେଷ୍ଟା କରାଯାଉଛି। ବନ୍ତ ବିଡିଓ ସୀତାକାନ୍ତ ରାଉତ କହିଛନ୍ତି, ଏବିଡିଓ ଦେବୀପ୍ରସାଦଙ୍କ ବିଷୟରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ବିନା ଛୁଟି ଦରଖାସ୍ତରେ ଶୁକ୍ରବାର ସେ ବ୍ଲକ୍ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଏ ବାବଦରେ ଜିଲାପାଳଙ୍କୁ ଚିଠି ଜରିଆରେ ଜଣାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବଲ୍ଲଭ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ନିମାପଡ଼ା ପକ୍ଷରୁ ଶତାବ୍ଦୀ ବର୍ଷ ଉଦ୍‌ଘାଟନୀ ଉତ୍ସବ ଓ ସାଧାରଣ ସଭା, ସ୍ଥାନ: ବାରବାଟୀ ପଡ଼ିଆ, ନିମାପଡ଼ା, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା
- ସତ୍ୟାନନ୍ଦ ଚମ୍ପତିରାୟଙ୍କ ୯୯ତମ ଜୟନ୍ତୀ, ସ୍ଥାନ: ଶ୍ୟାମମାଧବ ବାସନ୍ତୀ ପାଠାଗାର, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଅଲ ଓଡ଼ିଶା ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡ଼ିୟମ୍, ବାଲେଶ୍ୱର, ସମୟ: ସକାଳ ୯ଟା।
- ପ୍ରବଚନ ସଭା ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ସାଂସଦ କ୍ରୀଡା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ପାଟଣା ବ୍ଲକ୍ କେନ୍ଦେଇପଶି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ମେଲୋଡି ନାଇଟ୍ସ, ସ୍ଥାନ: ତୁଳସୀଚଉରା, ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- ସାଂସ୍କୃତିକ କାର୍ଯ୍ୟକ୍ରମ ମହାଭାରତ, ସ୍ଥାନ: କ.ନୂଆଗାଁ, ସମୟ: ଅପରାହ୍ନ ୪ ଟା ।

## ଢେଙ୍କାନାଳ
- ସ୍ୱଚ୍ଛତା ପରିଚାଳନା ସମ୍ପର୍କିତ ବୈଠକ, ସ୍ଥାନ: ପୁରୁଣା ଜିଲା ପରିଷଦ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସତ୍ୟ ସାଇବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ଼ ସହର ଓ ନୟାଗଡ଼ ସହରର ଆଖପାଖରେ ଥିବା ନୟାଗଡ଼ ବ୍ଲକର ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ୩୭ତମ ବାର୍ଷିକ ଚାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଜିଲାର ପଙ୍ଗାରସିଂହ ବନାମ ଆୟୋଜକ ବନମାଳୀପୁର ଆଞ୍ଚଳିକ ସ୍ପୋଟସ ଟିମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳୀପୁର ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ମନୁ ଜ୍ୟୋତି ଆଶ୍ରମ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରସାଦ ଟେକ୍ନୋ ସ୍କୁଲ, ରାୟଗଡ଼ା, ସମୟ : ଅପରାହ୍ନ ୪ଟା ।

## ନବରଙ୍ଗପୁର
- ଆୟାପ୍ପା ସ୍ୱାମୀ ଭକ୍ତମାନଙ୍କ ଦୀକ୍ଷା ଗ୍ରହଣ, ସ୍ଥାନ: ଡାବୁଗାଁ ଶିବ ମନ୍ଦିର, ସମୟ: ପ୍ରାତଃ ୫ଟା।

## କୋରାପୁଟ
- ଦସ୍ତଖତ ସଂଗ୍ରହ ଅଭିଯାନ, ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ମନ୍ଦିର ପରିଚାଳନା ପାଇଁ ଦେବୋତ୍ତର ବିଭାଗର ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ରାବଣ ପୋଡ଼ି ସହ ଆତସବାଜି କାର୍ଯ୍ୟକ୍ରମ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ସନ୍ଧ୍ୟା ୭ଟା।
- ନାଲ୍‌କୋରେ ରାବଣ ପୋଡ଼ି ଉତ୍ସବ, ସ୍ଥାନ: ବିଆର୍ ଆମ୍ବେଡକର ଷ୍ଟାଡିୟମ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ମାଲକାନଗିରି
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ଜିଲା ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଭୀମ ଆର୍ମିର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ବଲାଙ୍ଗୀର
- ପ୍ରଥମ ଜିଲାସ୍ତରୀୟ ସୁଟିଂ କ୍ୟାମ୍ପ ଏବଂ ପ୍ରତିଯୋଗିତା ୨୦୨୫ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ସମଲେଶ୍ୱର ମନ୍ଦିରରୁ ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୮ଟା ।
- ରଚନା ପକ୍ଷରୁ ମନୋଜ କୁମାର ପଣ୍ଡା ସ୍ମାରକୀ ବକ୍ତୃତା ଓ ସର୍ଜନ ପୁରସ୍କାର ସମାରୋହ, ସ୍ଥାନ: ସରୋଜିନୀ ରେସିଡେନ୍ସି ସଭାଗୃହ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ୩୦ ।

## ରାଉରକେଲା
- ଶନିଦେବ ପୀଠରେ ସାମୂହିକ ଯଜ୍ଞ, ସ୍ଥାନ: ଉଦିତନଗର ଶନି ମନ୍ଦିର, ସମୟ: ସକାଳ ୬ଟା।
- ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ସଫେଇ ଅଭିଯାନ, ସ୍ଥାନ: ଡିଏଭି ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା ଦ୍ୱାଦଶୀ, ସ୍ଥାନ: ସେକ୍ଟର-୧, ସମୟ: ଅପରାହ୍ନ ୧ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଇଡିଏଲ୍ ସମାଜ ମଙ୍ଗଳ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୩ଟା।
- ଶ୍ରେଷ୍ଠ ଓଡିଆଣୀ ସିଜନ-୩ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨ ସେହନାଇ ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୭ ଅନୁଷ୍ଠାନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ଅଷ୍ଟାଦଶ ହେମନ୍ତ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ପପଙ୍ଗା ପାହାଡ଼, ଭେଡେନ, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା'ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଡ୍ୟାନ୍ସ ଧମାକା, ସ୍ଥାନ: ଜୁନାଗଡ଼ ବ୍ଲକ ପିଲିକିଆ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ବଞ୍ଜାରୀ ଦେବୀଙ୍କ ଶାରଦୀୟ ପୂଜା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରି ମନ୍ଦିର, ସମୟ: ଅପରାହ୍ନ ୪ଟା।

# ଭୂସ୍ଖଳନରେ ଧସିଲା ପାହାଡ଼, ୨ ମୃତ

## ମାଟି ତଳେ ବାପ ପୁଅ ଚାପିହୋଇ ରହିଥିବା ସନ୍ଦେହ

**ପାରଳାଖେମୁଣ୍ଡି/ରାୟଗଡ଼ (ଗଜପତି) ୩।୧୦(ଗିରିଧାରୀ ପରିଚ୍ଛା /ଜ୍ୟୋତି ପ୍ରସାଦ ପାଣି)**

ଗଜପତି ଜିଲା ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ବିଳମ୍ବିତ ରାତିରୁ ଗୁରୁବାର ଅପରାହ୍ନ ପର୍ଯ୍ୟନ୍ତ ହୋଇଥିବା ପ୍ରବଳ ବର୍ଷା ଯୋଗୁ ବ୍ଲକର ବିଭିନ୍ନ ସ୍ଥାନରେ ବହୁ କ୍ଷୟକ୍ଷତି ଘଟିଛି। ମାର୍ଲବା ପଞ୍ଚାୟତ ପେକଟ ଗ୍ରାମ ନିକଟରେ ଥିବା ବାଘମରା ପାହାଡ଼ରୁ ଭୂସ୍ଖଳନ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବସ୍ତ୍ରିଗୁଡା ପଞ୍ଚାୟତର ତ୍ରିନାଥ ନାୟକ ଓ ମେରାପଲ୍ଲି ପଞ୍ଚାୟତର ଲକ୍ଷ୍ମଣ ନାୟକ। ଭୂସ୍ଖଳନରେ ଗୋଟିଏ ପରିବାରର ବାପ ପୁଅ ନିଖୋଜ ରହିଛନ୍ତି। ସେମାନେ ହେଲେ ପେକଟ ଗାଁର କାର୍ତ୍ତିକ ଶବର (୭୦) ଓ ତାଙ୍କ ପୁଅ ରାଜିକ ଶବର। ଏମାନେ ମାଟି ତଳେ ଚାପିହୋଇ ରହିଥିବା ସନ୍ଦେହ କରାଯାଉଛି। କାର୍ତ୍ତିକ ଓ ରାଜିକ ନିଜ ଜମିରେ କାମ କରୁଥିବା ବେଳେ ଅଚାନକ ପ୍ରବଳ ବର୍ଷା ହୋଇଥିଲା। ଫଳରେ ନିକଟରେ ଥିବା ନାଳରେ ପ୍ରଖର ସ୍ରୋତରେ ପାଣି ଆସିବା ସହ ପାହାଡ଼ ଧସିଯାଇଥିଲା । ଫଳରେ ବାପପୁଅ ଦୁଇ ଜଣ ମାଟି ତଳେ ଚାପି ହୋଇ ରହି ଯାଇଥିବା ଆଶଙ୍କା କରାଯାଉଛି । ଖବରପାଇ ଗ୍ରାମବାସୀ ସଙ୍ଗେସଙ୍ଗେ ଉଭୟଙ୍କୁ ଖୋଜାଖୋଜି କରି ନ ପାଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଶୁକ୍ରବାର ସନ୍ଧ୍ୟା ହୋଇଯିବା ଏବଂ ପ୍ରବଳ ବର୍ଷା ଯୋଗୁ ଏଥିରେ ବାଧା ସୃଷ୍ଟି ହୋଇଛି। ଭୂସ୍ଖଳନ ଯୋଗୁ ରାୟଗଡ଼ଠାରୁ ନୂଆଗଡ଼ ଓ ଆର. ଉଦୟଗିରି ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ଗଜପତି ଜିଲାପାଳଙ୍କ ସହ


ଭୂସ୍ଖଳନ ସ୍ଥଳ

ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଜେନା ଘଟଣା ସ୍ଥଳ ପରିଦର୍ଶନ କରିବା ସହ ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଏଥିସହ ଗଜପତି ଜିଲାର ଉକ୍ତ ରାୟଗଡ଼ ବ୍ଲକ ସବୁବେଳେ ଭୂସ୍ଖଳନ ପ୍ରପୀଡ଼ିତ ଅଞ୍ଚଳ ଭାବେ ପରିଚିତ ହେଲାଣି, ଏହି ସମସ୍ୟା ଆଗକୁ ରୋକିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଛନ୍ତି। ଲଘୁଚାପଜନିତ ଲଗାଣ ବର୍ଷାରେ ବ୍ଲକର ପେକଟ, ମହେନ୍ଦ୍ରଗିରି ଆଦି ସ୍ଥାନରେ ଭୂସ୍ଖଳନ ହୋଇଥିବା ଖବର ମିଳିଛି। ବିଭିନ୍ନ ଜନବସତିରେ ବନ୍ୟା ଜଳ ପ୍ରବେଶ କରିଛି । ମହେନ୍ଦ୍ରଗିରି ବୁଲିବାକୁ ଆସି ଫସି ରହିଥିବା ୨୪ଜଣ ପର୍ଯ୍ୟଟକଙ୍କୁ ବୁଧବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ସେମାନଙ୍କୁ ଗାରାବନ୍ଧ ଥାନାରେ ରଖାଯାଇଥିଲା। ମନ୍ତ୍ରୀ ଜେନା ସେଠାରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ନିଜ ଗନ୍ତବ୍ୟ ସ୍ଥଳକୁ ପଠାଇଛନ୍ତି। ସେହିପରି ଶୁକ୍ରବାର ଭୋର ସମୟରେ ମନ୍ତ୍ରୀ ଜେନା ପେକଟ ଗାଁକୁ ଯାଇ ସ୍ଥିତି ପରଖିବା ସହ ନିଖୋଜ ବାପପୁଅଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇ ନିଖୋଜ ବାପପୁଅଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅଗ୍ନିଶମ ବିଭାଗ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଖୋଜା କାର୍ଯ୍ୟ ଜାରି ରହିଛି। ସେହିପରି ଅଞ୍ଚଳରେ ଯୋଗାଯୋଗକୁ ସ୍ୱାଭାବିକ କରିବାକୁ ରାସ୍ତା ସଫା କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଘଟଣାସ୍ଥଳରେ ମନ୍ତ୍ରୀ ଜେନାଙ୍କ ସମେତ ଉପଜିଲାପାଳ ଅନୁପ ପଣ୍ଡା, ଆଇଟିଡିଏ ପିଏ ଅଂଶୁମାନ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଟିଡିସିସି ନିର୍ଦ୍ଦେଶକ, ଅନ୍ତର୍ଯାମୀ ଗମାଙ୍ଗ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ସରପଞ୍ଚ ଜଳନ୍ଧର କାର୍ଜି, ସମିତି ସଭ୍ୟା ପାର୍ବତୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

**ଭୁବନେଶ୍ୱର,୩।୧୦(ରବିନାରାୟଣ ଜେନା)**

ଗଜପତି ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନରେ ବସ୍ତ୍ରୀଗୁଡା ଗ୍ରାମପଞ୍ଚାୟତର ତ୍ରିନାଥ ନାୟକ (ପିତା-କାର୍ତ୍ତିକ ନାୟକ) ଏବଂ ମେରିପଲ୍ଲୀ ଗ୍ରାମପଞ୍ଚାୟତର ଲକ୍ଷ୍ମଣ ନାୟକ(ପିତା-କାନ୍ତାରୁ ନାୟକ)ଙ୍କ ପ୍ରାଣହାନି ଘଟିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଗଜପତି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଙ୍ଗ କଉଡ଼ି ଭଙ୍ଗରେ ଯାଏ**
**ଚିତା କଉଡ଼ି ସଙ୍ଗରେ ଯାଏ ।**

ସାଧାରଣତଃ ନିଜ ଦ୍ୱାରା ଉପାର୍ଜିତ ହୋଇଥିବା ସମସ୍ତ ଧନ ସମ୍ପତ୍ତି ନିଜ ମୃତ୍ୟୁ ପରେ ଅନ୍ୟମାନେ ହିଁ ଭୋଗ କରିଥାନ୍ତି। କେବଳ ଅର୍ଜିଥିବା ଯଶ ବା ସୁନାମ ହିଁ ସାଙ୍ଗରେ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅସଙ୍ଗ ମଙ୍ଗ ମଙ୍ଗିତା**
**ଅସଙ୍ଗ ସାଙ୍ଗେ ସାଙ୍ଗ ହେଲେ,**
**କାଠ ଘଣ୍ଟ ଲମ୍ବିତା ।**

ଉତ୍ତମ ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା କରିବା ସବୁଠାରୁ ବୁଦ୍ଧିମାନ୍‌ର କାର୍ଯ୍ୟ। ସେମାନଙ୍କର ସୁପରାମର୍ଶ ଅନେକ ପ୍ରକାରର ବିପଦରୁ ରକ୍ଷା କରିଥାଏ। ପରନ୍ତୁ କୁ -ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟକୁ ହିଁ ଅର୍ଜିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


## ପ୍ରଥମ ପୃଷ୍ଠାରୁ...

### ପ୍ରସ୍ତୁତ ରୁହ...

ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଅନେକ ଆତଙ୍କବାଦୀ ନିହତ ହେବା ସହ ସେମାନଙ୍କ ଭିତ୍ତିଭୂମି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ସେବେଠୁ ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ବାକ୍‌ଯୁଦ୍ଧ ଜାରି ରହିଥିବାବେଳେ ଗୁଜରାଟର ରଣନୈତିକ କ୍ଷେତ୍ର ସାର୍ କ୍ରିକ୍‌ରେ ପାକିସ୍ତାନୀ ସେନାର ସାମରିକ ଗତିବିଧି ବୃଦ୍ଧି ନେଇ ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚେତାବନୀ ଦେଇଥିଲେ। ପାକିସ୍ତାନୀ ସେନା ଏହି ଅଞ୍ଚଳରେ ଅତିକ୍ରମଣ ଉଦ୍ୟମ କଲେ ଭାରତ ଏପରି ଜବାବ ଦେବ ଯେ ପାକିସ୍ତାନର ଇତିହାସ ଓ ଭୂଗୋଳ ବଦଳିଯିବ ବୋଲି ରାଜନାଥ କହିଥିଲେ। ଏହାର ଦିନକ ପରେ ସ୍ଥଳସେନା ମୁଖ୍ୟ ଜେନେରାଲ ଦ୍ୱିବେଦୀ ରାଜସ୍ଥାନର ଅନୁପଗଡ଼ରୁ ଇସ୍‌ଲାମାବାଦକୁ କଡ଼ା ଚେତାବନୀ ଦେଇଛନ୍ତି। ଦ୍ୱିବେଦୀ କହିଛନ୍ତି, ଭାରତୀୟ ବଳ ଏଥର ଆଉ ଅପରେଶନ୍ ସିନ୍ଦୂର ୧.୦ ଭଳି ସଂଯମ ହେବ ନାହିଁ। ପାକିସ୍ତାନ ଭୂଗୋଳରେ ରହିବାକୁ ଚାହେଁ କି ନାହିଁ ତାହା ସ୍ଥିର କରୁ। ଯଦି ରହିବାକୁ ଚାହେଁ ତେବେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ବନ୍ଦ କରିବା ଜରୁରୀ। ଯବାନମାନଙ୍କୁ ସମ୍ବୋଧନ ବେଳେ ଦ୍ୱିବେଦୀ ଆହୁରି କହିଛନ୍ତି, ଯଦି ଭଗବାନଙ୍କ ଇଚ୍ଛା ଥିବ, ତେବେ ଆପଣମାନେ ଶୀଘ୍ର ଏକ ସୁଯୋଗ ପାଇବେ। ଏଥିପାଇଁ ପ୍ରସ୍ତୁତ ରୁହନ୍ତୁ।

### ୧୨ ପାକିସ୍ତାନୀ ...

ସମ୍ପର୍କରେ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ବାୟୁସେନା ମୁଖ୍ୟ ଦେଇନାହାନ୍ତି। ପୂର୍ବରୁ ଭାରତ ନିଜର କେତୋଟି ଯୁଦ୍ଧବିମାନ ହରାଇଥିବା ନେଇ ସ୍ୱୀକାର କରିଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ସଂଖ୍ୟା କହି ନ ଥିଲା। ବାୟୁସେନା ମୁଖ୍ୟଙ୍କ ସଦ୍ୟ ଦାବିକୁ ନେଇ କଂଗ୍ରେସ ସମାଲୋଚନା କରିଛି। ଉତ୍ତର ପ୍ରଦେଶ କଂଗ୍ରେସ ସଭାପତି ତଥା ବାରାଣସୀରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଅଜୟ ରାୟ କହିଛନ୍ତି, 'ଅପରେଶନ ସିନ୍ଦୂର'କୁ ନେଇ କିଛି ଗଡ଼ବଡ଼ ରହିଛି। ଏହି ସାମରିକ ଅଭିଯାନ ସମ୍ପର୍କରେ ସେନାର ଶୀର୍ଷ ଅଧିକାରୀମାନେ ଭିନ୍ନ ପ୍ରକାର ମନ୍ତବ୍ୟ ଦେଉଛନ୍ତି, ଯହିଁରୁ ଅପରେଶନର ତ୍ରୁଟି ସାମ୍ନାକୁ ଆସୁଛି।


ଚୌଦ୍ୱାର ଜେଲ ପାଚେରି ଡେଇଁ ଚମ୍ପଟ ମାରିଥିବା ୨ କଏଦୀ (ଇନ୍‌ସେଟ୍) ।

### ଚୌଦ୍ୱାର ଜେଲରୁ ...

ଜୋନ୍୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଆଇଆଇସି ଦୀପ୍ତିକାନ୍ତ ଖଣ୍ଡାୟତରାୟ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ପ୍ରାଥମିକ ତଦନ୍ତ କରିଛନ୍ତି। କମିଶନରେଟ୍ ପୋଲିସ ପକ୍ଷରୁ ଉଭୟଙ୍କ ବିଷୟରେ ସୂଚନା ଦେବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ପ୍ରାୟ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ତଦନ୍ତ ପରେ ଗଣମାଧ୍ୟମକୁ ତଥ୍ୟ ଲୁଚାଇବା ପାଇଁ ଜୋର୍‌ଦାର ପ୍ରୟାସ କରାଯାଇଛି। ବ୍ୟବହାର ପାଇଁ ଦିଆଯାଇଥିବା ଏକ କମ୍ବଳକୁ କାଟି ତାହାକୁ ରଶି କରି ଉଭୟ ପାଚେରି ଡେଇଁ ଫେରାର ହୋଇଯାଇଥିଲେ ବୋଲି ଜେଲ୍ ଡିଜି ନାଥ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଖଣ୍ଡେ ୨ରୁ ୩ ଫୁଟର କାଠରେ ୩ ଗାମୁଛା ଓ ଗୋଟିଏ ପ୍ୟାଣ୍ଟ ବାନ୍ଧି ମଝିରେ ମଝିରେ ଗଣ୍ଠି ପକାଇ ୨ଟି ପାଚେରି ଡେଇଁ କଏଦୀ ଫେରାର ହୋଇଯାଇଥିବା ଦେଖିବାକୁ ମିଳିଛି। ଏତେ ସମୟ ତଦନ୍ତ କରି ମଧ୍ୟ କଏଦୀ ଫେରାର ଥିବା ସ୍ଥାନକୁ ଡିଜି ନା ଅନ୍ୟ ବରିଷ୍ଠ ଅଧିକାରୀ ଯାଇ ନ ଥିବା କୁହାଯାଉଛି।

ସୂଚନା ମୁତାବକ, ଶୁକ୍ରବାର ଭୋର୍ ପ୍ରାୟ ୫ଟାରେ ଜେଲ କଲୋନୀର କେତେଜଣ ବ୍ୟକ୍ତି ମର୍ନିଂ ୱାକ କରୁଥିବା ବେଳେ କଲୋନୀ ପଟ ଜେଲ ଉଚ୍ଚ ପାଚେରିରୁ ଏକ କାଠ ଫାଳିଆ ସହାୟତାରେ ୩ଟି ଗାମୁଛା ଓ ଗୋଟିଏ ପ୍ୟାଣ୍ଟ ରଶି ପରି ତଳକୁ ଝୁଲିଥିବା ଦେଖିବାକୁ ପାଇଥିଲେ। ସେମାନେ ଏନେଇ ଜେଲ କର୍ତ୍ତୃପକ୍ଷ ଓ ସୁରକ୍ଷା କର୍ମଚାରୀଙ୍କୁ ଜଣାଇଥିଲେ। ସୁରକ୍ଷାକର୍ମୀ ଲକ୍‌ଅପ୍ ଯାଞ୍ଚ କରିବାରୁ ଜଣାପଡ଼ିଥିଲା ଯେ, ପାଣିକୋଇଲି ସୁନା ଅଳଙ୍କାର ଲୁଟ୍ ଓ ୨ଜଣଙ୍କୁ ଗୁଳି କରି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ୨ ବିହାରୀ କଏଦୀ ଖସି ପଳାଇଛନ୍ତି। ଏ ନେଇ ଜେଲ କର୍ତ୍ତୃପକ୍ଷ ଚୌଦ୍ୱାର ଥାନା ଅଧିକାରୀଙ୍କୁ ଅବଗତ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା।

ସୂଚନାଥାଉ କି ଗିରଫ ସମୟରେ ଜେଲ ଚାରିକାନ୍ଥ ସେମାନଙ୍କୁ ରଖି ପାରିବନି ବୋଲି କହି ଓଡ଼ିଶା ପୋଲିସକୁ ଚାଲେଞ୍ଜ କରିବା ଏବଂ କଟକ ବଡ ମେଡିକାଲ କର୍ମଚାରୀଙ୍କୁ ହତ୍ୟା କରିବାକୁ ଧମକ ଦେବାର ଭିଡିଓ ଭାଇରାଲ ହେଉଛି। ଚୌଦ୍ୱାର ଜେଲକୁ ସ୍ଥାନାନ୍ତର ହେବାର ଗତ ୯ ମାସ ମଧ୍ୟରେ ସେମାନେ ଜେଲରୁ ୨ ଥର ଖସିବାକୁ ଯୋଜନା କରିଥିଲେ। ଗତ ଜୁଲାଇ ୨୧ରେ ରାତିରେ ୨ଟି ଆରି ବ୍ଲେଡ୍‌ରେ ସେଲ୍ କାଟି ଖସି ଯାଉଥିବା ସମୟରେ ଧରାପଡ଼ିଥିଲେ। ଏ ନେଇ ଜୁଲାଇ ୨୨ରେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୪୩୩/୨୫) ରୁଜୁ କରିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶରେ ଚନ୍ଦ୍ର ପାପଗ୍ରହ ରାହୁଙ୍କ ଦ୍ୱାରା କବଳିତହୋଇ ପାରିବାରିକ ଜୀବନରେ ବ୍ୟତିକ୍ରମ ସୃଷ୍ଟି କରିପାରନ୍ତି। ଭୁଲ୍ ନିଷ୍ପତ୍ତିଜନିତ ସମସ୍ୟା ସୃଷ୍ଟି ସାମାଜିକ ଜୀବନକୁ ମଧ୍ୟ ପ୍ରଭାବିତ କରିପାରେ। ଅବଶ୍ୟ ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇଲେ ମଧ୍ୟ ମାନସିକ ଅସ୍ଥିରତା ମଧ୍ୟରେ ସମୟ କଟିବ।

**ବୃଷ** ଭଲ ରୂପେ ନ ବୁଝି ନ ଶୁଝି କୌଣସି କଥାରେ ହଁ ଭରିବା ନୂତନ ସମସ୍ୟାକୁ ଆମନ୍ତ୍ରଣ କରିପାରେ। ବୃହସ୍ପତିଙ୍କ ପ୍ରଭାବରୁ କାମଟି ପୂର୍ଣ୍ଣାଙ୍ଗ ହେଲେ ମଧ୍ୟ ଏଥିପାଇଁ ସାମାନ୍ୟ ହଇରାଣ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟାଜନିତ ପରିସ୍ଥିତିକୁ ଯେତିକି ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ।

**ମିଥୁନ** ପାପଗ୍ରହ ପ୍ରଭାବରେ ବିବାଦୀୟ ମନ୍ତବ୍ୟ ଦେଇ ଘରେ କିମ୍ବା ବାହାରେ ସମାଲୋଚନାର ପାତ୍ର ହେବାକୁ ପଡ଼ିବ। ସତର୍କତା ଅଭାବରୁ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ଆପଣଙ୍କ ଅନୁରୋଧକୁ ଉପେକ୍ଷା କରି ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ଆପଣଙ୍କ କଥାରେ ହଁ ଭରିବ।

**କର୍କଟ** ପାପଗ୍ରହଯୁକ୍ତ ରାଶ୍ୟାଧିପ ଚନ୍ଦ୍ର ଏକାଧାରରେ ଦୈହିକ ଏବଂ ମାନସିକ ସ୍ଥିତିକୁ କମ୍‌ଜୋର କରିପାରେ। କର୍ମକ୍ଷେତ୍ରରେ ଦାୟିତ୍ୱବୋଧର ଚାପ ବୃଦ୍ଧି ପାଇବା ସାଙ୍ଗକୁ ପରିବାର ସକାଶେ ଆଦୌ ସମୟ ଦେଇପାରିବେ ନାହିଁ। ପରିସ୍ଥିତିର ତାଡ଼ନାରେ ଅଥବା ବାଧ୍ୟବାଧକତାରେ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** ଦୁର୍ବଳ ରବିଙ୍କ ଜନିତ ସମସ୍ୟା ସମାଧାନର ପନ୍ଥା ଖୋଜି ପାଇବାରେ ଅସୁବିଧା ଅନୁଭବ କରିବେ। କୌଶଳପୂର୍ଣ୍ଣ କାର୍ଯ୍ୟପଦ୍ଧତି ଯୋଗୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି କଥାଟି କଥାରେ ହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିପାରେ।

**କନ୍ୟା** କର୍ମାଧିପତିଙ୍କ ସବଳତା କାରଣରୁ ନିଜ ଲୋକମାନେ ଯେତେ ବିରୁଦ୍ଧାଚରଣ କଲେ ମଧ୍ୟ କିଛି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଏବଂ ବିଜ୍ଞ ବ୍ୟକ୍ତିମାନଙ୍କ ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା** ଭାଗ୍ୟାଧିପ ରାଶିରେ ଥିବାରୁ କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ସହଯୋଗର ଅଭାବ ରହିବନାହିଁ। ଆଜି ଅର୍ଥ ସଙ୍କଟକୁ ଦୂରେଇବାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅତୀତରୁ ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ବିଛା** ଆଜି କୌଣସି କାମ ଅଟକିରହିବ ନାହିଁ, କିନ୍ତୁ ପୂର୍ଣ୍ଣାଙ୍ଗ ମଧ୍ୟ ନ ହୋଇପାରେ। ଯାତ୍ରା କାଳରେ ପରିବହନରେ କିମ୍ବା ବ୍ୟବସାୟରେ ତର୍କବିତର୍କର ସମ୍ମୁଖୀନ ହୋଇପାରନ୍ତି। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଅବଶ୍ୟ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ଧନୁ** ବୁଧଙ୍କ ପ୍ରଭାବରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ସହାୟତାରୁ ଉପକୃତ ହେବେ। କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି ତଥାପି ନିରାଶ ହେବାକୁ ପଡ଼ିବ ନାହିଁ। ପରିଜନମାନଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର** କେତୁଯୁକ୍ତ କର୍ମାଧିପ ହେତୁ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଆଜିର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବା ଆଶଙ୍କା ରହିଛି। ଆଲୋଚନା ପରିସରରେ ବାକ୍ ସଂଯମ ନିତାନ୍ତ ଜରୁରୀ ନହୁବା ପରେ ଅନୁତାପ କରିବାକୁ ପଡ଼ିପାରେ।

**କୁମ୍ଭ** ଆପଣଙ୍କୁ ବିରୋଧ କରୁଥିବା ବ୍ୟକ୍ତିମାନେ ପରିସ୍ଥିତି ପ୍ରତି ଗୁରୁତ୍ୱ ଦେଇ ଦୂରେଇରହିବା ଉପକ୍ରମ କରିପାରନ୍ତି। ଶନିଙ୍କ ଯୋଗୁ ପରିବର୍ତ୍ତନର ସ୍ୱର ଓ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟିକରିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବ। ବିଭିନ୍ନ ସୂତ୍ରରୁ ରୋଜଗାରକରି ଋଣ ପରିଶୋଧର ଯୋଜନା କରିପାରନ୍ତି।

**ମୀନ** ରାହୁଯୁକ୍ତ ଚନ୍ଦ୍ର ଏବଂ କେନ୍ଦ୍ରସ୍ଥ ବୃହସ୍ପତିଙ୍କ ସ୍ଥିତିଜନିତ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହାର ପୁନର୍ବିଚାର କରିବା ଭଲ। କର୍ମକ୍ଷେତ୍ରର ଦାୟିତ୍ୱ ନିଭାଇବାକୁ ଯାଇ କଠୋର ପରିଶ୍ରମ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିବେ।

ଆଜି ଅକ୍ଟୋବର ୪ ତାରିଖ, ବିଶ୍ୱ ପଶୁକଲ୍ୟାଣ ଦିବସ, ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ ଶନିବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଦିବା ଘ.୦୯।୦୮ ଗତେ ଶତଭିଷା/କୁମ୍ଭ। ସକାଳ ଘ.୦୭।୧୬ ଗତେ, ଘ.୦୮।୩୮ ମଧ୍ୟେ, ଘ.୧୧।୫୮ ମି. ଗତେ, ଘ.୦୮।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ. ୦୮।୩୮ ମି. ଗତେ, ଘ.୧୦।୦୬ ମି. ମଧ୍ୟେ ରାହୁକାଳ ।



ମା'ଙ୍କୁ ମେଲାଣି: ଭୁବନେଶ୍ୱରସ୍ଥିତ କୁଆଖାଇ ନଦୀରେ ପ୍ରସ୍ତୁତ କରାଯାଇଥିବା ଅସ୍ଥାୟୀ ପୋଖରୀରେ ଶୁକ୍ରବାର ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

# ପର୍ଯ୍ୟବେକ୍ଷକ ତାଲିକାରେ ମନୀଷ ଓ ମାନସୀ

ଭୁବନେଶ୍ୱର,୩।୧୦
(ରବିନାରାୟଣ ଜେନା)

ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିହାର ନିର୍ବାଚନ ସମେତ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ଉପନିର୍ବାଚନ ଲାଗି ପର୍ଯ୍ୟବେକ୍ଷକ ତାଲିକାରେ ଓଡ଼ିଶାର ୨ଜଣ ନୂତନ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ଅଧିକାରୀ ସାମିଲ ହୋଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ପକ୍ଷରୁ ଆୟୋଗଙ୍କୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ଦୁଇଜଣ ଆଇଏଏସ୍ ଅଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ଦୁଇଜଣ ନୂତନ ଅଧିକାରୀ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ମାନସୀ ନିମ୍ଭଲ ଓ ଗୋପବନ୍ଧୁ ଏକାଡେମୀର ଉପମହାନିର୍ଦ୍ଦେଶକ ମନୀଷ ଅଗ୍ରୱାଲଙ୍କୁ ସାମିଲ କରାଯାଇଛି। ଉକ୍ତ ଦୁଇ ଅଧିକାରୀ ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଗଙ୍କ ପକ୍ଷରୁ ଅନୁଷ୍ଠିତ ପର୍ଯ୍ୟବେକ୍ଷକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାଯାଇଛି।

ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି, ବିହାର ନିର୍ବାଚନ ସମେତ ଉପନିର୍ବାଚନ ପାଇଁ ଓଡ଼ିଶା ସିଇଓଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସିଇଓଙ୍କ ପ୍ରସ୍ତାବକ୍ରମେ ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନଙ୍କୁ ପର୍ଯ୍ୟବେକ୍ଷକ ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ଏହି ଦୁଇ ନୂତନ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନାରେ ସାମିଲ କରାଯାଇଛି।

# ଜାମୁକା ମୁହାଣରେ ମୃତ ଡଲଫିନ

ବାହାନଗା,୩।୧୦(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଗୋପାଳପୁର ଥାନା ଅଧୀନ ତାଳପଦା ସମୁଦ୍ରକୂଳ ଜାମୁକା ମୁହାଣରେ ପଡିଛି ମୃତ ଡଲଫିନ। ଶୁକ୍ରବାର ପ୍ରାତଃ ୫ଟା ବେଳେ ଧୀବରମାନେ ସମୁଦ୍ରରୁ ମାଛ ମାରି ମୁହାଣ ନିକଟକୁ ଫେରିଲା ବେଳେ ଜାମୁକା ମୁହାଣ ବାଲି ଉପରେ ଏକ ଡଲଫିନ ମୃତ ଅବସ୍ଥାରେ ପଡିଥିବା ଦେଖିଥିଲେ। ସେମାନେ ତାଳପଦା ଗାଁକୁ ଆସି ଲୋକଙ୍କୁ କହିବା ପରେ ସେଠାରେ ଡଲଫିନ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ହୋଇଥିଲା।



ମୃତ ଡଲଫିନର ଲମ୍ବ ୭ ଫୁଟ ଓ ଓଜନ ୮୦ କିଲୋରୁ ୧ କୁଇଣ୍ଟାଲ। ଖବର ପାଇ ବନବିଭାଗ ତାଳପଦା ସମୁଦ୍ରସ୍ଥିତ ଜାମୁକା ମୁହାଣରେ ପହଞ୍ଚି ମୃତ ଡଲଫିନକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ନେଇଯାଇଥିଲେ। ବନ ବିଭାଗ ରେଞ୍ଜର ଆଇଶା. ଏ ମିଶା, ଗୋପାଳପୁର ପ୍ରାଣୀ ଅତିରିକ୍ତ ଚିକିତ୍ସା ଅଧିକାରିଣୀ ଡ଼. ଶୁଭଶ୍ରୀ ରାଉତ, ବନରକ୍ଷକ ଜ୍ୟୋତ୍ସ୍ନା ଦତ୍ତ ପ୍ରମୁଖ ଉପସ୍ଥିତ ରହି ବ୍ୟବଚ୍ଛେଦ କରାଇଥିଲେ। ଶେଷରେ ଡଲଫିନକୁ ମାଟି ଖୋଳି ପୋତାଯାଇଥିଲା। ସମୁଦ୍ରରେ ଯନ୍ତ୍ରଚାଳିତ ଭୁଟୁଭୁଟି କିମ୍ବା ମାଛ ଧରା ଟ୍ରଲର ଦେହରେ ମାଡ଼ ହୋଇ ଡଲଫିନର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପ୍ରାଣୀ ଚିକିତ୍ସକ ଡ଼.ଶୁଭଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଓଡ଼ିଶାକୁ ଟିକସ ବାବଦ ଅଗ୍ରିମ ୪,୬୦୧ କୋଟି ପ୍ରଦାନ କଲା କେନ୍ଦ୍ର

## ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୦(ସୁନିତ୍ ମିଶ୍ର)

କେନ୍ଦ୍ର ସରକାର ଟିକସ ବାବଦ ଅର୍ଥ ବାବଦରେ ଓଡ଼ିଶାକୁ ଅଗ୍ରିମ ଭାବେ ୪୬୦୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅଗ୍ରିମ ରାଶି ପ୍ରଦାନ କରିଥିବା ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ଯଥା ସମୟରେ କେନ୍ଦ୍ର ଏହି ଅର୍ଥ ପ୍ରଦାନ କରିବା ଦ୍ୱାରା ରାଜ୍ୟ ପାଇଁ ଏହା ସହାୟକ ହେବ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏହି ସମନ୍ୱୟ ଯୋଗୁ ଓଡ଼ିଶାର ବିକାଶ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ଗତି ମିଳିବ। ବିଶେଷ ଭାବେ ପାର୍ବଣ ସମୟରେ ଏହା ବିଶେଷ ଲାଭଦାୟକ ହେବ। ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଏହି ଅର୍ଥ ରାଶି ଖର୍ଚ୍ଚରେ ସ୍ୱଚ୍ଛତା ରହିବ, ଯାହା ରାଜ୍ୟର ଲୋକଙ୍କ ଲାଭରେ ଏବଂ ଓଡ଼ିଶାର ବିକାଶରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶକୁ ଅଗ୍ରିମ ଭାବେ ୪୧୧୨, ଅରୁଣାଚଳ ପ୍ରଦେଶକୁ ୧୭୮୫, ଆସାମକୁ ୩୧୭୮, ବିହାରକୁ ୧୦୨୧୯, ଛତିଶଗଡ଼କୁ ୩୪୬୨, ଗୋଆକୁ ୩୯୨, ଗୁଜରାଟକୁ ୩୫୩୪, ହରିୟାଣାକୁ ୧୧୧୧, ହିମାଚଳ ପ୍ରଦେଶକୁ ୮୪୩, ଝାଡ଼ଖଣ୍ଡକୁ ୩୩୬୦, କର୍ଣ୍ଣାଟକକୁ ୩୭୦୫, କେରଳକୁ ୧୯୫୬, ମଧ୍ୟ ପ୍ରଦେଶକୁ ୭୯୭୬, ମହାରାଷ୍ଟ୍ରକୁ ୬୪୧୮, ମଣିପୁରକୁ ୭୨୭, ମେଘାଳୟକୁ ୭୭୯, ମିଜୋରାମକୁ ୫୦୮, ନାଗାଲାଣ୍ଡକୁ ୫୭୮, ପଞ୍ଜାବକୁ ୧୮୩୬, ରାଜସ୍ଥାନକୁ ୬୧୨୩, ସିକିମ୍‌କୁ ୩୯୪, ତାମିଲନାଡୁକୁ ୪୧୪୪, ତେଲଙ୍ଗାନାକୁ ୨୧୩୬, ତ୍ରିପୁରାକୁ ୭୧୯, ଉତ୍ତର ପ୍ରଦେଶକୁ ୧୮୨୨୭, ଉତ୍ତରାଖଣ୍ଡକୁ ୧୧୩୬ ଏବଂ ପଶ୍ଚିମବଙ୍ଗକୁ ୭୬୪୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଉତ୍ତରପ୍ରଦେଶକୁ ସର୍ବାଧିକ ଅର୍ଥ ରାଶି ଦିଆଯାଇଥିବା ବେଳେ ଗୋଆକୁ ସର୍ବନିମ୍ନ ମିଳିଛି।

# ପ୍ରାଣୀଙ୍କ ପ୍ରତି କ୍ରୂରତା ରୋକିବାକୁ ଗୁରୁତ୍ୱ

## ଆଜି 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ'



ପ୍ରତିବର୍ଷ ଅକ୍ଟୋବର ୪ରେ ପାଳିତ ହୋଇଆସୁଛି 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ'। ପ୍ରାଣୀଙ୍କର କଲ୍ୟାଣ, ସେମାନଙ୍କୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସମୟ ସହିତ ପ୍ରାଣୀଙ୍କ ପ୍ରତି କ୍ରୂରତାକୁ ରୋକିବା, ସେମାନଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଗୁରୁତ୍ୱ ଦିଆଯାଉଛି। ପ୍ରାଣୀଙ୍କ ସଂରକ୍ଷଣ ନେଇ କାର୍ଯ୍ୟ କରୁଥିବା ହେନେରିକ୍ ଜିମରମେନ୍ ୧୯୨୫ରେ ଜର୍ମାନୀରେ ପ୍ରଥମେ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ପାଳନ କରିଥିଲେ। ଏହାପରେ ୧୯୩୧ରେ ଇଟାଲୀର ଫ୍ଲୋରେନ୍ସଠାରେ ହୋଇଥିବା ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀରେ ଏହାକୁ ବିଶ୍ୱସ୍ତରରେ ପାଳନ କରାଯାଇଥିଲା। ତେବେ ପ୍ରାଣୀ ଏବଂ ପ୍ରକୃତିର ସଂରକ୍ଷକ ସେଣ୍ଟ୍ ଫ୍ରାନ୍ସିସ୍ ଅଫ୍ ଅସିସିଙ୍କ ଜନ୍ମ ଦିବସ ଅର୍ଥାତ୍ ଅକ୍ଟୋବର ୪କୁ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଉକ୍ତ ଦିନକୁ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ଭାବେ ପାଳନ କରାଯାଉଛି।

– ବନ୍ଦନା ସେଠୀ, ଭୁବନେଶ୍ୱର

# କୃଷ୍ଣଲୀଳା ଗୁରୁ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ପରଲୋକ

ଶେରଗଡ଼,୩।୧୦
(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମର କୃଷ୍ଣଲୀଳା ଗୁରୁ ଗୋପୀନାଥ ସ୍ୱାଇଁଙ୍କ ଗୁରୁବାର ଭୋରରୁ ପରଲୋକ ହୋଇଯାଇଛି। ତାଙ୍କୁ ୧୦୭ ବର୍ଷ ବୟସ ହୋଇଥିଲା। ସେ ଜଣେ



ଗୋପୀନାଥ ସ୍ୱାଇଁ

କୃଷ୍ଣଲୀଳା ଗୁରୁ ରୂପେ ଜିଲା ସମେତ ରାଜ୍ୟରେ ସୁପରିଚିତ ଥିଲେ। କୃଷ୍ଣଲୀଳାର ପ୍ରଚାରପ୍ରସାରରେ ଗୋପୀନାଥଙ୍କ ଅନବଦ୍ୟ ଭୂମିକା ପାଇଁ ସେ ପଦ୍ମଶ୍ରୀ ଉପାଧିରେ ଭୂଷିତ ହୋଇଥିଲେ।

କିଛି ଦିନ ହେଲା ଏହି ଶତାୟୁ ପୁରୁଷ ଗୋପୀନାଥ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହୋଇ ସେ ନିକଟରେ ଘରକୁ ଫେରିଥିଲେ। ତାଙ୍କ ମରଶରୀରକୁ ଗୋବିନ୍ଦପୁର ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍କାର କରାଯାଇଛି। ଏହି ସମୟରେ ତାଙ୍କୁ ତୋପ ସଲାମି ପ୍ରଦାନ କରାଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜିଲାପାଳ ଭି.କୀର୍ତ୍ତିଭାସନ, ଏସ୍‌ପି, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଜେଡି ନେତା ଦେବାନନ୍ଦ ମହାପାତ୍ର, ସରପଞ୍ଚ କୁନି ସ୍ୱାଇଁ, ବୁଢ଼ା ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଭାଜପା ନେତା ଶିଶିର ମିଶ୍ର, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବିଡିଓ ତୃପ୍ତିମୟୀ ଜେନାଙ୍କ ସମେତ ଅନ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବାଲେଶ୍ୱରରେ ପ୍ରତିଷ୍ଠା ହେବ ଏନ୍‌ଆଇଇଏଲ୍‌ଆଇଟି

## ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୦
(ରବିନାରାୟଣ ଜେନା)

ବାଲେଶ୍ୱରରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫର୍ମେଶନ ଟେକ୍ନୋଲୋଜି (ଏନ୍‌ଆଇଇଏଲ୍‌ଆଇଟି)କେନ୍ଦ୍ର ସ୍ଥାପନା ଘୋଷଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗର୍ବ ଅନୁଭବ କରିଛନ୍ତି। ଶୁକ୍ରବାର ଏନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ସହିତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ(ଏକ୍ସ)ରେ କହିଛନ୍ତି, ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। ଏହାଦ୍ୱାରା ଓଡ଼ିଶାର ଯୁବବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିର ନୂତନ ପଥ ଉନ୍ମୋଚନ ହେବ। ଏହି କେନ୍ଦ୍ରରୁ ସମଗ୍ର ଓଡ଼ିଶାର ଛାତ୍ରୀଛାତ୍ରମାନେ ବିଶେଷ ଭାବେ ଲାଭାନ୍ୱିତ ହେବେ। ଏହି ଏନ୍‌ଆଇଇଏଲ୍‌ଆଇଟି ହେବା ଦ୍ୱାରା ଯୁବପିଢ଼ିମାନେ



ମୋହନ ଚରଣ ମାଝୀ

ପ୍ରଯୁକ୍ତିବିଦ୍ୟାରେ ପାରଦର୍ଶିତା ହାସଲ କରିପାରିବେ ଏବଂ ରାଜ୍ୟର ବୃଦ୍ଧିଶୀଳ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିପାରିବେ। ଯୁବବର୍ଗ ପାଇଁ ଡିଜିଟାଲ୍ ଭାବେ ସଶକ୍ତ ଭବିଷ୍ୟତ ଗଢ଼ିବାରେ ଓଡ଼ିଶା ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସହଭାଗୀ ହେବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରାଜ୍ୟର ୬,୨୫୫ ଗ୍ରାମରେ ଆଦି ସେବା କେନ୍ଦ୍ର ଉଦ୍‌ଘାଟିତ

**ଆଦି କର୍ମଯୋଗୀ ଅଭିଯାନ**

୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟଯୋଜନା ଅନୁମୋଦିତ

ଭୁବନେଶ୍ୱର,୩।୧୦(ସୁଚିସ୍ମିତା ସାହୁ)



ଗ୍ରାମ କାର୍ଯ୍ୟ ଯୋଜନା ଅନୁମୋଦନ ପାଇଁ ଅନୁଷ୍ଠିତ ଏକ ଗ୍ରାମସଭା।

ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶାରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଗ୍ରାମ ସଭାର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ରାଜ୍ୟରେ ୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟ ଯୋଜନା ଅନୁମୋଦନ ପାଇଛି। ସେହିପରି ୭,୬୨୩ଟି ଗ୍ରାମରେ ଆଦି ସେବା କେନ୍ଦ୍ର ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ସେଥିମଧ୍ୟରୁ ୬,୨୫୫ଟି ଗ୍ରାମରେ ଆଦି ସେବା କେନ୍ଦ୍ର ଉଦଘାଟିତ ହୋଇଛି। ଏହି କେନ୍ଦ୍ରଗୁଡ଼ିକ ସେବା ପ୍ରଦାନ ଏବଂ ସାମୂଦାୟିକ ସମ୍ପୃକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ପ୍ରତ୍ୟେକ ଗ୍ରାମରେ ସାମୂଦାୟିକ ପଦଯାତ୍ରା, ଗ୍ରୁପ୍ ଆଲୋଚନା, ସମ୍ବଳ ଏବଂ ଭିଜନ ମ୍ୟାପିଂ ଭଳି ପଦକ୍ଷେପ ଗ୍ରହଣ କରି ଗ୍ରାମ କାର୍ଯ୍ୟ ଯୋଜନାଗୁଡ଼ିକ ପ୍ରସ୍ତୁତ କରାଯାଇଛି। ସବୁ ବିଭାଗର ସମନ୍ୱୟ ଓ ସହଯୋଗ ଗ୍ରାମୀଣ ଅଞ୍ଚଳର ସୁଶାସନକୁ ଶକ୍ତିଶାଳୀ କରିବା ସହିତ ବିଶ୍ୱାସକୁ ପୁନଃ ସ୍ଥାପନ କରୁଛି।

ସୂଚନାଯୋଗ୍ୟ, ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି। ସେବା ସମର୍ପଣ ଏବଂ ସଂକଳ୍ପ ଭାବନାରେ ପରିପୂର୍ଣ୍ଣ ଏହି ଅଭିଯାନ ତୃଣମୂଳସ୍ତରରେ ଅତ୍ୟାବଶ୍ୟକ ସେବାଗୁଡିକ ପ୍ରଦାନ କରିବାରେ ସହଯୋଗ କରିବ। ଏହି ଅଭିଯାନରେ ଓଡ଼ିଶାରେ ୨୨ଟି ଜିଲାର ୨୧୩ଟି ବ୍ଲକ୍ ଓ ୭,୬୨୩ଟି ଗ୍ରାମ ସାମିଲ ହୋଇଛି। କାର୍ଯ୍ୟାନ୍ୱୟନ ପାଇଁ ୧ ଲକ୍ଷ ଆଦି ସାଥୀ ଓ ୩୦ହଜାର ଆଦି ସହଯୋଗୀଙ୍କୁ ସଂଗଠିତ କରାଯାଇଛି। ସେଥିପାଇଁ ୫୦ରୁ ଅଧିକ ସିଭିଲ ସୋସାଇଟି ଅର୍ଗାନାଇଜେଶନ /ଏନ୍‌ଜିଓଙ୍କୁ ସହଭାଗୀ ଭାବେ ସାମିଲ କରାଯାଇଛି।



ସ୍ୱର୍ଗଟିଏ ନିର୍ମାଣ କରିବା କେଡେ ସହଜ ଭଗବାନଙ୍କ ପକ୍ଷରେ । ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ । କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ । -ଶ୍ରୀଅରବିନ୍ଦ



# ପଦବୀ ଚାଲିଗଲା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବାଂଶୱାଡ଼ାରେ ପ୍ରଧାନମନ୍ତ୍ରୀଙ୍କ ରାଲିର ସ୍କ୍ରିନ୍ ୧୦ ମିନିଟ୍ ପାଇଁ ଅନ୍ଧକାର ରହିବା ଯୋଗୁ ତାହାର ପରିଣାମ ତତ୍‌କ୍ଷଣାତ ପ୍ରକାଶ ପାଇଥିଲା । ରାଜସ୍ଥାନର ଇନ୍‌ଫୋଟେକ ସଚିବ ଅର୍ଚ୍ଚନା ସିଂଙ୍କ ମାତ୍ର ୧୦ ସେକେଣ୍ଡରେ ପଦବୀ ଚାଲିଗଲା । ଦେଖିବାକୁ ଗଲେ, ଅନେକ ବର୍ଷ ହେଲା ଏଗୁଡ଼ିକ ଏବେ ବି ଟିକସଦାତା ଏବଂ ବୃତ୍ତିଧାରୀମାନେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଚାଲୁଥିବା ଆୟକର, ଜିଏସ୍‌ଟି ଏବଂ ଏମ୍‌ସିଏ ପୋର୍ଟାଲ ସହ ସଂଗ୍ରାମ କରିଆସୁଛନ୍ତି, ଯେଉଁଠି ବ୍ୟବହାରିକ କ୍ଷେତ୍ରରେ ତ୍ରୁଟି ହେବା ଏକ ଧାରା ପାଲଟିଯାଇଛି । କୋର୍ଟ ଏହା ଉପରେ ପଦକ୍ଷେପ ନେଇଛନ୍ତି, ବୃତ୍ତିଧାରୀମାନେ ପ୍ରତିବାଦ କରିଛନ୍ତି ଏବଂ ଅନେକ ହଜାର କୋଟି ଟଙ୍କା ଅନାବାଦ ରହିଆସୁଥିବା ସ୍ଥଳେ ଟିକସଦାତାମାନେ ତାହା ବିଳମ୍ବରେ ଦେଉଛନ୍ତି । ଏଭଳି ବିଫଳ ସ୍ଥିତିରେ କୌଣସି ସଚିବଙ୍କୁ ଚାକିରିରୁ ବିଦା କରାଯାଇନାହିଁ । କିନ୍ତୁ ବିଡ଼ମ୍ବନାର ବିଷୟ ତାହା ହିଁ ବାସ୍ତବରେ ହିଁ ଘଟୁଛି । ଗୋଟିଏ ତ୍ରୁଟି, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ୧୦ ମିନିଟ୍ ଅସୁବିଧା ଯୋଗୁ କ୍ୟାରିୟର ଶେଷ ହୋଇଯାଇଛି । ହେଲେ ବର୍ଷ ବର୍ଷ ଧରି ନାଗରିକଙ୍କୁ ଅସୁବିଧାରେ ପକାଉଥିବା ତ୍ରୁଟିଗୁଡ଼ିକୁ କେବଳ 'ସାମାନ୍ୟ ସମସ୍ୟା' ହୋଇଯାଉଛି । ଏହି ସମୟରେ ମାନ୍ଦା ଟ୍ୟାକ୍ସ ପୋର୍ଟାଲରେ କାମ କରୁଥିବା ସାଧାରଣ ବୃତ୍ତିଧାରୀମାନେ ସମ୍ଭବତଃ ବିଫଳତା ପାଇଁ କାର୍ଯ୍ୟାଳୟରୁ ବିଦା ହେବା ବିଷୟ ଭାବୁଛନ୍ତି । ରାଲି ହେଉଛି ଏକ ରଙ୍ଗମଞ୍ଚ ଏବଂ ଏଠାରେ ସ୍କ୍ରୀନଙ୍କ ଉପରେ ପଡୁଥିବା ଆଲୋକକୁ ରୁମେ ଅସ୍ପଷ୍ଟ କରିପାରିବ ନାହିଁ । କିନ୍ତୁ ସମ୍ଭବତଃ ପ୍ରତିଦିନ ନାଗରିକମାନେ ଟ୍ୟାକ୍ସ ଫାଇଲ କରୁଥିବା କ୍ଷେତ୍ର,ବ୍ୟବସାୟିକ ନିୟମ ଅନୁପାଳନ ଏବଂ ଅର୍ଥବ୍ୟବସ୍ଥାକୁ ଆଗକୁ ବଢ଼ାଉଥିବା ବୃତ୍ତିଧାରୀଙ୍କ କ୍ଷେତ୍ରରେ ଏଭଳି ସମାନ ଆବଶ୍ୟକତା ପ୍ରୟୋଗ କରାଯିବା ଉଚିତ । ଯଦି ଉତ୍ତରଦାୟିତ୍ୱ ମୂଳମନ୍ତ୍ର ହୁଏ , ତେବେ ଏହାକୁ ସମାନ ଭାବେ ଲାଗୁ କରାଯାଉ ।

### ପରୀକ୍ଷାର ଧାରା

ୟୁପିଏସ୍‌ସି ପରୀକ୍ଷା ଧୀରେ ଧୀରେ ନିର୍ଣ୍ଣୟଜ୍ଞେକ୍ରିକ ହେବା ପରିବର୍ତ୍ତେ ଏକ ସ୍ମୃତି ପରୀକ୍ଷଣ ପାଲଟିଯାଇଛି । ଏକଦା ଜ୍ଞାନ, ବିଶ୍ଳେଷଣ ଏବଂ କୌଣସି ଘଟଣାରେ ଯୁକ୍ତି କରିବାର ଦକ୍ଷତାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏବେ ଶୀଘ୍ର କ୍ଷୁଦ୍ର ଉତ୍ତରରେ ମାଧ୍ୟମ ହୋଇଯାଇଛି । ଯେଉଁଠି ଯେଉଁ ପ୍ରାର୍ଥୀମାନେ ଯେତେ ଭଲ ଭାବେ ପ୍ରସ୍ତୁତ ହେଉଛନ୍ତି ସେମାନେ ସେତେ ଶୀଘ୍ର ଉତ୍ତର ଦେଇପାରୁଛନ୍ତି । କିନ୍ତୁ ସର୍ଚ୍ଚ ପ୍ରକ୍ରିୟା ଏବଂ ଏଆଇ ସାଧନ ଦ୍ୱାରା ବିଶ୍ୱରେ ତୁରନ୍ତ ତଥ୍ୟ ବାହାରିପାରୁଛି, ତର୍କ ଅପେକ୍ଷା ସ୍ମରଣ ଶକ୍ତିକୁ ମହତ୍ତ୍ୱ ଦେଉଥିଲେ ମଧ୍ୟ ଅଧିକ ତ୍ରୁଟିପୂର୍ଣ୍ଣ ମନେ ହେଉଛି । ଶାସନ କହିଲେ କେବଳ ତାଲିକା କିମ୍ବା ପରିଭାଷାକୁ ମନେରଖିବାର ଧାରାକୁ ବୁଝାଏ ନାହିଁ, ବରଂ ଚାପରେ ନିଷ୍ପତ୍ତି ନେବା, ପ୍ରତିଯୋଗିତା ସ୍ୱାର୍ଥକୁ ଗୁରୁତ୍ୱ ଦେବା ଏବଂ ଦରକାର ପଡ଼ିଲେ ନାହିଁ କହିବାର ନୈତିକ ଶକ୍ତି ପ୍ରଦର୍ଶନ କରିବା ଏହାର କାର୍ଯ୍ୟ । ତଥାପି କୋଚିଂ ସେଣ୍ଟରଗୁଡ଼ିକ ପାଇଁ ପରୀକ୍ଷାର ଢାଞ୍ଚା ସୁବିଧାଜନକ ଉତ୍ତରକୁ ପ୍ରାଥମିକତା ଦେଉଛି , ଫଳରେ ଭିନ୍ନ ଢଙ୍ଗରେ ଚିନ୍ତା କରୁଥିବା ଆଶାୟୀଙ୍କର କ୍ଷତି କରୁଛି । ଅନେକ ବର୍ଷ ଧରି କୋଚିଂ ସେଣ୍ଟରଗୁଡ଼ିକରେ ସନ୍ତୁଳର ଅଭାବ ରହିଛି । ଏହା ସାମାଜିକ ଭାବେ ବିଚାରର ପରିସରକୁ ସଙ୍କୁଚିତ କରୁଛି । ଏଣୁ ବୌଦ୍ଧିକ ଭାବେ ଏବେ ଦେଶରେ ବ୍ୟାପକ ଦୃଷ୍ଟିକୋଣ ଆବଶ୍ୟକ କରେ । ଭାରତ ଡିଜିଟାଲ ନୂତନତ୍ୱ ଏବଂ ବୈଶ୍ୱିକ ନେତୃତ୍ୱର ହବ୍ ବା କେନ୍ଦ୍ର ହେବାକୁ ଚାହେଁ, କିନ୍ତୁ ଏହାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପଥ ଏଯାବତ ପୂର୍ବ ଧାରାରେ ରହିଛି । ଭବିଷ୍ୟତରେ ଜଟିଳ, ଅସ୍ପଷ୍ଟ ତଥା ଉତ୍ତରଦାୟୀ ସ୍ଥିତିରେ ଅଧିକାରୀମାନେ କିଭଳି ନିୟନ୍ତ୍ରଣ କରିବେ ତାହା ପ୍ରକୃତ ପରୀକ୍ଷା ହେବା ଉଚିତ ।

### ଉଦାସୀନ ଅଧିକାରୀ

ଅଧିକାରୀମାନେ ବିଜ୍ଞାନ ମନ୍ତ୍ରଣାଳୟକୁ ଆଡ଼ ଆଖିରେ ଦେଖୁଥିବା ବିଷୟକୁ ସର୍ବସାଧାରଣରେ ଜଣେ କେନ୍ଦ୍ରମନ୍ତ୍ରୀ ସ୍ୱୀକାର କରିବା ଘଟଣାରୁ ଜଣାପଡ଼େ ଯେ, ସେଥିରେ କିଛି ସମସ୍ୟା ରହିଛି । ଜିତେନ୍ଦ୍ର ସିଂ ସ୍ପଷ୍ଟ ଭାବେ କହିଛନ୍ତି ଯେ, ୨୮ଟି ରାଜ୍ୟ ମଧ୍ୟରୁ ୨୪ଟିରେ ବିଜ୍ଞାନ ବିଭାଗକୁ ନିଷ୍କ୍ରିୟ ଅଧିକାରୀମାନେ ପରିଚାଳନା କରୁଛନ୍ତି । ଏହା ସୂଚିତ କରୁଛି, ତଥାକଥିତ ନୂତନତ୍ୱ ପରିବେଶରେ ବିଜ୍ଞାନ ଓ ପ୍ରଯୁକ୍ତି ଭାରତୀୟ ଅମଲାତନ୍ତ୍ରକୁ ପ୍ରେରିତ କରିପାରିନାହିଁ । କାହିଁକି ଏହା ଘଟୁଛି ତାହା ବୁଝିବା କଷ୍ଟକର ନୁହେଁ । ମହତ୍ତ୍ୱାକାଂକ୍ଷୀ ଆଇଏଏସ୍ ଅଧିକାରୀମାନଙ୍କ ମତରେ ବିଜ୍ଞାନ ମନ୍ତ୍ରଣାଳୟ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ଅର୍ଥ ମନ୍ତ୍ରଣାଳୟର ପ୍ରଭାବ ରହୁନାହିଁ । ଏହିସବୁ ମନ୍ତ୍ରଣାଳୟର ନିର୍ଦ୍ଦେଶାତ୍ମକ ଶୀର୍ଷକ ଶକ୍ତି ସମ୍ବନ୍ଧରେ ଅଧିକ ପ୍ରକାଶ କରୁଛି । ହେଲେ ବିଜ୍ଞାନ କ୍ଷେତ୍ରରେ ତାହା ଘଟୁନାହିଁ । ବିଜ୍ଞାନ ଷ୍ଟାର୍ଟଅପଗୁଡ଼ିକୁ ପ୍ରୋତ୍ସାହିତ କରିବା ସହ ଅନୁସନ୍ଧାନ ଓ ବିକାଶକୁ ଆଗକୁ ବଢ଼ାଉଛି ଏବଂ ଭବିଷ୍ୟତରେ କିଛି ବୃହତ କାର୍ଯ୍ୟ ହାସଲ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏହା ସମ୍ପର୍କରେ କମ୍ ଖବର ପ୍ରକାଶ ପାଇବା ସହ କମ୍ ପ୍ରୋତ୍ସାହନ ମିଳୁଛି । ହେଲେ ଭାରତର ପ୍ରଯୁକ୍ତି ଓ ନୂତନତ୍ୱ ବିଶ୍ୱରେ ସବୁଠୁ ଦ୍ରୁତଗତିରେ ବିକାଶ ହେଉଛି । ଆମେ ଷ୍ଟାର୍ଟଅପ, ଏଆଇ ବିକାଶ ଓ ଡିଜିଟାଲ ସେବା କ୍ଷେତ୍ର ପାଇଁ ବୈଶ୍ୱିକ କେନ୍ଦ୍ର ହୋଇଛୁ । ତଥାପି ରାଜ୍ୟ ସ୍ତରରେ ସମ୍ପୃକ୍ତ ଅଧିକାରୀମାନେ ଏହି ବିକାଶ ନେତୃତ୍ୱ ନେବାରେ ଉଦାସୀନତା ପ୍ରକାଶ କରୁଛନ୍ତି । ସିଂଙ୍କ ମତରେ ଏହାକୁ ମାନସିକତାର ଅଭାବ ବୋଲି ଦର୍ଶାଇଛନ୍ତି । ଅମଲାତାନ୍ତ୍ରିକ ଜଡ଼ତା, ବିପଦକୁ ସାମ୍ନା କରିବା ମନୋଭାବର ଅଭାବ ବିଜ୍ଞାନର ପରିବର୍ତ୍ତିତ ଭୂମିକାରେ ବାଧା ଆଣୁଛି । ଏଣୁ ବିଜ୍ଞାନ ବିଭାଗରେ ନିଯୁକ୍ତିକୁ ଦଣ୍ଡ ମନେ କରୁ ନ ଥିବା ଅଧିକାରୀ ଭାରତ ପାଇଁ ଦରକାର ।

Email: dilipcherian@gmail.com

# ରାଷ୍ଟ୍ର ସାଧନାର ଶହେ ବର୍ଷ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶହେ ବର୍ଷ ପୂର୍ବେ ବିଜୟାଦଶମୀର ମହାପର୍ବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ହୋଇଥିଲା । ଏହା ଥିଲା ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ସେହି ପରମ୍ପରାର ପୁନଃ ପ୍ରତିଷ୍ଠା, ଯେଉଁଥିରେ ରାଷ୍ଟ୍ର ଚେତନା ସମୟ ସମୟରେ ତତ୍କାଳୀନ ଯୁଗର ଆହ୍ୱାନକୁ ସାମ୍ନା କରିବା ଲାଗି ନୂଆ ନୂଆ ଅବତାରରେ ପ୍ରକଟ ହୋଇଥାଏ । ଏହି ଯୁଗରେ ସଂଘ ସେହି ଅନନ୍ତ ରାଷ୍ଟ୍ର ଚେତନାର ପୁଣ୍ୟ ଅବତାର । ଏହା ଆମ ସ୍ୱେଚ୍ଛାସେବକ ପିଢ଼ିର ସୌଭାଗ୍ୟ ଯେ ଆମେ ସଂଘର ଶତବାର୍ଷିକୀ ବର୍ଷ ଭଳି ଏକ ମହାନ୍ ଅବସରର ସାକ୍ଷୀ । ମୁଁ ଏହି ଅବସରରେ ରାଷ୍ଟ୍ର ସେବାର ସଂକଳ୍ପ ପ୍ରତି ସମର୍ପିତ କୋଟି କୋଟି ସ୍ୱୟଂସେବକଙ୍କୁ ଶୁଭକାମନା ଜଣାଉଛି । ମୁଁ ସଂଘର ପ୍ରତିଷ୍ଠାତା, ଆମ ସମସ୍ତଙ୍କର ଆଦର୍ଶ ପରମ ପୂଜ୍ୟ ଡକ୍ଟର ହେଡ୍‌ଗେୱାର ଜୀଙ୍କ ଚରଣରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଶହେ ବର୍ଷ ଧରି ସଂଘର ଏହି ଗୌରବମୟ ଯାତ୍ରାକୁ ସ୍ମରଣକରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ଡାକ ଟିକେଟ ଏବଂ ସ୍ମାରକୀ ମୁଦ୍ରା ମଧ୍ୟ ଜାରି କରିଛନ୍ତି ।

ବିଶାଳ ନଦୀ କୂଳରେ ଯେପରି ଭାବେ ମାନବ ସଭ୍ୟତା ବିକଶିତ ହୋଇଥାଏ, ଠିକ୍ ସେହିପରି ସଂଘ କୂଳରେ ଶହ ଶହ ଜୀବନ ପ୍ରସ୍ଫୁଟିତ ହୋଇଛି । ପ୍ରତ୍ୟେକ ନଦୀ ଯେଉଁ ମାର୍ଗ ଦେଇ ବୋହିଯାଇଥାଏ, ସେହି କ୍ଷେତ୍ରକୁ ନିଜର ଜଳ ମାଧ୍ୟମରେ ସମୃଦ୍ଧ କରିଥାଏ । ଅନୁରୂପ ଭାବେ ସଂଘ ଏ ଦେଶର ପ୍ରତ୍ୟେକ କ୍ଷେତ୍ର, ସମାଜର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରିଛି । ନଦୀ ଯେପରି ଅନେକ ଧାରା ମାଧ୍ୟମରେ ନିଜକୁ ପ୍ରକଟିତ କରିଥାଏ, ସଂଘର ଯାତ୍ରା ମଧ୍ୟ ସେପରି ରହିଆସିଛି । ସଂଘର ଭିନ୍ନ ଭିନ୍ନ ସଙ୍ଗଠନ ମଧ୍ୟ ଜୀବନର ପ୍ରତ୍ୟେକ ପକ୍ଷ ସହ ଯୋଡ଼ିହୋଇ ରାଷ୍ଟ୍ର ସେବା କରୁଛନ୍ତି । ଶିକ୍ଷା, କୃଷି, ସମାଜ କଲ୍ୟାଣ, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତୀକରଣ, ସାମାଜିକ ଜୀବନର ଏପରି ଅନେକ କ୍ଷେତ୍ରରେ ସଂଘ ନିରନ୍ତର କାର୍ଯ୍ୟ କରୁଅଛି । ବିବିଧ କ୍ଷେତ୍ରରେ କାମ କରୁଥିବା ପ୍ରତ୍ୟେକ ସଂଗଠନର ସମାନ ଉଦ୍ଦେଶ୍ୟ, ସମାନ ଭାବନା... ରାଷ୍ଟ୍ର ପ୍ରଥମେ ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଠନ ହେବା ପରଠାରୁ ରାଷ୍ଟ୍ର ନିର୍ମାଣର ମହାନ୍ ଉଦ୍ଦେଶ୍ୟକୁ ପୂରଣକରିବା ନିମନ୍ତେ ନିଜର ଯାତ୍ରା ଜାରି ରଖିଛି । ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସଂଘ, ବ୍ୟକ୍ତି ନିର୍ମାଣ ଜରିଆରେ ରାଷ୍ଟ୍ର ନିର୍ମାଣର ମାର୍ଗ ଚୟନ କରିଛି ଏବଂ ଏହାକୁ ଜାରି ରଖିବା ପାଇଁ ଯେଉଁ କାର୍ଯ୍ୟପଦ୍ଧତି ଚୟନ କରିଛି ତାହା ହେଉଛି ନିତ୍ୟ-ନିୟମିତ ଚାଲୁଥିବା ଶାଖା । ସଂଘ ଶାଖାର ସେହି ପଡ଼ିଆ ଏପରି ଏକ ପ୍ରେରଣାର ଭୂମି, ଯେଉଁଠି ସ୍ୱୟଂସେବକମାନଙ୍କର ଅହମ୍‌ରୁ ବୟଂର ଯାତ୍ରା ଆରମ୍ଭ ହୋଇଥାଏ । ସଂଘର ଶାଖାଗୁଡ଼ିକ ବ୍ୟକ୍ତି ନିର୍ମାଣର ଯଜ୍ଞବେଦୀ ।

ରାଷ୍ଟ୍ର ନିର୍ମାଣର ମହାନ୍ ଉଦ୍ଦେଶ୍ୟ, ବ୍ୟକ୍ତି ନିର୍ମାଣର ସ୍ପଷ୍ଟ ପଥ ଏବଂ ଶାଖା ଭଳି ସରଳ, ଜୀବନ୍ତ କାର୍ଯ୍ୟପଦ୍ଧତି, ଏସବୁ ସଂଘର ଶହେ ବର୍ଷ ଯାତ୍ରାର ଆଧାର ପାଲଟିଛି । ଏହିସବୁ ସ୍ତମ୍ଭ ଉପରେ ଛିଡ଼ାହୋଇ ସଂଘ ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କୁ ଗଢ଼ିଛି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଦେଶକୁ ଆଗେଇନେଉଛନ୍ତି । ସଂଘ ଅସ୍ତିତ୍ୱ ଲାଭ କରିବା ଦିନଠାରୁ ଦେଶର ପ୍ରାଥମିକତା ହିଁ ସଂଘର ନିଜସ୍ୱ ପ୍ରାଥମିକତା ରହିଆସିଛି । ସ୍ୱାଧୀନତା ସଂଗ୍ରାମ ସମୟରେ ପରମ ପୂଜ୍ୟ ଡକ୍ଟର ହେଡ୍‌ଗେୱାର ଜୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ, ଡକ୍ଟର ସାହେବ ଅନେକ ଥର ଜେଲ ମଧ୍ୟ ଯାଇଥିଲେ । ସ୍ୱାଧୀନତା ସଂଗ୍ରାମରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ସଂଘ ସଂରକ୍ଷଣ ଦେଇଥିଲା । ସେମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ କାମ କରିଥିଲା । ସ୍ୱାଧୀନତା ପରେ ମଧ୍ୟ ସଂଘ ନିରନ୍ତର ରାଷ୍ଟ୍ର ସାଧନରେ ନିୟୋଜିତ ରହିଆସିଛି । ଏହି ଯାତ୍ରାରେ ସଂଘ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିଲା, ସଂଘକୁ ଦଳିମକଚି ଦେବାକୁ ଉଦ୍ୟମ କରାଯାଇଥିଲା । ଋଷିତୁଲ୍ୟ ପରମ ପୂଜ୍ୟ ଗୁରୁଜୀଙ୍କୁ ମିଛ କେସ୍‌ରେ ଫସେଇ ଦିଆଗଲା । କିନ୍ତୁ ସଂଘ ସ୍ୱୟଂସେବକମାନେ କେବେ ବି କଟୁତାକୁ ଗ୍ରହଣ କରି ନ ଥିଲେ । କାରଣ ସେମାନେ ଜାଣିଥିଲେ, ଆମେ ସମାଜଠାରୁ ଭିନ୍ନ ନୁହେଁ, ବରଂ ସମାଜ ତ ଆମକୁ ନେଇ ଗଢ଼ା ହୋଇଛି । ସମାଜ ସହିତ ଏକାତ୍ମତା ଏବଂ ସାମ୍ବିଧାନିକ ସଂସ୍ଥା ପ୍ରତି ଆସ୍ଥା ସଂଘର ସ୍ୱୟଂସେବକମାନଙ୍କୁ ପ୍ରତ୍ୟେକ ସଙ୍କଟ ସମୟରେ ସ୍ଥିତପ୍ରଜ୍ଞ ରଖିଆସିଛି, ସମାଜ ପ୍ରତି ସମ୍ବେଦନଶୀଳ କରି ରଖିଛି ।

ପ୍ରତିଷ୍ଠା ଦିନରୁ ସଂଘ ଦେଶପ୍ରେମ ଏବଂ ସେବାର ସମର୍ଥକ ହୋଇଆସିଛି । ଯେତେବେଳେ ବିଭାଜନର ଯନ୍ତ୍ରଣା ଲକ୍ଷ ଲକ୍ଷ ପରିବାରକୁ ବାସହୀନ କରିଦେଇଥିଲା, ସେତେବେଳେ ସ୍ୱେଚ୍ଛାସେବକମାନେ ଶରଣାର୍ଥୀଙ୍କ ସେବା କରିଥିଲେ । ପ୍ରତ୍ୟେକ ବିପଦରେ, ସଂଘର ସ୍ୱେଚ୍ଛାସେବକମାନେ ସେମାନଙ୍କର ସୀମିତ ସମ୍ବଳ ସହିତ ସର୍ବାଗ୍ରେ ଠିଆହୋଇଥିଲେ । ଏହା କେବଳ ସାହାଯ୍ୟ ନ ଥିଲା ; ଏହା ଦେଶର ଆତ୍ମାକୁ ଶକ୍ତିଶାଳୀ କରିବାର ଏକ କାର୍ଯ୍ୟ ଥିଲା । ବ୍ୟକ୍ତିଗତ ଦୁଃଖ ସହ୍ୟ କରିବା ଏବଂ ଅନ୍ୟମାନଙ୍କ ଦୁଃଖ ଦୂରକରିବା ପ୍ରତ୍ୟେକ ସ୍ୱେଚ୍ଛାସେବକର ଲକ୍ଷଣ । ଆଜି ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱୟଂସେବକମାନେ ପ୍ରଥମେ ପହଞ୍ଚିବା ମଧ୍ୟରେ ଅନ୍ୟତମ ।

ନିଜର ଶହେ ବର୍ଷର ଏହି ଯାତ୍ରାରେ, ସଂଘ ସମାଜର ଭିନ୍ନ ଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଆତ୍ମବୋଧ ଜାଗ୍ରତ କରିଛି, ସ୍ୱାଭିମାନ ଜଗାଇଛି । ସଂଘ ଦେଶର ସେହି କ୍ଷେତ୍ରଗୁଡ଼ିକରେ ମଧ୍ୟ କାମକରି ଆସିଛି, ଯାହା ଦୁର୍ଗମ, ଯେଉଁଠି ପହଞ୍ଚିବା ସବୁଠୁ କଠିନ । ସଂଘ ଅନେକ ଦଶନ୍ଧି ଧରି ଆଦିବାସୀ ପରମ୍ପରା, ଆଦିବାସୀ ରୀତିନୀତି, ଆଦିବାସୀ ମୂଲ୍ୟବୋଧକୁ ସାଇତି ରଖିବାରେ ନିଜର ସହଯୋଗ ଦେଇ ଆସିଛି । ନିଜର କର୍ତ୍ତବ୍ୟ ନିର୍ବାହ କରି ଆସିଛି । ଆଜି ସେବା ଭାରତୀ, ବିଦ୍ୟା ଭାରତୀ, ଏକଳ ବିଦ୍ୟାଳୟ, ବନବାସୀ କଲ୍ୟାଣ ଆଶ୍ରମ, ଆଦିବାସୀ ସମାଜର ସଶକ୍ତୀକରଣ ପାଇଁ ଆଧାର ପାଲଟିଛନ୍ତି ।

ଶହ ଶହ ବର୍ଷ ଧରି ସମାଜରେ ଘର କରି ନେଇଥିବା କଳୁଷତା, ପ୍ରଚଳିତ କୁପ୍ରଥା ଉଚ୍ଚନୀଚ ଭାବନା ସୃଷ୍ଟିକରିବା ସହ ହିନ୍ଦୁ ସମାଜ ପାଇଁ ବହୁତ ବଡ଼ ଆହ୍ୱାନ ଭାବେ ରହିଆସିଛି । ଏସବୁ ଗମ୍ଭୀର ଚିନ୍ତା ଉପରେ ସଂଘ ଲଗାତର କାମ କରିଆସିଛି । ଡକ୍ଟର ସାହେବଙ୍କଠାରୁ ନେଇ ଆଜି ପର୍ଯ୍ୟନ୍ତ, ସଂଘର ପ୍ରତ୍ୟେକ ମହାନ୍ ବିଭୂତିମାନେ ପ୍ରତ୍ୟେକ ସର-ସଂଘଚାଳକମାନେ ଭେଦଭାବ ଏବଂ ଛୁଆଁଅଛୁଆଁ ବିରୋଧରେ ଲଢ଼େଇ କରିଛନ୍ତି । ପରମପୂଜ୍ୟ ଗୁରୁଜୀ ନିରନ୍ତର 'ନ ହିନ୍ଦୁ ପତିତୋ ଭବେତ୍' ଭାବନାକୁ ପ୍ରଚାରପ୍ରସାର କରିଛନ୍ତି । ପୂଜ୍ୟ ବାଳା ସାହେବ ଦେବରସ ଜୀ କହୁଥିଲେ- ଛୁଆଁଅଛୁଆଁ ଯଦି ପାପ ନୁହେଁ, ତା'ହେଲେ ଦୁନିଆରେ କୌଣସି ପାପ ନାହିଁ! ସର-ସଂଘଚାଳକ ଥିବା ସମୟରେ ପୂଜ୍ୟ ରଜ୍ଜୁ ଭୈୟାଜୀ ଏବଂ ପୂଜ୍ୟ ସୁଦର୍ଶନଜୀ ମଧ୍ୟ ଏହି ଭାବନାକୁ ଆଗକୁ ବଢ଼ାଇଥିଲେ । ବର୍ତ୍ତମାନର ସରସଂଘଚାଳକ ଆଦରଣୀୟ ମୋହନ ଭାଗବତଜୀ ମଧ୍ୟ ସୌହାର୍ଦ୍ଦ୍ୟ ପାଇଁ ସମାଜ ସାମ୍ନାରେ ଏକ କୂପ, ଏକ ମନ୍ଦିର ଏବଂ ଏକ ଶ୍ମଶାନର ସ୍ପଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଯେତେବେଳେ ସଂଘ ଶହେ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ସେହି ସମୟର ଆବଶ୍ୟକତା ଏବଂ ସଂଘର୍ଷ ଭିନ୍ନ ଥିଲା । କିନ୍ତୁ ଆଜି, ଶହେ ବର୍ଷ ପରେ, ଭାରତ ବିକାଶ ଆଡ଼କୁ ଅଗ୍ରସର ହେଉଥିବାରୁ ଆଜିର ଆହ୍ୱାନ ଏବଂ ସଂଘର୍ଷ ଭିନ୍ନ । ଅନ୍ୟ ଦେଶ ଉପରେ ଆର୍ଥିକ ନିର୍ଭରଶୀଳତା, ଆମର ଏକତାକୁ ଭାଙ୍ଗିବା ପାଇଁ ଏବଂ ଜନସଂଖ୍ୟା ପରିବର୍ତ୍ତନ କରିବା ପାଇଁ ଷଡ଼ଯନ୍ତ୍ର ଆଦି ଆହ୍ୱାନର ଆମ ସରକାର ଦୃଢ଼ ମୁକାବିଲା କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମଧ୍ୟ ଏହି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏକ କଂକ୍ରିଟ ରୂପରେଖ ବିକଶିତ କରିବା ମୋ ପାଇଁ ଖୁସିର ବିଷୟ ।

ସଂଘର ପଞ୍ଚ ପରିବର୍ତ୍ତନ- ସ୍ୱବୋଧ, ସାମାଜିକ ସୌହାର୍ଦ୍ଦ୍ୟ, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର ଏବଂ ପରିବେଶ ସଂକଳ୍ପ ପ୍ରତ୍ୟେକ ସ୍ୱୟଂସେବକଙ୍କ ଲାଗି ଦେଶ ଆଗକୁ ଆସୁଥିବା ଆହ୍ୱାନକୁ ସମାପ୍ତ କରିବା ଲାଗି ବହୁତ ବଡ଼ ପ୍ରେରଣା ।

ସ୍ୱବୋଧ ଭାବନାର ଉଦ୍ଦେଶ୍ୟ ହେଉଛି ଗୋଲାମୀ ମାନସିକତାରୁ ମୁକ୍ତହୋଇ ନିଜ ଐତିହ୍ୟ ଉପରେ ଗର୍ବ କରିବା ଏବଂ ସ୍ୱଦେଶୀ ମୂଳଦୁଆର ସଂକଳ୍ପକୁ ଆଗକୁ ବଢ଼ାଇବା । ସାମାଜିକ ସମନ୍ୱୟ ଜରିଆରେ ବଞ୍ଚିତମାନଙ୍କୁ ପ୍ରାଥମିକତା ଦେଇ ସାମାଜିକ ନ୍ୟାୟର ସ୍ଥାପନା କରିବା ନିମନ୍ତେ ସଂକଳ୍ପ ନିଆଯାଇଛି । ଅନୁପ୍ରବେଶକାରୀଙ୍କ ପାଇଁ ଜନସଂଖ୍ୟାରେ ପରିବର୍ତ୍ତନ ଯୋଗୁ ଆଜି ଆମର ସାମାଜିକ ସୌହାର୍ଦ୍ଦ୍ୟ ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି । ଏହାର ମୁକାବିଲା କରିବା ପାଇଁ ମଧ୍ୟ ଦେଶ ଡେମୋଗ୍ରାଫି ମିଶନ ଘୋଷଣା କରିଛି । ଆମକୁ କୁଟୁମ୍ବ ପ୍ରବୋଧନ ଅର୍ଥାତ୍ ପାରିବାରିକ ସଂସ୍କୃତି ଏବଂ ମୂଲ୍ୟବୋଧକୁ ଅଧିକ ମଜଭୁତ କରିବାକୁ ହେବ । ନାଗରିକ ଶିଷ୍ଟାଚାର ଜରିଆରେ ପ୍ରତ୍ୟେକ ଦେଶବାସୀଙ୍କ ମଧ୍ୟରେ ନାଗରିକ କର୍ତ୍ତବ୍ୟବୋଧ ଭରିବାର ଆବଶ୍ୟକତା ରହିଛି । ଏସବୁ ସହିତ ଆମ ପରିବେଶ ସୁରକ୍ଷା କରି ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ ରଖିବା ମଧ୍ୟ ଜରୁରୀ ।

ଏହି ସଂକଳ୍ପଗୁଡ଼ିକୁ ମନରେ ରଖି ସଂଘ ଏବେ ଆଗାମୀ ଶତାବ୍ଦୀର ଯାତ୍ରା ଆରମ୍ଭ କରୁଛି । ୨୦୪୭ ମସିହାର ବିକଶିତ ଭାରତ ଗଠନରେ ସଂଘର ପ୍ରତ୍ୟେକ ଯୋଗଦାନ ଦେଶର ଉର୍ଜା ବଢ଼ାଇ ଦେଶକୁ ଅନୁପ୍ରାଣିତ କରିବ । ପୁଣିଥରେ ପ୍ରତ୍ୟେକ ସ୍ୱୟଂସେବକଙ୍କୁ ଅନେକ ଅନେକ ଶୁଭକାମନା ।

# ବିଶ୍ୱ ଜଳବାୟୁ ସମସ୍ୟା



ନିରାକାର ଦାସ

ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ମାନବ ସମାଜ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଏକ ଆକଳନରୁ ଜଣାଯାଏ ବିଶ୍ୱସ୍ତରରେ ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧିଘଟିଛି । ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଚଳିତ ଶତାବ୍ଦୀ ସୁଦ୍ଧା ତାପମାତ୍ର ବୃଦ୍ଧିକୁ ଯଥା ସମ୍ଭବ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବାକୁ ବିଶ୍ୱର ସମସ୍ତ ଦେଶକୁ ଆହ୍ୱାନ ଦିଆଯାଇଛି । ବିଗତ ୫୦ ବର୍ଷ ମଧ୍ୟରେ ପୃଥିବୀର ପ୍ରାୟ ୧୭ ଶତାଂଶ ଜଙ୍ଗଲ ଲୋପପାଇସାରିଛି । ପ୍ରତି ମିନିଟ୍‌ରେ ପୃଥିବୀର ୨୩ ଲକ୍ଷ ମିଟର ପରିମିତ ଜମିରୁ ଜଙ୍ଗଲ କ୍ଷୟ ହେଉଛି । ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ନ ରଖିଲେ ପୃଥିବୀରେ ଉପଲବ୍ଧ ହିମପ୍ରବାହ(ଗ୍ଲେସିଅର)ଗୁଡ଼ିକ ଦ୍ରୁତଗତିରେ ତରଳିବ । ଫଳରେ ଆଇସ୍‌ଲାଣ୍ଡରେ ବିଦ୍ୟମାନ ୩୦୦ ହିମପ୍ରବାହ ଆଗାମୀ ୨୦୦ବର୍ଷ ମଧ୍ୟରେ ତରଳି ମୃତ ପାଲଟିଯିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟତବାଣୀ ଶୁଣାଇଛନ୍ତି । ଗ୍ରୀନ୍‌ଲାଣ୍ଡର ହିମପ୍ରବାହଗୁଡ଼ିକ ମଧ୍ୟ ଭୟାନକ ଭାବେ ତରଳିବାରେ ଲାଗିଛନ୍ତି । ୨୦୧୫ ପରଠାରୁ ଅଣ୍ଟାର୍କଟିକା ମହାଦେଶରେ ଗ୍ରୀନ୍‌ଲାଣ୍ଡ ଆକାରରେ ବରଫ ତରଳି ସାରିଛି ; ଯାହା ଗତ ଦଶନ୍ଧିର ସବୁଠାରୁ ବଡ଼ ପରିବେଶଗତ ପରିବର୍ତ୍ତନ । ଏଥିଯୋଗୁ ଭବିଷ୍ୟତରେ ସମୁଦ୍ରପତ୍ତନ ୧ରୁ ୧.୬ ଫୁଟ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଏପରି ହେଲେ ପୃଥିବୀର ନଦୀଗୁଡ଼ିକରେ ଭୟଙ୍କର ବନ୍ୟା ଆସିବା ସହ ସମୁଦ୍ର ଉପକୂଳବର୍ତ୍ତୀ ଅନେକ ସହର ଜଳଗର୍ଭରେ ଲୀନହୋଇଯିବ । ୨୦୫୦ ବେଳକୁ ୧.୫ କୋଟି ଲୋକ 'କ୍ଲାଇମେଟ୍ ରିଫ୍ୟୁଜି' ହେବେ ବୋଲି ଜଳବାୟୁ ବିଶେଷଜ୍ଞମାନେ ମତ ଦେଇଛନ୍ତି । ପୃଥିବୀର ଭୂତଳ ଜଳସ୍ତର ମଧ୍ୟ ବର୍ଷକୁ ପ୍ରାୟ ୧୭ କ୍ୟୁବିକ୍ କିଲୋମିଟର ଖସିବାକୁ ଲାଗିଛି । ବହୁଳ ଭାବେ ବ୍ୟବହୃତ ରେଫ୍ରିଜରେଟର, ଏୟାର କଣ୍ଡିସନର, ଦ୍ରାବକ, ଶିଳ୍ପଗୁଡ଼ିକରୁ ବହିର୍ଗତ ନାଇଟ୍ରୋଜେନ୍ ଯୌଗିକ ବସ୍ତୁ, ଅନିୟନ୍ତ୍ରିତ ରକେଟ୍ କ୍ଷେପଣ, ପରମାଣୁ ପରୀକ୍ଷଣ ଇତ୍ୟାଦି ସହ ଅନ୍ୟାନ୍ୟ କୃତ୍ରିମ ଓ ପ୍ରାକୃତିକ କାରଣ ପାଇଁ ଓଜୋନ୍ ସ୍ତର ପତଳା ହେବାରେ ଲାଗିଛି । ସେଥିପାଇଁ ଉତ୍ତାପସ୍ତର ଆଶାତୀତ ଭାବେ ବୃଦ୍ଧି ଘଟୁଛି । ବର୍ତ୍ତମାନ ଘଟିଯାଇଥିବା ଇରାନ ଓ ଇସ୍ରାଇଲ ଯୁଦ୍ଧର ପ୍ରଥମ ୫ ଦିନରେ ୩୫,୦୦୦ ଟନ୍‌ରୁ ଉର୍ଦ୍ଧ୍ୱ ଅଙ୍ଗାରକାମ୍ଳ ନିର୍ଗତ ହୋଇଛି ଯାହାକି ବର୍ଷକୁ ୮,୩୦୦ କାର୍ ଚଳାଇବା ଦ୍ୱାରା ନିଃସରଣ ଅଙ୍ଗାରକାମ୍ଳ ସହ ସମାନ । ଏହି ଯୁଦ୍ଧର ପ୍ରାରମ୍ଭରେ ଜେଟ୍ ଫୁଏଲ୍, ରକେଟ୍ ଫାୟାର ଏବଂ କ୍ଷେପଣାସ୍ତ୍ର ପ୍ରୟୋଗରେ ଯେତିକି ଅଙ୍ଗାରକାମ୍ଳ ନିର୍ଗତ ହୋଇଛି, ୨୦ ହଜାର ଟନ୍ କୋଇଲା ଜାଳିଲେ ସେତିକି ନିର୍ଗତ ହେବ । ଏଥିରୁ ଅନୁମାନ କରାଯାଉ ଯୁଦ୍ଧ ବିଭୀଷିକା ଆମ ଜଳବାୟୁକୁ କେତେ ପ୍ରଭାବିତ କରିଥିବ ? ଏହି ସଙ୍କଟ ଦୂରକରିବାକୁ ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀ ରାଷ୍ଟ୍ରଗୁଡ଼ିକ କୌଣସି ଆନ୍ତରିକତା ଦେଖାଉ ନାହାନ୍ତି । ଏହାର କାରଣ ବ୍ରିଟିଶ ରାଜନୀତିଜ୍ଞ ଡେରେକ୍ ୱାଲ୍‌ଙ୍କ 'ଗ୍ରୀନ୍ ଲେଫ୍‌ଟ୍' ପୁସ୍ତକରେ ଉଲ୍ଲେଖ ଅଛି - 'ପୁଞ୍ଜିବାଦ ଶ୍ରମର ଶୋଷଣ ଓ ପ୍ରକୃତିର ଲୁଣ୍ଠନ ଲବ୍ଧ ଲାଭ ମାଧ୍ୟମରେ ନିଜର ଆୟ ବଢ଼ାଇ ଚାଲେ ।' ସେହିପରି ଆମେରିକାନ୍ ଲେଖକ ଜୋଏଲ୍ କ୍ଷ୍ଟିଫେନ୍ କେଭେଲ କୁହନ୍ତି, "ପୁଞ୍ଜିବାଦ ପ୍ରକୃତିର ଶତ୍ରୁ ଓ ପରିବେଶ ଧ୍ୱଂସର ଏକମାତ୍ର କାରଣ ପାଲଟିଛି ।"



ଏହିପରି ପରିବେଶର ଦ୍ରୁତ ସ୍ଖଳନ ଓ ଜଳବାୟୁର ଅସନ୍ତୁଳନ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ପରିବେଶବିତ୍ ରଣଧୀର ସିଂ କହିଥିଲେ, "ପୁଞ୍ଜିବାଦ ପ୍ରକୃତିର ଲାଳନ ପାଳନ କରିବାକୁ ଚାହେଁନା, ଏହା ପ୍ରକୃତିକୁ ସ୍ୱ-ସ୍ୱାର୍ଥରେ ବ୍ୟବହାର କରେ । ବଜାର ଶାସିତ ଅର୍ଥନୀତି ସଦାସର୍ବଦା ପ୍ରକୃତି ଓ ପରିବେଶର ବିରୋଧୀ । ଅଧିକନ୍ତୁ ଏହା ପ୍ରକୃତି ଓ ପରିବେଶ ଧ୍ୱଂସକାରୀ ।" ମାତ୍ରାଧିକ ଶିଳ୍ପନିର୍ମାଣ ପରିବେଶ ଅସନ୍ତୁଳନ ପାଇଁ ଅନ୍ୟ ଏକ ବଡ଼ କାରଣ ପାଲଟିଛି । ଶିଳ୍ପ ପରିଚାଳନା ପାଇଁ ଜଳ, ଜମି ଓ ଜଙ୍ଗଲକୁ ବିନିଯୋଗ ନିଶ୍ଚିତ କରିବେ ଏଥିରେ ସନ୍ଦେହ ନାହିଁ । ଏହିସବୁ ଶିଳ୍ପକ୍ଷେତ୍ରରୁ ନିର୍ଗତ ଧୂଆଁରୁ ଜଳବାୟୁ ତ ଦୂଷିତ ହେବ ହିଁ ହେବ । ଏହି ଶିଳ୍ପଗୁଡ଼ିକ ଲାଭ ପାଇଁ ଆବଶ୍ୟକତାଠାରୁ ଅଧିକ ଜଳ, ଜମି, ଜଙ୍ଗଲର ଉପଯୋଗ କରନ୍ତି, ଧ୍ୱଂସ କରନ୍ତି । ଫଳରେ ଗଛ କଟାଯାଏ, ଖଣିଖାଦାନ ଖୋଳାଯାଏ ଓ ଜଳବାୟୁ ଅଶୁଦ୍ଧ ହୁଏ । ଉତ୍ତାପ ବୃଦ୍ଧିର ଏହା ଏକ ସର୍ବଶ୍ରେଷ୍ଠ କାରଣ ବୋଲି କୁହାଯାଏ । ଆମେରିକାରେ ୧୮୭୩ କମ୍ପାନୀ ଶିଳ୍ପ ପ୍ରତିଷ୍ଠା କରିଛନ୍ତି ଯାହା ବିଶ୍ୱର ୧୦ ବୃହତ୍ ଦେଶ ସହ ସମାନ ଏବଂ ପୃଥିବୀରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛି । ଏଥିରୁ ଅନୁମାନ କରାଯାଏ, ପୁଞ୍ଜିପତି ଓ ଶିଳ୍ପପତିମାନଙ୍କ ଦ୍ୱାରା ଆଧିପତ୍ୟ ଦେଶଗୁଡ଼ିକ ପରିବେଶ ସନ୍ତୁଳନ ପାଇଁ ବିଶ୍ୱ ସମ୍ମିଳନୀର ପ୍ରସ୍ତାବକୁ ଏଡ଼େଇଯାଉଛନ୍ତି ।

ସାମ୍ୟବାଦୀ ରାଷ୍ଟ୍ରମାନେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହ ଦକ୍ଷ ପରିଚାଳନା କରିଥାନ୍ତି । ଏହି ଦେଶଗୁଡ଼ିକରେ ପରିବେଶ ସୁରକ୍ଷା ନିମନ୍ତେ କେନ୍ଦ୍ରୀୟ ଯୋଜନା, ରାଷ୍ଟ୍ରର ମାଲିକାନା ଓ ଦୂର ଭବିଷ୍ୟତକୁ ଚିନ୍ତାକରି ଯୋଜନା ପ୍ରସ୍ତୁତ କରିଥାନ୍ତି । ଏହା ପୁଞ୍ଜିବାଦୀ ଦେଶଗୁଡ଼ିକରେ ଓଲଟା । କ୍ୟୁବାର ଅର୍ଗାନିକ୍ ଫାର୍ମିଂ ଦ୍ୱାରା ମାଟି ସୁସ୍ଥ ରହିବା ସହ କେମିକାଲ ବ୍ୟବହାର କମ୍ ହୁଏ, ଯାହା ବିଶ୍ୱ ପାଇଁ ଏକ ଉତ୍ତମ ଉଦାହରଣ । ଚାଇନା 'ରିନ୍ୟୁଏବେଲ୍ ଏନର୍ଜି ବିନିଯୋଗ ଓ ବୈଷୟିକ ପ୍ରୟୋଗ' ପାଇଁ ବିଶ୍ୱର ନେତୃତ୍ୱ ନେଇପାରୁଛି । ତେଣୁ ଦୁନିଆକୁ ଜଳବାୟୁ ସଙ୍କଟରୁ ସୁରକ୍ଷିତ ରଖିବାକୁ ହେଲେ ସାମ୍ୟବାଦ ହିଁ ଏକମାତ୍ର ବିକଳ୍ପ ବ୍ୟବସ୍ଥା ।

**ଏସ୍‌ବିଟି ଇଣ୍ଡସ୍ ଭ୍ୟାଲ, ରଘୁନାଥପୁର**
**ଭୁବନେଶ୍ୱର , ମୋ: ୯୪୩୭୦୧୩୧୩୯**

### ଏଇ ଭାରତରେ

ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାରରେ ରହନ୍ତି ୨୫୦ ପରିବାର । ପ୍ରତିଦିନ ପ୍ରତ୍ୟେକ ପରିବାରରୁ ରୋଷେଇଘର ବର୍ଜ୍ୟ ସହ ଅନ୍ୟାନ୍ୟ ଅଦରକାରୀ ଜିନିଷ ବାହାରେ ଏବଂ ତାହାକୁ ସଂଗ୍ରହ କରି ପୁନଃ ବ୍ୟବହାର ଯୋଗ୍ୟ କରିପାରୁଛନ୍ତି ଡ. ରୁବି ମୁଖାର୍ଜୀ । ଗତ ୬ ବର୍ଷ ହେଲା ଏହି କଲୋନିରୁ କୌଣସି ବର୍ଜ୍ୟ ବାହାରେ ଠୁଳ ହୋଇ ରହିବାକୁ ଦେଉନାହାନ୍ତି ରୁବି । ସେ ଟ୍ରିପଲ ଆର୍ ସେଣ୍ଟର ନାମକ ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ ଚଳାଇଛନ୍ତି । ପ୍ରତିଦିନ ୨୫୦ କେଜି ରୋଷଘର ବର୍ଜ୍ୟକୁ ଖତ କରାଯାଉଛି । ପ୍ଲାଷ୍ଟିକ, କାଗଜ ଓ କାଚ ବର୍ଜ୍ୟକୁ ରିସାଇକେଲ ସେଣ୍ଟରକୁ ପଠାଯାଉଛି । ଏହାବ୍ୟତୀତ ପୁରୁଣା ଲୁଗା, ଫର୍ନିଚର ଏବଂ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରି ଲୋକଙ୍କୁ ବାଣ୍ଟି ଦେଉଛନ୍ତି । ଏବେ ସୁଦ୍ଧା ଡ. ରୁବି ୧୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ରିସାଇକେଲ ପାଇଁ ପଠାଇ ସାରିଲେଣି ଏବଂ ଏହାକୁ ନେଇ ସେ ମୋଟରେ ୩୦ ଟନ୍ ବର୍ଜ୍ୟ ସଂଗ୍ରହ କରି ସାରିଛନ୍ତି । ପ୍ରାରମ୍ଭରେ ଡ. ରୁବି କଲୋନିର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚି ବର୍ଜ୍ୟ ପରିଚାଳନା ସମ୍ପର୍କରେ ଅବଗତ କରିବା ପରେ ସେମାନଙ୍କଠାରୁ ତାଙ୍କ ଏନ୍‌ଜିଓ ମାଧ୍ୟମରେ ବର୍ଜ୍ୟ ସଂଗ୍ରହ କରିବା ଆରମ୍ଭ କରିଥିଲେ । ତେବେ ୬ ବର୍ଷ ଭିତରେ ସେ କଲୋନିକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରିବାକୁ ସକ୍ଷମ ହୋଇପାରିଛନ୍ତି ।

### ଚିରନ୍ତନୀ

ଆପଣା ରୂପରେ ହୋଇଛି ବିଭୋରା
ମୃଗନାଭି ବାସେ ବନମୃଗ ପରା,
ଯୌବନ ରସ-ଉଛୁଳା ବକ୍ଷେ
ବୁଲୁଛ ବାତୁଳ ସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !

-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | | | |
| | | | 4 | | | 2 | | 6 |
| 1 | 6 | | | | 7 | 3 | | |
| | 7 | | | | | | | 2 |
| | 8 | | 3 | | | | | |
| 2 | | 4 | 6 | 8 | | | | |
| | | 9 | | 2 | 8 | | | 5 |
| 5 | | | | | 6 | | | |
| | 4 | 2 | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 4 | 9 | 6 | 7 | 3 |
| 3 | 6 | 4 | 5 | 7 | 8 | 9 | 2 | 1 |
| 9 | 7 | 2 | 3 | 1 | 6 | 5 | 4 | 8 |
| 8 | 5 | 3 | 6 | 2 | 4 | 7 | 1 | 9 |
| 4 | 9 | 6 | 7 | 8 | 1 | 3 | 5 | 2 |
| 1 | 2 | 7 | 9 | 3 | 5 | 8 | 6 | 4 |
| 7 | 4 | 9 | 1 | 6 | 3 | 2 | 8 | 5 |
| 2 | 8 | 5 | 4 | 9 | 7 | 1 | 3 | 6 |
| 6 | 3 | 1 | 8 | 5 | 2 | 4 | 9 | 7 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନିକ ସଂସ୍କାର ଜରୁରୀ

ମହାଶୟ,
ଏବେ ମେଡିକାଲ କଲେଜ ପ୍ରଶାସନିକ ସ୍ତରରେ ସଂସ୍କାର ଜରୁରୀ ହୋଇପଡ଼ିଛି । ମାତ୍ର ରାଜ୍ୟ ସରକାର ଏଭଳି ସଂସ୍କାର କିମ୍ବା ପଦ୍ଧତି ପ୍ରଚଳନ କରିବାକୁ ଆଗଭର ହେଉନାହାନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିର ବିଷୟବସ୍ତୁ ଓ ଆଭିମୁଖ୍ୟ ରାଜ୍ୟର ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଓଡ଼ିଶା ରାଜପତ୍ର ବିଜ୍ଞପ୍ତି ସଂଖ୍ୟା ୧୪୬୦/୨୦୧୩ ଅନୁସାରେ ଏକକ ପ୍ରଫେସର ଅବସ୍ଥାପିତ ଥିବା ବିଭାଗର ବିଭାଗୀୟ ମୁଖ୍ୟ ଭାବେ ସମାନ କାର୍ଯ୍ୟ ତୁଲାଇପାରିବେ ଏବଂ ଏକାଧିକ ପ୍ରଫେସର ଥିଲେ ପ୍ରତି ୨ ବର୍ଷରେ ଥରେ ରୋଟେଶନ କ୍ରମରେ ବିଭାଗୀୟ ମୁଖ୍ୟ ଅବସ୍ଥାପିତ ହେବେ । ପୁନଶ୍ଚ ପ୍ରଶାସନିକ ସଂସ୍କାରର ପୁନଃ ସରଳୀକରଣକରି ରିଜୋଲୁସନ ନଂ.୮୯୬୭/୨୦୨୨ ଜରିଆରେ ନିର୍ଦ୍ଦେଶ ଦିଆଗଲା ଯେ ଏକକ ପ୍ରଫେସର ଥିବାସ୍ଥଳେ ଉଭୟ ପ୍ରଫେସର ଏବଂ ଆସୋସିଏଟ୍ ପ୍ରଫେସର ପ୍ରତି ୨ ବର୍ଷରେ ଥରେ ରୋଟେସନ କ୍ରମରେ ବିଭାଗୀୟ ମୁଖ୍ୟ ଦାୟିତ୍ୱରେ ରହିପାରିବେ । ମାତ୍ର ଜୁଲାଇ ୧୬ରେ ପ୍ରକାଶିତ ବିଜ୍ଞପ୍ତି ୨୦୨୨ ମସିହା ବିଜ୍ଞପ୍ତିର ସମସ୍ତ ଆଦର୍ଶ ଓ ନିଷ୍ପତ୍ତିକୁ ରଦ୍ଦ କରିବା ପରି ପ୍ରତୀୟମାନ ହେଉଛି । ବାସ୍ତବରେ ପ୍ରାୟ ସମସ୍ତ ବିଭାଗୀୟ ମୁଖ୍ୟ ତଥା ମେଡିକାଲ କର୍ତ୍ତୃପକ୍ଷ ୨୦୨୨ର ରୋଟେସନ ବିଷୟକ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି ।

-ଡା. ଶର୍ମିଷ୍ଠା ବେହେରା, ବରଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୋଟିପତି ଲୋଭରେ ୫୨ ଲକ୍ଷ ହରାଇଲେ

■କାଠ ବ୍ୟବସାୟ, ହର୍ସ ରେସ୍‌ରେ ପାର୍ଟନର କରିଦେବାକୁ କହି ଠକେଇ

■୫ ସାଇବର ଠକଙ୍କୁ ଗିରଫ କଲା ଅନୁଗୋଳ ପୋଲିସ



ପୋଲିସ ହେପାଜତରେ ଗିରଫ ୫ ଅଭିଯୁକ୍ତ।

ଅନୁଗୋଳ,୩।୧୦(ଜ୍ୟୋତି ରଞ୍ଜନ ସାହୁ)

କାଠ ବ୍ୟବସାୟ ଓ ହର୍ସ ରେସ୍‌ରେ ପାର୍ଟନର କରି ରାତାରାତି ବହୁକୋଟି ଟଙ୍କା ଲାଭ ଦେବାର ଲୋଭ ଦେଖାଇ ଅନୁଗୋଳର ଜଣେ ବ୍ୟକ୍ତିଙ୍କ ଠାରୁ ୫୨ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଏ ସଂକ୍ରାନ୍ତରେ ଅନୁଗୋଳ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ୫ ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସୋର ଅଞ୍ଚଳର ଦିଲୀପ କୁମାର ଲେଙ୍କା, ବିଜୟ କୁମାର ଜେନା, ଚିତ୍ତରଞ୍ଜନ ମୁଦୁଲି, ଭଦ୍ରକର କୃପାସିନ୍ଧୁ ମହାରଣା ଏବଂ ଦାର୍ଜିଲିଂର ମହମ୍ମଦ ନିଶାର ଆଲମ।

ପୋଲିସ ସୂତ୍ରରୁ ପ୍ରକାଶ, ଗତ ଜୁଲାଇରେ ଅନୁଗୋଳ ଗାନ୍ଧୀ ମାର୍ଗର ଜଣେ ବ୍ୟକ୍ତିଙ୍କ ନିକଟକୁ ଏକ ଫୋନ କଲ୍ ଆସିଥିଲା। କଲ୍ କରିଥିବା ମହିଳା ଜଣକ ସେ ଗୁଜରାଟ ବରୋଦା ଅଞ୍ଚଳର ବିଶିଖା ଅଗ୍ରୱାଲ ବୋଲି ପରିଚୟ ଦେବା ସହ କାଠ ବ୍ୟବସାୟ ଓ ହର୍ସ ରେସ୍‌ରେ ଟଙ୍କା ଲଗାଇ ପାର୍ଟନର ହେବାକୁ ଅଫର ଦେଇଥିଲେ। ଏହି ବ୍ୟବସାୟରେ ଟଙ୍କା ଲଗାଇଲେ ବହୁ କୋଟି ଟଙ୍କା ଲାଭ ପାଇବେ ବୋଲି ପ୍ରଲୋଭନ ଦେଖାଇଥିଲେ। ଲୋଭରେ ପଡ଼ି ଅଭିଯୋଗକାରୀ ସମ୍ପୃକ୍ତ ଠକ ମହିଳା ପଠାଇଥିବା ଲିଙ୍କ୍ ଜରିଆରେ ପ୍ରଥମ ଦଫାରେ ୫ଟି କିସ୍ତିରେ ୩୦ ଲକ୍ଷ ୮୦ ହଜାର ଓ ଦ୍ୱିତୀୟ ଦଫାରେ ୨୧ ଲକ୍ଷ ୪୬ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ଏତେ ଟଙ୍କା ନେବା ପରେ ମଧ୍ୟ ଠକମାନେ ଆୟକର ବାବଦକୁ ୨୯ ଲକ୍ଷ ୪୨ ହଜାର ୩୩୬ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ଅଭିଯୋଗକାରୀ ସାଇବର ଠକ ହାବୁଡ଼ରେ ପଡିଥିବା ଜାଣିପାରି ଅଗଷ୍ଟ ୨୯ରେ ଅନୁଗୋଳ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଅନୁଗୋଳ ଥାନା ଆଇଆଇସି ଧୀରେଶ କୁମାର ଦାସଙ୍କ ନେତୃତ୍ୱରେ ଏସ୍‌ଆଇ କାଳେଶ୍ୱର ସେଠୀ, ସବ୍‌ଇନ୍ସପେକ୍ଟର ସୌରଭ ସାମଲ, ଗୋପୀନାଥ ଭାରତୀ ପ୍ରମୁଖ ତଦନ୍ତ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୨ ଲକ୍ଷ ୨୮ ହଜାର ଟଙ୍କା, ସୁନାଗହଣା, ମୋବାଇଲ,ଏକାଧିକ ପାସବୁକ୍ ଜବତ କରାଯାଇଛି।

# ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା

## ସ୍ୱାମୀ ଅଟକ

ଟେନ୍‌ସା, ୩।୧୦(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଡେଙ୍ଗୁଳା ଗ୍ରାମରେ ଗୁରୁବାର ରାତିରେ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ସ୍ୱାମୀ। ମୃତ ମହିଳା ହେଲେ ମିତା ନାଏକ(୨୯)। ଖବର ଲେଖାହେବା ସୁଦ୍ଧା ମୃତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ସୂଚନା ଦେଇଛନ୍ତି। ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଗୁରୁବାର ମିତା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ମିତାଙ୍କୁ ଏକ ଠେଙ୍ଗାରେ ପିଟିବାରୁ ସେ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କୋଇଡା ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଇଡା ପୋଲିସ ଶୁକ୍ରବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ରାଉରକେଲା ସାଇଣ୍ଟିଫିକ୍ ଟିମ୍ ଆସିଲେ ଘଟଣା ବିଷୟରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

କେନ୍ଦୁଝର/ଢେଙ୍କିକୋଟ, ୩।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ବିଟ୍ ହାଉସ ଅନ୍ତର୍ଗତ ମେଦିନିପୁର ଗ୍ରାମରେ ପରକୀୟା ପ୍ରୀତିକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଘର ବାରଣ୍ଡାରେ ଶୋଇଥିବା ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ଭଦ୍ର ମହାକୁଡ଼। ପୋଲିସ ମୃତଦେହ ଜବତ ସହ ଗ୍ରାମର ଗମ୍ଭା ମହାକୁଡ଼ଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଭଦ୍ରଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଝିଅର ବାହାଘର ସରିଛି। ପୁଅ ଅନ୍ୟ ରାଜ୍ୟରେ ଚାକିରି କରୁଥିବାରୁ ସେ ଘରେ ଏକୁଟିଆ ରହୁଥିଲେ। ଗୁରୁବାର ରାତିରେ ନିଜ ଘର ବାରଣ୍ଡାରେ ଶୋଇଥିଲେ। ଶୁକ୍ରବାର ସକାଳେ ତାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା, ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ୍ ଅଧିକାରୀ ତ୍ରିନାଥ ନାୟକ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗମ୍ଭାଙ୍କ ସ୍ତ୍ରୀ ଓ ଭଦ୍ରଙ୍କ ମଧ୍ୟରେ ସମ୍ପର୍କ ଥିଲା। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ରାଗରେ ହତ୍ୟା କରିଥିବା ଗମ୍ଭା ସ୍ୱୀକାର କରିଛନ୍ତି। ପୋଲିସ ତାଙ୍କୁ ଗିରଫ ସହ ଟାଙ୍ଗିଆ ଜବତ କରିଛି। ଏନେଇ ଘଟଗାଁ ଥାନାରେ ଏକ ମାମଲା(ନଂ.୪୩୭/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ବିଜୟ ମହାପାତ୍ର କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ଭୁଜାଲିମାଡ଼ରେ ସାନ ମୃତ, ବଡ଼ ଗୁରୁତର

## ଆମ୍ବୁଲାନ୍ସ ଭଡ଼ାକୁ ନେଇ ୨ ଭାଇଙ୍କୁ ଆକ୍ରମଣ



ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ଅନୁଗୋଳ,୩।୧୦(ଜ୍ୟୋତି ରଞ୍ଜନ ସାହୁ)

ଅସୁସ୍ଥ କୁକୁରକୁ ଆମ୍ବୁଲାନ୍ସରେ ଭୁବନେଶ୍ୱର ନେବା ବାବଦ ଭଡ଼ା ଅର୍ଥକୁ କେନ୍ଦ୍ରକରି ଅନୁଗୋଳ ଟାଉନଥାନା ହରିମହୁରି ଛକ ନିକଟରେ ଗତ ବୁଧବାର ରାତିରେ ଘଟିଛି ହତ୍ୟାକାଣ୍ଡ। ଅସୁସ୍ଥ କୁକୁର ମାଲିକ ସୌଭାଗ୍ୟନଗରର ରାହୁଲଙ୍କ ଭୁଜାଲି ମାଡ଼ରେ ଆମ୍ବୁଲାନ୍ସ ମାଲିକ ହରିମହୁରି ଛକର ସୌରଭ ବସାକ ଗୁରୁତର ହୋଇଥିବା ବେଳେ ତାଙ୍କ ସାନଭାଇ ସୌଭାଗ୍ୟ ବସାକଙ୍କ ମୃତ୍ୟୁ ହୋଇଛି। ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ବେଳେ ଅଭିଯୁକ୍ତ ରାହୁଲ ମଧ୍ୟ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ସହରରେ ପତିଆରା ଦେଖାଇବା ପାଇଁ ଏହି ଗଣ୍ଡଗୋଳ ହୋଇଥିବା ଆଲୋଚନା ହେଉଛି।

ପୋଲିସ ସୂତ୍ରରୁ ପ୍ରକାଶ, ସୌଭାଗ୍ୟନଗରର ରାହୁଲଙ୍କ ପୋଷା କୁକୁର ଅସୁସ୍ଥ ଥିବାରୁ ସେ ସୌରଭଙ୍କ ଆମ୍ବୁଲାନ୍ସରେ ତାକୁ ଭୁବନେଶ୍ୱର ନେଉଥିଲେ। ହେଲେ ଢେଙ୍କାନାଳ ପାଖରେ ଆମ୍ବୁଲାନ୍ସ ଅଚଳ ହୋଇପଡ଼ିଥିଲା। ଫଳରେ ରାହୁଲ ଅନ୍ୟ ଏକ ଆମ୍ବୁଲାନ୍ସରେ କୁକୁରକୁ ଭୁବନେଶ୍ୱର ନେଇଥିଲେ। ଭୁବନେଶ୍ୱରରେ ପହଞ୍ଚାଇଥିବା ଆମ୍ବୁଲାନ୍ସ ଚାଳକଙ୍କୁ ରାହୁଲ ଭଡ଼ା ବାବଦ ଅର୍ଥ ଅଚଳ ଆମ୍ବୁଲାନ୍ସ ମାଲିକ ସୌରଭଙ୍କଠାରୁ ନେବାକୁ କହିଥିଲେ। କିନ୍ତୁ ସୌରଭ ଭଡ଼ା ବାବଦ ନିର୍ଦ୍ଧାରିତ ଅର୍ଥ ଦେଉ ନ ଥିବା ଆମ୍ବୁଲାନ୍ସ ଚାଳକ କହିବା ପରେ ଏଥିରେ ଉତ୍ତ୍ୟକ୍ତ ହୋଇ ରାହୁଲ ସହଯୋଗୀଙ୍କ ସହ ହରିମହୁରୀ ଛକସ୍ଥିତ ସୌରଭଙ୍କ ବାସଭବନରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୌରଭଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ସୌଭାଗ୍ୟ ଆସିବାରୁ ଅଭିଯୁକ୍ତମାନେ ୨ ଭାଇଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ୨ ଭାଇଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସାନଭାଇ ସୌଭାଗ୍ୟଙ୍କ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଅନୁଗୋଳ ଟଉନଥାନା ଆଇଆଇସି ଧୀରେଶ ଦାସ କହିଛନ୍ତି, ସିସିଟିଭି ଫୁଟେଜରେ ଗଣ୍ଡଗୋଳର ଦୃଶ୍ୟ ସ୍ପଷ୍ଟ ରହିଛି। ଅଭିଯୁକ୍ତ ରାହୁଲଙ୍କୁ ଗିରଫ କରାଯାଇଛି। ସେ ଆହତ ହୋଇଥିବାରୁ ମେଡିକାଲରେ ଚିକିତ୍ସା କରାଯାଉଛି। ସହଯୋଗୀ ୨ ଜଣଙ୍କୁ ଅଟକ ରଖାଯାଇଛି। ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛନ୍ତି।

# ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା, ସ୍ୱାମୀ ଗିରଫ

ଲାଞ୍ଜିଗଡ଼, ୩।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ସର୍ଗିଗୁଡା ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଫୁଲସିଙ୍ଗ ମାଝୀ (୪୯)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ବୁଡ୍ରୀ ମାଝୀ।



ଗିରଫ ଫୁଲସିଙ୍ଗ ମାଝୀ

ସୂଚନାନୁସାରେ ଫୁଲସିଙ୍ଗ ସ୍ତ୍ରୀ ବୁଡ୍ରୀ ଓ ଅନ୍ୟ ପରିବାର ସଦସ୍ୟ ସହିତ ସର୍ଗିଗୁଡାରେ ରହୁଥିଲେ। ତାଙ୍କର ୫ ଝିଅ ଓ ୨ ପୁଅ ଥିବାବେଳେ ୪ଝିଅ ବିବାହ କରିସାରିଛନ୍ତି। ସୋମବାର ରାତିରେ କୌଣସି କାରଣରୁ ଫୁଲସିଙ୍ଗ ନିଜ ସ୍ତ୍ରୀ ବୁଡ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରି ଫେରାର ହୋଇଯାଇଥିଲେ। ମଙ୍ଗଳବାର ସକାଳେ ବୁଡ୍ରୀଙ୍କ ଭାଇ ଏନେଇ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ନୀଳାମ୍ବର ଜାନିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ଲାଞ୍ଜିଗଡ଼ରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ ପୋଲିସ ଫୁଲସିଙ୍ଗଙ୍କୁ ଗିରଫ କରିଥିବାବେଳେ ସେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୨୮/୨୫) ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

See Career Appointment on every Wednesday & Saturday

**କର୍ମଚାରୀ ଆବଶ୍ୟକ**
କଟକ ଓ ଭୁବନେଶ୍ୱରରେ (Well & Pile) ଡ୍ରିଲ୍ କାର୍ଯ୍ୟ ପାଇଁ Experience/Fresher Engineer, Supervisor, RMC Quality Er., Accountant, RMC/ Site Incharge ଏବଂ ଭୁବନେଶ୍ୱର ଅଫିସରେ କାର୍ଯ୍ୟ ପାଇଁ Data Entry Operator, Marketing, Office Manager & Other Staff ଆବଶ୍ୟକ।
Ph: 9937499625

**WANTED**

| | No. of Posts |
|---|---|
| Engineer (Instrument) (B Tech with minimum 07 years Experience / Diploma (Instrument) minimum 10 years Exp. | 04 Nos. |
| Instrument Technician (ITI/ Diploma with 10 years experience) | 15 Nos. |
| AO / MIS / VSAP (B-Tech (Instrument) with 07 years in similar field) | 01 Nos. |

Interested candidates send your resume immediately.
Location : SSL (VAL, LANJIGARH), Mobile : 9937718861
Email: soumyakant.mishra@sslegacy.co.in
Salary is not constraint for suitable candidates

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-ଡାଟା-ଲବି-ଟିଏଲ୍‌ସି-୧୦, ତାରିଖ: ୩୦।୦୯।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ବୈଷୟିକ ବିଡ୍ ଏବଂ ପ୍ୟାକେଟ୍-II: ଆର୍ଥିକ ବିଡ୍) ଆହ୍ୱାନ କରାଯାଉଛି । ଟେଣ୍ଡର ବାବଦରେ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୭୩୦ ଦିନ ପାଇଁ ସମସ୍ତ ଲବି ଯଥା ଜରୋଲି, ଡାଙ୍ଗୋଆପୋଷି, ଟାଟାନଗର, ଆଦିତ୍ୟପୁର, ସିନି, ଚକ୍ରଧରପୁର, ବଣ୍ଡମୁଣ୍ଡା, ରାଉରକେଲା ଓ ଝାରସୁଗୁଡ଼ା ଏବଂ ଟିଏଲ୍‌ସି/ଚକ୍ରଧରପୁରଠାରେ ଲୋକୋ ଏବଂ କ୍ରିଉ ସମ୍ବନ୍ଧୀୟ କାର୍ଯ୍ୟ ପ୍ରଦର୍ଶନର ତଦାରଖ ପାଇଁ ବିଭିନ୍ନ ଗୁଗଲ୍ ଶିଟ୍, ଏଫ୍‌ଓଆଇଏସ୍, ଏସ୍‌ଏଲ୍‌ଏଏମ୍, ଆଇସିଏମ୍‌ଏସ୍, ସିଓଏ କିମ୍ବା ଅନ୍ୟ ଯେକୌଣସି ପ୍ରକାର ଅସ୍ୱାଭାବିକତା ଭଳି ଟ୍ରେନ୍ ପରିଚାଳନା ସମ୍ବନ୍ଧୀୟ ଡାଟା ଏଣ୍ଟ୍ରି ଓ ତତ୍-ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଆଉଟ୍‌ସୋର୍ସିଂ । **ଟେଣ୍ଡର ମୂଲ୍ୟ:** ₹୧,୧୮,୯୯,୪୦୮.୮୦ । **ଇ.ଏମ୍.ଡି.:** ₹୨,୦୯,୫୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ୫,୦୦୦/- । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୨।୧୦।୨୦୨୫ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୨।୧୦।୨୦୨୫ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-687)

**Tender Notice**
BAIF Institute for Sustainable Livelihoods and Development
Invites sealed quotations from reputed vendors for "Power Tiller, Power reaper & Paddy Thresher" procurement for Kujang block, Jagatsinghpur district, Odisha. Refer www.baif.org.in & www.baifodisha.org for details.
Plot no.: 1565/2682, At Bhatra
PO. Dhanupali, Sambalpur, Odisha–768005
Telephone: +91-7894418530

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2025-32, ତା.25.09.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର 07 ଗୋଟି ସେକ୍ସନରେ ଅତ୍ୟାଧିକ ପୁରୁଣା କ୍ୱାଡ୍ କେବୁଲ ଏବଂ OFC ର ସ୍ଥାନାନ୍ତରଣ। ସେକ୍ସନ ସମୂହ : ଅତାବିରା-ଦେବାହାଲ, ଦେବାହାଲ-ବରଗଡ଼ ରୋଡ୍, ଲୋଇସିଂହା-ବଲାଙ୍ଗୀର, ଦେଓଗାଁ ରୋଡ୍-ସଇଁତଳା, ସଇଁତଳା-ବଡ଼ମାଳ, ବଡ଼ମାଳ-ସିକିର ଏବଂ ମହାସମୁନ୍ଦ-ବେଲସୋଣ୍ଡା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 4,89,97,349/-, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 3,95,000/-।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.10.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ସମ୍ବଲପୁର
PR-649/Q/25-26

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା, ୱାର୍ଡ ସଭ୍ୟ ଅପହରଣ

## ଗ୍ରାମାଞ୍ଚଳରେ ରାଜନୀତି ସରଗରମ

ଯାଜପୁର,୩।୧୦
(ହର୍ଷବର୍ଦ୍ଧନ ବେହେରା)




ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ ଅଭିଯୋଗ ନେଇ ଥାନାରେ ଦ୍ୱାରସ୍ଥ ତାଙ୍କ ସ୍ତ୍ରୀ ଏବଂ ସମର୍ଥକ।

ପଞ୍ଚାୟତ ନିର୍ବାଚନକୁ ପ୍ରାୟ ଦେଢ଼ବର୍ଷ ବାକି ରହିଥିବାବେଳେ ଯାଜପୁର ଜିଲାରେ ସରପଞ୍ଚମାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବା ରାଜନୀତି ଜୋର ଧରିଛି। ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକ ରଣପୁର ଏବଂ ଦଶରଥପୁର ବ୍ଲକ ବିରୁହାଁ ସରପଞ୍ଚଙ୍କ ବିରୋଧରେ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇସାରିଛି। ସେଥିମଧ୍ୟରୁ ରଣପୁର ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ପୁଷ୍ପଲତା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ଏହିସବୁ ଅନାସ୍ଥା ନାଟକରେ କେତେଜଣ ପ୍ରଭାବଶାଳୀ ନେତାଙ୍କ ହାତ ରହିଥିବା ଚର୍ଚ୍ଚା ହେଉଛି।

ବିଞ୍ଝାରପୁର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ୱାର୍ଡ ସଭ୍ୟ ଧନେଶ୍ୱର ଉପଜିଲାପାଳଙ୍କ ନିକଟରେ ରଣପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଥିଲେ। ଏଥିପାଇଁ ଉପଜିଲାପାଳ ଆସନ୍ତା ୮।୧୦।୨୦୨୫ରେ ଅନାସ୍ଥା ଭୋଟ କରିବାକୁ ଧାର୍ଯ୍ୟ କରିଛନ୍ତି। ଏହାପରେ ଗ୍ରାମାଞ୍ଚଳ ନେତାଙ୍କ ମଧ୍ୟରେ ଘୋଡ଼ା ବେପାର ଆରମ୍ଭ ହୋଇଛି। ପୁଷ୍ପଲତାଙ୍କ ଅଭିଯୋଗ ଅନୁସାରେ ରଣପୁର ଗ୍ରାମର ଧନେଶ୍ୱର ବୁଧବାର ସକାଳ ୮ଟାରେ ସାଇକେଲ ଯୋଗେ ବିଞ୍ଝାରପୁର ହାଟକୁ ସଉଦା କରିବାକୁ ଯାଇଥିଲେ। ସେ ହାଟରୁ ସଉଦା ସାରି ଫେରୁଥିବାବେଳେ ସରପଞ୍ଚଙ୍କ ସମର୍ଥକମାନେ ତାଙ୍କୁ ଜୋରଜବରଦସ୍ତ ସ୍କୁଟିରେ ବସାଇ ନେଇଯାଇଥିଲେ। ଏହି ସମୟରେ ଧନେଶ୍ୱରଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏହାପରେ ପାଟିରେ କପଡା ପୂରାଇ କାରରେ ବସାଇ କୁଆଡେ ଅପହରଣ କରିନେଇଛନ୍ତି। ରଣପୁର ଗ୍ରାମର କେତେଜଣ ଲୋକ ଏହା ଦେଖି ପୁଷ୍ପଲତାଙ୍କୁ ଖବର ଦେଇଥିଲେ। ତେଣୁ ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଞ୍ଝାରପୁର ଥାନାରେ ଏନେଇ କେସ୍ ନଂ. ୪୫୬/୨୦୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

ଅନ୍ୟପକ୍ଷରେ ଜିଲାର ଦଶରଥପୁର ବ୍ଲକ ବିରୁହାଁ ପଞ୍ଚାୟତ ସରପଞ୍ଚ ସୁବାସ ଦେବତାଙ୍କ ବିରୋଧରେ ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ରଙ୍କ ନେତୃତ୍ୱରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଉପଜିଲାପାଳ ଅନାସ୍ଥା ଭୋଟ ପାଇଁ କୌଣସି ତାରିଖ ଧାର୍ଯ୍ୟ କରି ନାହାନ୍ତି। ତଥାପି ସରପଞ୍ଚଙ୍କ ବିରୋଧରେ ୯ ଜଣ ୱାର୍ଡ ସଭ୍ୟ ଅଜ୍ଞାତବାସରେ ଥିବା ଚର୍ଚ୍ଚା ହେଉଛି। ଏହାସହ ଜିଲାର ଆଉ କେତେକ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଯୋଜନା ଚାଲିଛି ବୋଲି ସୂଚନା ମିଳିଛି।

ଗ୍ରାମାଞ୍ଚଳର ବିକାଶରେ ପଞ୍ଚାୟତର ଅଧିକ ଭୂମିକା ରହିଛି। ଏଥିପାଇଁ ୧୯୯୭ରେ ରାଜ୍ୟରେ ପଞ୍ଚାୟତ ଅଧିନିୟମ ପ୍ରବର୍ତ୍ତିତ କରାଯାଇଥିଲା। ଏହାର ୩ ଦଶନ୍ଧି ବିତିଯାଇଥିଲେ ମଧ୍ୟ ପଞ୍ଚାୟତ ବ୍ୟବସ୍ଥାରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇ ପାରିନାହିଁ। ଜିଲାର ଗ୍ରାମାଞ୍ଚଳରେ ପାନୀୟ ସମସ୍ୟାକୁ ଅବଲୋକନ କଲେ ଜିଲା ପରିଷଦର କ୍ଷମତା ବହୁ ପରିମାଣରେ ସଙ୍କୁଚିତ ହୋଇଯାଇଥିବା ମନେ ହେଉଛି। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ଦିଗରେ ଜିଲା ପରିଷଦର ପ୍ରମୁଖ ଭୂମିକା ରହିଛି ବୋଲି ସଭା ସମିତିରେ କୁହାଯାଉଛି। କିନ୍ତୁ ସେଗୁଡ଼ିକ କେବଳ ପରିଷଦ ବୈଠକର ଆଲୋଚନାରେ ସୀମିତ ରହୁଛି। ଏ ଦିଗରେ ରାଜ୍ୟ ସରକାର କିମ୍ବା ନିର୍ବାଚନ ଅଧିକାରୀ କେହି କେବେ ସମୀକ୍ଷା କରି ଏହାର ନିରାକରଣ ପନ୍ଥା ବାହାର କରୁନାହାନ୍ତି ବୋଲି ଅଭିଯୋଗ ହେଉଛି।

**ବିଜ୍ଞାପନ ସଂଖ୍ୟା ୦୩/୨୦୨୫**
ଭାରତ ସରକାର
ଇସ୍ପାତ ମନ୍ତ୍ରଣାଳୟ
ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ନିର୍ଦ୍ଦେଶକ (ବାଣିଜ୍ୟିକ) ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୧୨।୧୧।୨୦୨୫ରିଖ ୧୭.୦୦ ଘଟିକା ପର୍ଯ୍ୟନ୍ତ ।
ବିବରଣୀ ପାଇଁ ୱେବ୍‌ସାଇଟ୍ https://steel.gov.in/advertisements ରେ ଲଗ୍‌ଇନ୍ କରନ୍ତୁ ।
cbc 40101/11/0012/2526

**TP SOUTHERN ODISHA DISTRIBUTION LIMITED**
(Procurement Department)
TPSODL
BPR North Star Building,
2nd Floor, Khodasingi, Berhampur, Odisha-760010
**NOTICE INVITING TENDER** Dt.: 04.10.2025
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/2025-26/2500001071 | 5,00,000/- | 5,000 | 08.10.2025; 18:00 Hrs. |
| 2 | Rate Contract for Hiring of Safety Professionals at PAN TPSODL, Odisha | TPSODL/OT/2025-26/2500001072 | 2,00,000/- | 5,000 | 15.10.2025; 18:00 Hrs |

For detailed tender, please visit Tender Section on TPSODL website https://www.tpsouthernodisha.com

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି), ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି:** (୧) **ସିକେପି-ୱେଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ବଣ୍ଡମୁଣ୍ଡା-ଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୧୮,୭୯,୯୭୩.୦୬; ₹୨,୦୯,୪୦୦/- । (୨) **ସିକେପି-ୱେଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ରାଉରକେଲାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୩୮,୫୯,୯୯୯.୮୨; ₹୨,୧୯,୩୦୦/- । (୩) **ସିକେପି-ୱେଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ରାଜଗାଙ୍ଗପୁରଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୯୭,୯୯,୯୯୯.୯୦; ₹୨,୪୯,୦୦୦/- । (୪) **ସିକେପି-ୱେଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୯୭,୯୯,୯୯୯.୯୦; ₹୨,୪୯,୦୦୦/- । (୫) **ସିକେପି-ୱେଷ୍ଟ-୨୫-୨୬-୨୭, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଝାରସୁଗୁଡ଼ା – ସରଡେଗା ମଧ୍ୟରେ ସିଏଚ୍ ୦ – ସିଏଚ୍ ୫୦ ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୨,୫୯,୬୬,୭୯୯.୮୪; ₹୨,୭୯,୮୦୦/- । (୬) **ସିକେପି-ୱେଷ୍ଟ-୨୫-୨୬-୨୮, ତାରିଖ: ୨୬।୦୯।୨୦୨୫** । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ଝାରସୁଗୁଡ଼ାଙ୍କ ଅଧୀନରେ ଟାଙ୍ଗରମୁଣ୍ଡା-ପାନପୋଷ ମଧ୍ୟରେ ୱେ' ସାଇଡ୍ ଷ୍ଟେଶନରେ ସର୍ଭିସ୍/ଆବାସିକ ବିଲ୍ଡିଂ ଆଦି ପାଇଁ ଜୋନାଲ୍ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ); ₹୧,୩୮,୦୦,୦୦୦/-; ₹୨,୧୯,୦୦୦/- । (୭) **ସିକେପି-ସେଣ୍ଟ୍ରାଲ-୨୫-୨୬-୩୬, ତାରିଖ: ୨୬।୦୯।୨୦୨୫** । ମଣ୍ଡଳ ଯନ୍ତ୍ରୀ/ମଧ୍ୟ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚକ୍ରଧରପୁରଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ; ₹୧,୬୯,୨୯,୦୦୦/-; ₹୨,୩୪,୭୦୦/- । (୮) **ସିକେପି-ସେଣ୍ଟ୍ରାଲ-୨୫-୨୬-୩୭, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଦୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ 'ଏ' କ୍ୟାବିନ୍ (କିମି ୪୦୭/୧୧)ରୁ ଚାନ୍ଦିପୋଷି (କିମି ୪୩୮/୦) ଏବଂ ଦୁମେର୍ତା (କିମି ୪୧୨/୧୧)ରୁ ଲିଙ୍କ୍ ସି (କିମି ୫୭୯/୫) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୫,୭୩,୦୦୦/-; ₹୨,୪୬,୫୦୦/- । (୯) **ସିକେପି-ସେଣ୍ଟ୍ରାଲ-୨୫-୨୬-୩୮, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ-II)/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୩,୦୫,୦୦୦/-; ₹୨,୪୬,୫୦୦/- । (୧୦) **ସିକେପି-ସେଣ୍ଟ୍ରାଲ-୨୫-୨୬-୩୯, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ମନୋହରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୨୨,୭୫,୦୦୦/-; ₹୨,୬୧,୪୦୦/- । (୧୧) **ସିକେପି-ସେଣ୍ଟ୍ରାଲ-୨୫-୨୬-୪୦, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ/ପି.ୱେ/ଦୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ ସେକ୍ସନ ଚାନ୍ଦିପୋଷି (କିମି ଏକ୍ସ-୪୩୮/୦)ରୁ ବରସୁଆଁ (କିମି ୪୭୫/୦) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୪୦,୦୦୦/-; ₹୨,୨୯,୨୦୦/- । (୧୨) **ସିକେପି-ସେଣ୍ଟ୍ରାଲ-୨୫-୨୬-୪୧, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବିମଲଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୬୮,୩୦,୦୦୦/-; ₹୨,୩୪,୨୦୦/- । (୧୩) **ସିକେପି-ଇଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ସିନିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୮,୦୯,୮୯୯.୯୯; ₹୨,୪୯,୧୦୦/- । (୧୪) **ସିକେପି-ଇଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଆଦିତ୍ୟପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୩୯,୯୯୯.୯୯; ₹୨,୨୯,୨୦୦/- । (୧୫) **ସିକେପି-ଇଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୪୩,୫୫,୦୦୦/-; ₹୨,୨୧,୮୦୦/- । (୧୬) **ସିକେପି-ଇଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫** । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାହାଲଦା ରୋଡ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର-ଅଁଳାକୋରି, ଅଁଳାକୋରି-ଗୋରୁମହିଷାଣି ଏବଂ ଅଁଳାକୋରି-ବାଦାମପାହାଡ଼ ଷ୍ଟେଶନ ମଧ୍ୟରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୮,୭୦,୦୦୦/-; ₹୨,୧୪,୪୦୦/- । (୧୭) **ସିକେପି-ସାଉଥ୍-୨୫-୨୬-୧୨, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚାଇବାସାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୬୮,୬୦୦/-; ₹୨,୮୮,୯୦୦/- । (୧୮) **ସିକେପି-ସାଉଥ୍-୨୫-୨୬-୧୩, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୧୯,୮୩,୩୦୦/-; ₹୩,୦୯,୯୦୦/- । (୧୯) **ସିକେପି-ସାଉଥ୍-୨୫-୨୬-୧୪, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାଂଶପାଣିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୫୯,୨୮,୦୦୦/-; ₹୩,୨୯,୬୦୦/- । (୨୦) **ସିକେପି-ସାଉଥ୍-୨୫-୨୬-୧୫, ତାରିଖ: ୨୬।୦୯।୨୦୨୫** । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ ଜାମଦାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୮୪,୮୦୦/-; ₹୨,୮୮,୯୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦.୦୦ । **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୨୧।୧୦।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-678)





# ବିଦାୟ ନେଲେ ମା': ବାଜା, ବାଣରେ କମ୍ପିଲା ସହର

ଅନୁଗୋଳ,୩।୧୦(ଦିବ୍ୟଶାନ୍ତନୁ ନାଥ)/ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରରେ ଶାନ୍ତି ଶୃଙ୍ଖଳାର ସହ ଦୁର୍ଗାପୂଜା ସମ୍ପନ୍ନ ହୋଇଛି। କେନ୍ଦ୍ରୀୟ ପୂଜା କମିଟିର ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ଭସାଣି ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପୂଜା କମିଟି ପକ୍ଷରୁ ମଧ୍ୟାହ୍ନ ସାଢ଼େ ୧୨ଟାରେ ମୃଣ୍ମୟୀ ମୂର୍ତ୍ତିଗୁଡିକୁ ସୁସଜ୍ଜିତ ଗାଡ଼ିରେ ଶୋଭାଯାତ୍ରାରେ ନିଆଯାଇଥିଲା। ସିଙ୍ଗବାଜା, ଢୋଲ, ଘଣ୍ଟା, ଶଙ୍ଖ, କାହାଳୀ ଆଦି ସହ ବିଭିନ୍ନ ଲୋକକଳାରେ ସହର ଦୁଲୁକିଉଠିଥିଲା। ଝିପି ଝିପି ବର୍ଷାକୁ ଖାତିର ନ କରି ସହସ୍ରାଧିକ ଲୋକ ଶୋଭାଯାତ୍ରାକୁ ଉପଭୋଗ କରିବା ସହ ଦେବୀଙ୍କ ଦର୍ଶନ କରିଥିଲେ। ଅମଲାପଡ଼ା, ଶିମିଳିପଡ଼ା, ହେମସୁରପଡ଼ା, ବସ୍‌ଷ୍ଟାଣ୍ଡ, ଦୁର୍ଗାଶଙ୍କର ବଜାର, ହୁଲୁରିସିଙ୍ଗା ଆଦି ପୂଜା କମିଟି ସାଜସଜ୍ଜା, ଭସାଣି ଶୋଭାଯାତ୍ରା ବେଶ ଚିତ୍ତାକର୍ଷକ ହୋଇଥିଲା। ଶୋଭାଯାତ୍ରା ନଗରପରିକ୍ରମା କରିବା ପରେ ପୌରପାଳିକା ପକ୍ଷରୁ ନିର୍ଦ୍ଧାରିତ ଅସ୍ଥାୟୀ ପୁଷ୍କରିଣୀରେ ଦେବୀଙ୍କୁ ବିସର୍ଜନ କରାଯାଇଥିଲା।















## ଲକ୍ଷ୍ମୀପୂଜାକୁ ଶୃଙ୍ଖଳିତ କରିବାକୁ ନିଷ୍ପତ୍ତି

ଆଠମଲ୍ଲିକ,୩।୧୦ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହରରେ ହେବାକୁ ଥିବା ଲକ୍ଷ୍ମୀ ପୂଜାକୁ ଶୃଙ୍ଖଳିତ କରିବାକୁ ମଙ୍ଗଳବାର ସମସ୍ତ ଲକ୍ଷ୍ମୀ ପୂଜା କମିଟି କର୍ମକର୍ତ୍ତା ଓ ପୋଲିସ ପ୍ରଶାସନ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଭସାଣି ଉତ୍ସବରେ ଡିଜେକୁ ବାରଣ କରାଯିବା ସହିତ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସାଉଣ୍ଡ ବକ୍ସରେ ଗୀତ ବଜାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ବଙ୍ଗଳାସାହି ଲକ୍ଷ୍ମୀପୂଜା କମିଟି ସଭାପତି ବିନୟ ତ୍ରିପାଠୀ, ରଥସାହି ପୂଜା କମିଟି ସଭାପତି ସୁଧୀର ମହାପାତ୍ର, ଲକ୍ଷ୍ମୀ ନାରାୟଣ ପୂଜା କମିଟି ସଭାପତି ରଞ୍ଜିତ ମିଶ୍ରଙ୍କ ସମେତ ସମସ୍ତ ପୂଜା କମିଟି ରକର୍ମକର୍ତ୍ତା ଉପସ୍ଥିତ ଥିଲେ। ସବ୍ ଇନ୍ସପେକ୍ଟର ସତୀଶ କୁମାର ଲେଙ୍କା, ଏଏସ୍ଆଇ ନେପାଳ କଟା, ଏଏସ୍ଆଇ ମନୋଜ ସାହୁଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ଧୁମଧାମରେ ପାଳିତ ହେଲା ଦଶହରା



ଆଠମଲ୍ଲିକ,୩।୧୦ (ଉଦୀପ୍ତ ପୁରୋହିତ)

ପବିତ୍ର ବିଜୟା ଦଶମୀ ଅବସରରେ ଆଠମଲ୍ଲିକ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ଦଶହରା ଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି। ପୂଜକ ପ୍ରଫୁଲ୍ଲ ପାଣିଗ୍ରାହୀଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ପରେ ରାତି ୮ଟାରେ ସୁସଜ୍ଜିତ ରୁପା ପାଲିଙ୍କିରେ ମା' ମାହେଶ୍ୱରୀ ଓ ଦୋଳଗୋବିନ୍ଦଙ୍କୁ ସହର ପରିକ୍ରମା କରାଯାଇଥିଲା। ବିଭିନ୍ନ ବାଦ୍ୟ ସହ ମେଲୋଡି, ଲଉଡ଼ିଖେଳ, ଘୋଡ଼ାନାଚ, ସଂକୀର୍ତ୍ତନ ଆଦିରେ ବିରାଟ ପଟୁଆରରେ ମା'ଙ୍କୁ ଦଶହରା ମଣ୍ଡପକୁ ନିଆଯାଇଥିଲା। ସେଠାରେ ଦେବୋତ୍ତର ପୂଜକ ପାଣିଗ୍ରାହୀଙ୍କ ଦ୍ୱାରା ପୂଜା ନୀତି ପରେ ମନ୍ଦିରକୁ ଫେରାଇ ଅଣାଯାଇଥିଲା। ଡୁମାଳ ସମାଜ ତଥା ମା'ଙ୍କ ସେବକ ରୁପା ପାଲିଙ୍କିରେ ବୋହିବା ସହିତ ଛତ୍ର ବାନା ଧରି ସହର ପରିକ୍ରମାରେ ସାମିଲ ହୋଇଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ସହକାରୀ ଜିଲାପାଳ ସୌମ୍ୟରଞ୍ଜନ ସେଠୀ ଥିବାବେଳେ ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀ ଓ ଆଠମଲ୍ଲିକ ପୋଲିସ ଉପସ୍ଥିତ ଥିଲେ। ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ମାଙ୍କ ସହର ପରିକ୍ରମାରେ ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା।

## ନାଲ୍‌କୋନଗରରେ ରାବଣପୋଡ଼ି



ବଆଁରପାଳ,୩।୧୦ (ସୁବାସ ସାହୁ)

ନାଲ୍‌କୋନଗର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମୀନା ବଜାର ପଡିଆରେ ରାବଣ ପୋଡି ଓ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ମୁଖ୍ୟ ଅତିଥି, ମାନବସମ୍ବଳ ମହାପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ, ଲୋକସମ୍ପର୍କ ଅଧିକାରୀ ରାଜାରାମ ମିଶ୍ର, ନାଲକୋ ଥାନା ଆଇଆଇସି ଶ୍ୟାମଲାଲ ଓରାମଙ୍କ ସମେତ ସମସ୍ତ ଶ୍ରମିକ ସଂଘର କର୍ମକର୍ତ୍ତା ଯୋଗ ଦେଇଥଲେ। ପ୍ରାୟ ୩୦ ହଜାରରୁ ଅଧିକ ଦର୍ଶକ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନାଲକୋ ଠିକା ସୁରକ୍ଷା କର୍ମୀ କରଣସିଂ ସିକ୍ୟୁରିଟି ଏଜେନ୍ସୀ, ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ସିଆଇଏସଏଫର ଦମକଳ ବାହିନୀ ଓ ନାଲକୋ ଥାନା ପୋଲିସ ଉପସ୍ଥିତ ଥିଲେ। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ଶୁକ୍ରବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିରାଟ ଶୋଭାଯାତ୍ରାରେ ମା'ଙ୍କୁ ନିଆଯାଇ ଲକ୍ଷ୍ମଣପୁର ଠାରେ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ପୂଜା କମିଟିର ସମସ୍ତ ସଦସ୍ୟ ଲିଟୁ ଗଡ଼ନାୟକ, ବାମଦେବ ସେଠ, ରଙ୍କନିଧି ନାୟକ, ମନୋଜ ସ୍ୱାଇଁ, ହରିନାଥ, ଦୀପକ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## କଂସ ଦରବାରରେ ଦୁଲୁକିଲା ପୂଜାମଣ୍ଡପ



ବଇଣ୍ଡା,୩।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଦୁର୍ଗାପୂଜା ଉତ୍ସବ ଅବସରରେ ବୁଧବାର ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କଂସ ଦରବାରରେ ପୂଜା ମଣ୍ଡପ ଦୁଲିକି ଉଠିଥିଲା। ଏହି କାର୍ଯ୍ୟକ୍ରମକୁ ହଣ୍ଡପା ଥାନା ଆଇଆଇସି ନମିତା ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଭାଜପା ଉପସଭାପତି ଅର୍ଜୁନ କୁମାର ସାହୁ ଯୋଗ ଦେଇଥିଲେ। ଏଥିରେ ଗାଁବଇଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ମାନସ କୁମାର ସାହୁ କଂସ ଭୂମିକାରେ ଅଭିନୟ କରିଥିଲେ। ସହଯୋଗୀ ଙ୍କ ସହ କଂସ ଦରବାର କରି ବିଭିନ୍ନ ସାମାଜିକ ବାର୍ତ୍ତା ଦେଇଥିଲେ। ଏଥିସହ ପାଇକ ଖେଳ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଗିରିଶ କୁମାର ବେହେରା ପରିଚାଳନା କରିଥିଲେ।

## ଆଞ୍ଜାଲଡୁ ନିଲାମ, ଭସାଣି ଉତ୍ସବ

ଛେଣ୍ଡିପଦା,୩।୧୦(ଅଜିତ ଧଳ)



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ହାଟପଦା ଠାରେ ଦୁର୍ଗାପୂଜା ପାଳିତ ହୋଇଥିବାବେଳେ ଗୁରୁବାର ସନ୍ଧ୍ୟାରେ ରାବଣପୋଡି ଓ ଆଞ୍ଜାଲଡୁ ନିଲାମ ହୋଇଥିଲା। ଶୁକ୍ରବାର ସକାଳେ ମା'ଙ୍କ ଭସାଣି ଉତ୍ସବ ସମ୍ପନ୍ନ ହୋଇଥିଲା। ରାବଣପୋଡ଼ି ଉତ୍ସବକୁ ଦେଖିବା ପାଇଁ ସହସ୍ରାଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା। କମିଟି ସଭାପତି ତ୍ରିନାଥେଶ୍ୱର ପ୍ରଧାନଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ବିଦେଶୀ ବେହେରା, ଗ୍ରାମ ସଭାପତି ବିନୋଦ ପ୍ରଧାନ, ସମ୍ପାଦକ ଗଣେଶ୍ୱର ସାହୁ, ଉପସଭାପତି ଡମ୍ବରୁଧର ବେହେରା ଓ ପୂଜା କମିଟି ସମ୍ପାଦକ କ୍ଷୀରୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରାବଣ ପୁତ୍ତଳିକାରେ ଅଗ୍ନି ସଂଯୋଗ କରିଥିଲେ। ସେହିପରି ପ୍ରାୟ ୬୧ କେଜିର ଆଞ୍ଜାଲଡୁକୁ ଜରପଡାର ନିର୍ମଳ ନାଏକ ୫୪ ହଜାର ଟଙ୍କାରେ ନିଲାମ ନେଇଥିଲେ। ରଞ୍ଜନ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରାକ୍ତନ ସଭାପତି କହ୍ନେଇ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶୁକ୍ରବାର ଆତସବାଜି ସହ ବିରାଟ ପଟୁଆରରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା।

## କାଳୀପୂଜା ପାଇଁ ମାଟି ଅନୁକୂଳ

ବଇଣ୍ଡା,୩।୧୦(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଙ୍ଗପଡ଼ା ଗ୍ରାମରେ କାଳୀ ପୂଜା ଅନୁଷ୍ଠିତ ହେବ। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଶୁକ୍ରବାର ମାଟି ଅନୁକୂଳ କରାଯାଇଛି। ଗ୍ରାମ ନିକଟରେ ଥିବା ଏକ ସ୍ଥାନରୁ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ସଂଗ୍ରହ କରାଯାଇଥିଲା। ପୂଜକ ବିଦ୍ୟାଧର ତ୍ରିପାଠୀ ପୂଜା କରିବା ପରେ ମାଟି ସଂଗ୍ରହ କରାଯାଇ ଶୋଭାଯାତ୍ରାରେ ଅଣାଯାଇଥିଲା। ଦିଗାମ୍ବର ବେହେରା, ସୁବାସ ପ୍ରଧାନ, କରୁଣାକର ବାରିକ, ଭଗବତିଆ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



## ଅନନ୍ତ ଡିଏଭିରେ ଗାନ୍ଧୀ, ଶାସ୍ତ୍ରୀଙ୍କ ଜୟନ୍ତୀ




ତାଳଚେର, ୩।୧୦ (ମନୋଜ ନନ୍ଦ)

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ପରିସରରେ ଜାତିର ପିତା ମହାତ୍ମା ଗାନ୍ଧି ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ କ୍ରିଷ୍ଣା ପାଣିଙ୍କ ଦ୍ୱାରା ରାମଧୁନ ଗାନ କରାଯାଇଥିଲା। ଶିକ୍ଷକ ସୁବ୍ରତ କୁମାର ପାଣି ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଜୀବନର କେତେକ ମହନୀୟ ଦିଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ କରୁଣାକର ସାହୁ ମଞ୍ଚ ସଞ୍ଚାଳନା, ଶିକ୍ଷକ ଚିତ୍ତରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ବିଶ୍ୱକୁ ନୂଆ ଦିଶା ଦେଇଥିଲା ଅହିଂସା ନୀତି

ଅନୁଗୋଳ,୩।୧୦(ମାନସ ବିଶ୍ୱାଳ)




ଅନୁଗୋଳ ଜିଲା କଂଗ୍ରେସ କମିଟି ସଭାପତି ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସ୍ଥାନୀୟ କଂଗ୍ରେସ ଭବନଠାରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦଳୀୟ ପଦାଧିକାରୀ ଓ କର୍ମୀମାନେ ଅନୁଗୋଳର ପ୍ରଥମ ବିଧାୟକ ତଥା ବିଶିଷ୍ଟ କଂଗ୍ରେସ ନେତା ହୃଷୀକେଶ ତ୍ରିପାଠୀ, ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିବା ସହ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ସାରା ବିଶ୍ୱକୁ ଏକ ନୂତନ ଦିଶା ଦେବାରେ ସହାୟକ ହୋଇଥିଲା ବୋଲି ମତ ପ୍ରକାଶ କରିଥିଲେ। ପରେ ଏକ ପଦଯାତ୍ରା ସ୍ଥାନୀୟ ଜିଲା କଂଗ୍ରେସ ଭବନଠାରୁ ବାହାରି ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଯାଇଥିଲା। ଜିଲା କଂଗ୍ରେସର ବହୁ ବରିଷ୍ଠ ନେତା ବଳବୀର ସିଂ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ସହଦେବ ବେହେରା, ସନ୍ତୋଷ ପଟ୍ଟନାୟକ, ତପନ କୁମାର ପ୍ରଧାନ, ଅମୂଲ୍ୟ ବେହେରା, ଧର୍ମେନ୍ଦ୍ର ନାଥ ମିଶ୍ର, ବିନୋଦ ମାଝୀ, ରାଜକିଶୋର ସାହୁ, ସୁଦୀପ ମିଶ୍ର, ରଶ୍ମି ରଞ୍ଜନ ସାହୁ, ବୀରବର ସାହୁ, ରାକେଶ ମିଶ୍ର, ସୁବାସ ସାହୁ, ହେମନ୍ତ ମହାଳିକ, ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ସଂଗ୍ରାମ ବେହେରା, ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମଣିଷ ହାଟ

## ଗଳ୍ପ

**ଆଶୁତୋଷ ଧଳ**



ମେଞ୍ଚାଏ ଧୂମାଭ ମେଘମାଳା ସାରା ସହରଟାକୁ ଘୋଡ଼େଇ ରଖିଛି। ପଉଷ ମାସରେ ଝିପିଝିପି ବେଖିଆଲି ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ସାରିଲାଣି। ଶୀତଚାଦରର ଘୋଡ଼ଣିଟା କଶ୍ମୀରର ଭ୍ରମ ସୃଷ୍ଟି କରିସାରିଲାଣି। ଆସନ୍ତା ଅଠଚାଳିଶ ଘଣ୍ଟା ପର୍ଯ୍ୟନ୍ତ ପାଗ ବଦଳିବାର ସୂଚନା ନାହିଁ।

ଅନିମେଶ କାର୍ ନେଇ ଅଫିସ ବାହାରିଗଲେ। ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରି ଟିଫିନ୍‌ରେ ଦେଇଦେଲେ। ବ୍ୟାଗ୍‌ରେ ଛତା, ପାଣି ବୋତଲ, ଆପେଲ, ବିସ୍କୁଟ ପ୍ୟାକେଟ ରଖିଦେଲେ।

ଅଧୁନା ସଦା ଚଞ୍ଚଳା ସାବିତ୍ରୀ ନିଜର ସମସ୍ତ ନିତ୍ୟକର୍ମ ସାରି ଚାହା କପ୍‌ଟିଏ ଧରି ବାଲ୍‌କୋନିକୁ ଆସିଲେ। ଦୁଲୁକାଏ ବର୍ଷା ମିଶା ଥଣ୍ଡାପବନ ଘର ଭିତରକୁ ଜୋର୍‌କରି ପଶିଆସିଲା। ସରପଟିଆ ଓଦା ହୋଇଗଲେ ସେ। ଓଃ କି କୋହଲା ପାଗ। କିଛି କାମରେ ମନ ଲାଗୁ ନ ଥାଏ। ଚାହା ପିଇ ସାରି ସେ ଘର ସଫେଇରେ ଲାଗିପଡ଼ିଲେ।

ନଜର ପଡ଼ିଗଲା ଦୀର୍ଘ ତିରିଶ ବର୍ଷ ପୂର୍ବେ ତିଆରି ହୋଇଥିବା ଜେଜେମା'ଙ୍କ(ଅନିମେଶଙ୍କ ଜେଜେମା') ପଟ୍ଟଚିତ୍ର ଉପରେ। ଫଟୋଫ୍ରେମ୍ ଉପରେ ଈଷତ୍ ଧୂଳି ମଇଳା ଜମାହୋଇଥିଲା। ସାବିତ୍ରୀ କପଡ଼ାଟେ ଧରି ପୋଛିବାକୁ ଲାଗିଲେ। ପୋଛାପୋଛି ସାରି ସେ ଫଟୋଟିକୁ ପୂର୍ବବତ୍ କାନ୍ଥରେ ଟଙ୍ଗାଇଦେଲେ। ଦୂରରୁ ଥାଇ ଏକଲୟରେ ନିରୀକ୍ଷଣ କଲେ। ଜେଜେମା' ଚେୟାରରେ ବସି ହାତ ଆଗକୁ କରି ଖିଲିଖିଲି ହସୁଥିଲେ। ସାବିତ୍ରୀ ଆହୁରି ପାଖକୁ ଗଲେ। ସ୍ମୃତିର ନିଆଁରେ ସେ ଛଟପଟ ହେଉଥିଲେ।

ଦୀର୍ଘ ଏକତିରିଶ ବର୍ଷ। ଏମିତି ଏକ କୋହଲା ବର୍ଷା ପାଗରେ ସେ ବୋହୂ ହୋଇ ଆସିଥିଲେ। କି ଅଦିନିଆ ବର୍ଷା। ଅମାନିଆ ବର୍ଷା ବେହାଲ କରିଥିଲା ସମସ୍ତଙ୍କୁ। ଘରୁ ବିଦାୟ ନେଇଥିବା ଦୁଃଖରେ ଆଖିର ଲୁହଗୁଡ଼ାକ ଆଖିରେ ଶୁଖିଯାଇଥିଲା। ମୁହଁର ସତେଜ ମଉଳି ଯାଇଥିଲା।

ଆମ୍ବାସାଡର୍ କାର୍‌ଟି ଗାଁଯାକ ବୁଲିଆସି ଯେତେବେଳେ ଅନିମେଶଙ୍କ ମାଟିଘରର ବାଉଁଶ ଗେଟ୍ ପାଖରେ ଅଟକି ଗଲା ସେତେବେଳେ କାର୍‌ର ଝରକା ପାଖରେ ଅନେକ ମହିଳା ଭିତରେ ଜଣେ କଳା ମଚମଚ, ଧୁକୁଡ଼ି ଯାଇଥିବା ଚମ, ଅସଜଡ଼ା ପାଚିଲା କେଶଧାରି ପତଳା ୮୦ ବର୍ଷର ବୁଢ଼ୀଟିଏ ଛିଡ଼ା ହୋଇଥିଲେ। ଅନିମେଶ ସହ ସାବିତ୍ରୀ କାର୍‌ର ଗେଟ୍ ଖୋଲି ବାହାରକୁ ଆସିଲେ। ଶଙ୍ଖ ହୁଳହୁଳି ଭିତରେ ଅନିମେଶ କହିଲେ ଇଏ ମୋ' ଜେଜେମା'। ସାବିତ୍ରୀ ପ୍ରଣିପାତ ପୂର୍ବକ ନଇଁଲାବେଳକୁ ଜେଜେମା' ହାତଧରି ମୁଣ୍ଡ ଉଠାଇ ଦେଲେ। ମୋତେ କୋଳାଗ୍ରତ କରି ମୋ' ଓଠରେ ଚୁମ୍ବନ ଦେଲାବେଳେ ଜେଜେମା' କହିଲେ, ଅହିସୁଲକ୍ଷଣୀ ହୋଇଥାଆ, ପାଚିଲା ବାଳରେ ସିନ୍ଦୂର ନାଇଥାଆ।

ନୂଆ ଶାଢ଼ିଟିଏ ଖୋଲି କେଇଜଣ ଉପରେ ଧରିଥିଲେ। ସାବିତ୍ରୀ ତା'ରି ଭିତରେ ନଇଁନଇଁ ଏରୁଣ୍ଡି ଡେଇଁଲେ। ଈଷତ୍ ଆଲୋକ ଥିବା ଅନ୍ଧାରୁଆ ଘରେ ଖଟ ଉପରେ ବସିଲାବେଳକୁ ଜେଜେମା' ମୋ' ପାଖକୁ ଲାଗି ଆସି କହିଲେ ତୋ' ନାଁ କିସ?

ମୁଁ କହିଲି ସାବିତ୍ରୀ।

ମୋ' ନାଁଟିକୁ ତାଙ୍କ ପାକୁଆ ପାଟିରେ ସଠିକ୍ ଉଚ୍ଚାରଣ କରି ନ ପାରି ସେ କହିଲେ, ଆଜିଠୁ ମୁଁ ତୋତେ ସାବି ବୋଲି ଡାକିବି।

ମୋ' ମୁହଁରେ ହସର ସଞ୍ଚାର।

ସେଇଦିନଠୁ ମୁଁ ସାବିତ୍ରୀରୁ ସାବି ପାଲଟି ଗଲି। କେବେ ମୁଁ ଜେଜେମା'ର ନଜରରୁ ହଟିଗଲେ, ଜେଜେମା' ପାଟି କରନ୍ତି ସାବି, ସାବି, ଏ ସାବି କୁଆଡ଼େ ଗଲୁ। ଆ ମୋତେ ଗଣ୍ଡେ ପଖାଳ ବାଢ଼ିଦେବୁ।

ସେତେବେଳେ ଅନିମେଶଙ୍କ ଦୂର ସହରରେ ଚାକିରି। ମଝିରେ ମଝିରେ ଘରକୁ ଆସନ୍ତି। ଜେଜେମା' ମୋର ସବୁ ଖିଆଲ ରଖନ୍ତି। ମୁଁ କ'ଣ ଖାଇବି, କ'ଣ ପିନ୍ଧିବି ସବୁ କଥା ବୁଝନ୍ତି। ଗାଁଗଣ୍ଡାରୁ ଯାହା ଆଣନ୍ତି ମୋରି ଆଗରେ ଅଜାଡ଼ି ଦିଅନ୍ତି। କହନ୍ତି ଏଇଟା ଆମ୍ବୁଲ ଦେଇ ଅଣ କରିବୁ, ଏଇଟା ବାଟିବସା କରିବୁ, ଏଇଟା ପୋଡ଼ି ଚଟଣୀ କରିବୁ।

ଜେଜେମା' ଦଉଡ଼ିଆ ଖଟରେ ଶୋଇପଡ଼ିଲା ବେଳେ ମୁଁ ତାଙ୍କ ପାଦ ପାଖରେ ବସିଯାଏ। ସୋରିଷ ତେଲ ପାଦରେ ଲଗାଇ ଦେଉଦେଉ ଜେଜେମା' କହନ୍ତି ଥାଉ ଥାଉ ସେତିକି ଥାଉ ଏବେ ଯାଆ ଶୋଇପଡ଼ିବୁ। ମୁଁ କିଛିକ୍ଷଣ ଜେଜେମା' ପାଖେ ଶୋଇପଡ଼େ। ଜେଜେମାଙ୍କ ଅନାବିଳ ଭଲ ପାଇବା ମୋତେ ଖୁବ୍ ଆପଣାର କରିଦିଏ, ମୋର ସବୁ ଦୁଃଖକୁ ପାସୋରି ଦିଏ।

ଦିନେ ରାତିରେ ମୁଁ ଖଟ ଉପରେ ଏକୁଟିଆ ଶୋଇଥାଏ। ରାତି ଅନେକ ହେଲାଣି। ନିଦ ଠିକ୍ ସେ ହେଉ ନ ଥାଏ। ଅନିମେଶ ନ ଥାନ୍ତି। ମୁଁ କଡ଼ ଲେଉଟାଉଥାଏ। ଘରଟା ଅନ୍ଧାର। ହଠାତ୍ କାହା ହାତର ସ୍ପର୍ଶ। ମୁଁ ଚମକି ପଡ଼ିଲି। ସାବି, ସାବି ଶୋଇପଡ଼ିଲୁଣି। ଶୋଇଯା, ସେ (ଅନିମେଶ) ପରା ଆଉ ଦୁଇଦିନ ପରେ ଆସିବ।

ମୁଁ କଡ଼ ଲେଉଟଉ ଲେଉଟଉ ପାହାନ୍ତିଆ ହୋଇଯାଏ।

ଜେଜେମା' ଉଠି ଗୋବର ପାଣି ପକାଉପକାଉ ମୁଁ ପହଁରା ଧରି ଅଗଣା ଓଳାଏ।

ସେଇ ବର୍ଷ, କି ଲଗାତାର ବର୍ଷା। ସୁବର୍ଣ୍ଣରେଖାରେ ସାତ ସାତଟି ବନ୍ୟା। ଘର ଆଗରେ ପାଣିର ସୁଅ। ନିତ୍ୟକର୍ମ କରିବା ମୁସ୍କିଲ ହୋଇଯାଏ। ସାନ ଦିଅର କେତେଟା କଦଳୀ ଗଛର ଗଣ୍ଡିରେ ଭେଳାଟିଏ ପ୍ରସ୍ତୁତ କରି ମୋତେ କେତେ ବିଲ ପାର କରି, ବାଉଁଶ କାତ ମାରି ଗାଁ ମୁଣ୍ଡ ଉଚ୍ଚପଠାକୁ ନେଇ ଯାଆନ୍ତି। ମୁଁ ସେଇଠି ମୋର ନିତ୍ୟକର୍ମ ଶେଷ କରେ। ବିଲ ବାଡ଼ିରେ ଅଥଳ ପାଣି।

ସେଦିନ ବନ୍ୟାରେ ମୁଁ ଅପରାହ୍ଣରେ ଦିଅର ସହ ଭେଳାରେ ଯାଇଥାଏ ସେଇ ପଠାକୁ। ଫେରିଲା ବେଳକୁ ଭେଳାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଲା।

କେହି ଜଣେ ଆସି ଜେଜେମା'ଙ୍କୁ କହିଲା ତୋ' ନାତୁଣୀ ବୋହୂ ପାଣିରେ ବୁଡ଼ିଗଲା।

ଜେଜେମା' ହାତରେ ବାଡ଼ି ଖଣ୍ଡେ ଧରି ଆଣ୍ଠୁଏ ପାଣିରେ ଚବର୍ ଚବର୍ କରି ବାହାରି ଆସି କୋହଭରା ଥରିଲା କଣ୍ଠରେ ଡାକ ପକାଇଲେ ସାବି... ସାବି... ଏ ସାବି...

କୁଆଡ଼େ ଗଲୁରେ୍!

ସାବି... ସାବି... ଏ ସାବି...

ସାଇ ପଡ଼ିଶାର ଲୋକଙ୍କୁ ନେହୁରା ହୋଇ କହିଲେ ମୋ' ବୋହୂ କୁଆଡ଼େ ଭାସିଗଲା, ଦେଖରେ।

ସେତେବେଳକୁ ପଶ୍ଚିମ ଆକାଶର ଅସ୍ତମିତ ସୂର୍ଯ୍ୟର ଲେଲିହାନ ଶିଖା ପାଣିରେ ପଡ଼ି ଚିକ୍‌ମିକ୍ କରୁଥାଏ। ସଞ୍ଜ ନଇଁ ଆସୁଥାଏ। ଗାଁ ଭିତରୁ ଶଙ୍ଖଧ୍ୱନି ଭାସି ଆସୁଥାଏ।

ମୋ' ଦିଅର ଭେଳାକୁ ସଳଖି ମୋତେ ପୁଣି ଭେଳା ଉପରକୁ ଉଠାଇ ଦେଇଥିଲେ। ମୁଁ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିଲି।

ଦୂରରୁ ଜେଜେମା'ର ପାଟି ଶୁଭୁଥାଏ। ଦିଅର ପାଟି କରି କହୁଥିଲେ, ମୁଁ ଆସୁଛି ଜେଜେମା'...

ଜେଜେମା' କାନକୁ ଠିକ୍ ଶୁଭୁ ନ ଥାଏ।

ସେ ସେମିତି ପାଟି କରି ଡାକୁଥାନ୍ତି ସାବି... ସାବି... ଏ ସାବି କୁଆଡ଼େ ଗଲୁରେ...

ଜେଜେମା'ର ବିକଳ କଣ୍ଠଟା ମୋତେ ଶୁଭୁଥାଏ।

ସେ ଡାକରେ ଭରିରହିଥାଏ ଅମାପ ସ୍ନେହ, ଭଲପାଇବା, ଶ୍ରଦ୍ଧା, କରୁଣା। ଯେମିତି ଆମ ଭେଳାଟି ଘରେ ପହଞ୍ଚିଲା ଜେଜେମା' ମୋତେ କୁଣ୍ଢାଇ କାନ୍ଦି ପକାଇଲେ। ତାଙ୍କ ଆଖିରେ ଅଜସ୍ର ଲୁହର ଧାରା।

କେଇଦିନ ଧରି ମୁଁ ନୂଆ ବୋହୂ ହୋଇ ଆସିଛି। ଏତେ ସ୍ନେହ ଭଲପାଇବା ମୋତେ ଆହୁରି ବିହ୍ୱଳିତ କରିଦେଲା। ମୁଁ ଭାବପ୍ରବଣ ହୋଇଗଲି। ଜେଜେମା'ଙ୍କ ବାହୁ ବନ୍ଧନରେ ଛନ୍ଦିହୋଇ ପଡ଼ିଲି।

ମୋ' ବଡ଼ପୁଅର ଏକୋଶିଆ ପରଦିନ ଜେଜେମା' ଆରପାରିକୁ ଚାଲିଗଲେ। ଠିକ୍ ତିରିଶ ବର୍ଷ ତଳେ।


ମୁଁ ଏ ମଣିଷ ହାଟରେ ନିଇତି ମଣିଷ ଖୋଜୁଛି। ଏମିତି ସ୍ନେହୀ ଦରଦୀ ମଣିଷ ଆଜିର ଦୁନିଆରେ ମିଳେନା।

ସାବିତ୍ରୀ ସେମିତି ଜେଜେମା' ଆଖିକୁ ଅନାଇ ରହିଥାନ୍ତି। ଫଟୋ ଭିତରୁ ଥାଇ ଜେଜେମା' ଡାକ ପକାଉ ଥାଆନ୍ତି ସାବି... ସାବି... ଏ ସାବି...

ମୋ: ୯୧୭୮୩୦୦୩୭୭

## ପୁସ୍ତକ ପରିଚୟ


### ଭାଗ୍ୟ



**ମୂଳ ଇଂଲିଶ୍:** କର୍ମଯୋଗୀ
**ଓଡ଼ିଆ ରୂପାନ୍ତର:** ଡ. ବାବାଜି ଚରଣ ପଟ୍ଟନାୟକ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୦୦/-

ପ୍ରାରମ୍ଭିକ ପୃଷ୍ଠାଗୁଡ଼ିକୁ ବାଦ୍ ଦେଲେ ଆଲୋଚ୍ୟ ବହିଟି ଡିମାଇ ସାଇଜ୍‌ରେ ମାତ୍ର ୬୦ ପୃଷ୍ଠାର କଳେବର ବିଶିଷ୍ଟ, କିନ୍ତୁ ଭାଗ୍ୟ ସମ୍ପର୍କରେ ବହିର ମୂଳ ଲେଖକ କର୍ମଯୋଗୀ ଏଥିରେ ଯେଉଁ ଆଧ୍ୟାତ୍ମିକ ବିଶ୍ଳେଷଣ କରିଛନ୍ତି ; ତାହା ଶାମୁକା ଗର୍ଭରେ ମୁକ୍ତା ପରି ମୂଲ୍ୟବାନ୍ ଓ ବିରଳ। ଏପରି ଏକ ବିରଳ ରଚନାକୁ ଅନୁବାଦକ ବାବାଜି ଚରଣ ସରଳ ଓ ବୋଧଗମ୍ୟ ଓଡ଼ିଆରେ ଅନୁବାଦ କରି ଓଡ଼ିଆ ପାଠିକାପାଠକଙ୍କ ସହଜଗମ୍ୟ କରିପାରିଛନ୍ତି। କର୍ମଯୋଗୀ ତାଙ୍କର ଇଂଲିଶ୍ ମୁଖବନ୍ଧରେ ଲେଖିଛନ୍ତି: "This book explains the process of creation of Luck in our lives. It also brings into fore how The Mother's force helps the formation of Luck." କର୍ମଯୋଗୀ କହିଛନ୍ତି– ଇହ ଜୀବନରେ ଘଟୁଥିବା ପରାଭବର ହେତୁ ହେଉଛି ପୂର୍ବଜନ୍ମ ବା ଅତୀତର କର୍ମ। କିନ୍ତୁ ଦିବ୍ୟଜୀବନ ପ୍ରାପ୍ତିରେ ଅତୀତର ସମସ୍ତ କର୍ମ ମୂଳପୋଛ ହୋଇଯାଏ। ତେଣୁ ଦିବ୍ୟ ଜୀବନ ପାଇଁ ଭବିଷ୍ୟତ ସମ୍ଭାବନାମୟ ହୋଇଉଠେ। ଅନ୍ୟଭାବେ କହିଲେ ହେବ, ଏହା ହେଉଛି ଏହି ଜୀବନରେ ଭାଗ୍ୟ ସୃଷ୍ଟି କରିବାର ପ୍ରଣାଳୀ। ଗ୍ରନ୍ଥର ଶେଷଭାଗରେ କୁହାଯାଇଛି– ମଣିଷ ବା ବ୍ୟକ୍ତି ତାଙ୍କ ଜୀବନରେ ଏପରି କାର୍ଯ୍ୟ ନିର୍ଣ୍ଣୟ କରିବା ଉଚିତ, ଯେଉଁଠି ସେ ନିଜକୁ ସର୍ବାଧିକ ବିସ୍ତୃତ କରିପାରିବ। ଏହି ବିସ୍ତୃତି ହିଁ ହେଉଛି ଭାଗ୍ୟୋଦୟ। ମୋଟାମୋଟି ଭାବେ ଭାଗ୍ୟ ସମ୍ପର୍କରେ ଲିଖିତ ଓ ଅନୂଦିତ ଏହି ପୁସ୍ତକଟି ଯେକୌଣସି ପାଠିକାପାଠକଙ୍କ ପାଇଁ ଅବଶ୍ୟ ପଠନ ଓ ମନନର ଅପେକ୍ଷା ରଖେ।

### ନିତ୍ୟ ଅନିତ୍ୟ



**କବୟିତ୍ରୀ:** ଡ. ସୁମିତ୍ରା ମିଶ୍ର
**ପ୍ରକାଶକ:** ଗାୟତ୍ରୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ. ୧୪୫/-

୪୫ଟି କବିତାର ଶବ୍ଦଘର ଏ ବହିଟି। ଶବ୍ଦେଶବ୍ଦେ ଅନ୍ୱିତ କରିବାର ପ୍ରଚେଷ୍ଟା କରିଛନ୍ତି କବୟିତ୍ରୀ ଜୀବନର ନାନା ଅର୍ଥ ଓ ଅର୍ଥହୀନତା। 'ପ୍ରାକ୍ କଥନ'ରେ ଲେଖିକା କହନ୍ତି: ''ଜୀବନର ବିଭିନ୍ନ ଅନୁଭବ-ଆବେଗ-ଆତ୍ମଦହନକୁ ଆଦର୍ଶ, ଯୁକ୍ତି, ଚିନ୍ତନ ବା କବିପଣର ବାହାଦୁରୀରେ ନୁହେଁ, ବରଂ ନିଚ୍ଛକ ସତ୍ୟଶୀଳତାର ସହ ପ୍ରକାଶ କରିବା ମୋର କବିତ୍ୱର ଲକ୍ଷ୍ୟ। କବୟିତ୍ରୀଙ୍କ ଦୃଷ୍ଟିରେ ତୁଚ୍ଛାତିତୁଚ୍ଛ ଜୀବନର ଅମୂଲ୍ୟ ଦ୍ୟୁତି ନେଇ ଝଟକି ଉଠନ୍ତି। ପିପୀଲିକା, ବୁଢ଼ିଆଣୀ, ଦୂବଘାସ, ଗଙ୍ଗଶିଉଳି, ମାଟି, ଧାନଫୁଲ ଓ ସମୁଦ୍ର ଗର୍ଜନ– ଯାହା ସାଧାରଣ ସଂସାରୀର ଦୃଷ୍ଟିରେ ଉପେକ୍ଷିତ ବା ଅଲକ୍ଷ୍ୟ ରହିଥାଏ, କବିଦୃଷ୍ଟିରେ ସେ ସବୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଅନ୍ତି। ଗ୍ରନ୍ଥସ୍ଥ କେତେକ କବିତାରେ ରହିଛି ମାନବଜୀବନର ଦୈନନ୍ଦିନତା, ସମୟର ଅନୁଭବ, ସ୍ୱପ୍ନ, ସନ୍ଧାନ ଓ ସଂକଟ। ସଂସାରୀ, ସନ୍ନ୍ୟାସୀ, ହରିନାମ, ନିତ୍ୟ ଅନିତ୍ୟ ଆଦି କବିତା ଏହାର ଉଦାହରଣ। ମହାବେଉସା, ନର୍କପଥେ, ତୃଷାର୍ତ୍ତ ଆଦି କବିତାରେ ସାମ୍ପ୍ରତିକ ସମୟ ଉଦ୍ଦୀପିତ ହୋଇଉଠିଛି। ବ୍ୟକ୍ତିଗତ ଆବେଗକୁ ନେଇ ମନଫରୁଆ, ଆବେଗ ବର୍ଷା, ନିକାଞ୍ଚନ ମନ, ବିଷାଦ, ବିଚ୍ୟୁତି ଓ ସଂଘର୍ଷ ଆଦି କବିତା ଗତିଶୀଳ। ନାନା ପ୍ରତିକୂଳତା ଭିତରେ ''ମନଚୁଲି ତଳେ ଏବେ ବି ଜଳୁଛି ଧିମା ଆଞ୍ଚଟିଏ''– ଏ ଆଞ୍ଚ ଲିଭେ କ୍ୱଚିତ୍। ଆଶା, ବହିଟିର କବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ।

## କାଳକାଳକୁ

''ଏକ ଶାନ୍ତ ମନ
ସବୁ ପ୍ରତିକୂଳତାକୁ ଜୟ କରେ।''
– ଆର୍.କେ. ନାରାୟଣ



**ଆର୍.କେ. ନାରାୟଣଙ୍କ** ଜନ୍ମ ୧୦ ଅକ୍ଟୋବର ୧୯୦୬ରେ ଓ ପରଲୋକ ୧୩ ମେ ୨୦୦୧ରେ, ଚେନ୍ନାଇରେ। ପୂରା ନାମ ରସିପୁରମ୍ କ୍ରିଷ୍ଣସ୍ୱାମୀ ନାରାୟଣସ୍ୱାମୀ। ବିପୁଳ ଲେଖକୀୟ ଯଶର ଅଧିକାରୀ ଏହି ଭାରତୀୟ ଇଂଲିଶ୍ ଲେଖକ ଦକ୍ଷିଣ ଭାରତୀୟ ସହର ମାଲଗୁଡ଼ିକୁ ନେଇ ରଚିତ 'ମାଲଗୁଡ଼ି ଡେଜ୍' (୧୯୪୩) ପାଇଁ ବିଶ୍ୱ ପ୍ରସିଦ୍ଧ। ଇଂଲିଶ୍ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ପଦ୍ମଭୂଷଣ, ସାହିତ୍ୟ ଏକାଡେମୀ ଫେଲୋଶିପ୍ ଓ ବେନ୍‌ସନ୍ ମେଡାଲ ଆଦି ସମ୍ମାନରେ ସମ୍ମାନିତ। ସେ କହନ୍ତି: ''ପ୍ରଚଳିତ ଶିକ୍ଷା ଭାରତକୁ ଏକ ବେକୁଫ୍‌ମାନଙ୍କର ଦେଶରେ ପରିଣତ କରିଛି, ଯେଉଁଥିପାଇଁ ନିଜ ସଂସ୍କୃତିରେ ବି ଆମେ ଆଜି ପର।''

## କବିତା

### ତଥାଗତ

**ନରେଶ୍ ଚନ୍ଦ୍ର ମଣ୍ଡଳ**

ଅପେକ୍ଷା କରିଛି ମୁଁ
ଗୋଟାଏ ଆତ୍ମୀୟତାର ସକାଳକୁ
ଚାରିପଟେ ନାଗଫାଶର
ଅଦୃଶ୍ୟ ବନ୍ଧନ
ଲୋଭ ଲାଳସା କାମ ମୋହ
ଏବଂ ଅପୂର୍ବ ରୂପ ଲାବଣ୍ୟର
ଅପରୂପ ଚିତ୍ର...

ହୋଇଥାଇପାର ତମେ
ଗୋଟାଏ ଅବଲୁପ୍ତ ବିସ୍ମୟର
ଅମ୍ଳାନ ଦର୍ପଣ
କିମ୍ବା ହୋଇଥାଇପାର
ପ୍ରାଣମୟ ପ୍ରେମ ନିବେଦନର
ବ୍ୟଥାଭରା କରୁଣ ନିର୍ଯାସ।
ତମକୁ କେବଳ ସ୍ପର୍ଶ କରାଯାଇପାରେ
ସ୍ୱପ୍ନରେ...

ତମେ ତଥାଗତ ହୁଅ କି
ଗୋଟାଏ ଅଦୃଶ୍ୟ ପୁରୁଷର
ସମ୍ମୋହିତ ବିଗ୍ରହ ହୁଅ,
ତମେ ଅହଂକାରର ଆକାଶଟିଏ ହୁଅ
କି ଭୟାନକ ଆତଙ୍କର
ବିଜନ ବେଳାଭୂମିଟିଏ ହୁଅ
ମୋର କିଛି ଯାଏନା କି ଆସେନା
ମୋତେ ଖାଲି ଏତିକି କୁହ
କେମିତି ମୁଁ ଛୁଇଁପାରିବି
ଅନ୍ଧାରି ଇଲାକାରେ
ତମର ସେ ବାସ୍ନାୟିତ ଦେହ...

ପ୍ରାଚୀ ନଗର, ଭଦ୍ରକ
ମୋ: ୯୪୩୮୩୨୧୪୫୪

### ଭୂମା ଭୂମି ଭୂମିକା

**ଅୟସ୍‌କାନ୍ତ**

ତମ ମିଳନରେ ମୁଁ
ଲାଲ୍ ଗୋଲାପ
ବିରହରେ ନୀଳ ଆକାଶ
ତମକୁ ପାଇ ମୁଁ ଉଲଙ୍ଗ ଉନ୍ମତ୍ତ ରୁଦ୍ର
ନ ପାଇ ମହିଷାସୁର!

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

### କରୁଣା

**ଗଜାନନ ମିଶ୍ର**

ଆ। ବୋଇଲେ ଆସେ କରୁଣା, ଆଉ
ବସ ବୋଇଲେ ବସେ ବାରଣ୍ଡାରେ।

ବସି ବସି ଭାବେ କେତେ କଣ, ଆଉ
ଭାବି ଭାବି କାଟେ ଅବସର ଜୀବନ।

ବାପରେ, ନାଇଁ ପାରିହୁଏ କରୁଣାକୁ,
ଯାଏ ପହଞ୍ଚି କୋଉଠି କୋଉଠି
ଆଖି ପିଛୁଳାକେ
ଯୋଉଟାକୁ କହେ ନିୟତି।

କଳେବଳେ କୌଶଳେ ହୁଏ ହାଜର
ଡାକିଦେଲା ମାତ୍ରେ ଖେଳେ ପାଖରେ
ଗେଲେ ଗେଲେ କହି କହି ନାଇଁ
ହୋଇପାରେ!

ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

### ଅବ୍ୟକ୍ତ ଆଶା

**ଅନସୂୟା ପଣ୍ଡା**

ଗୋପନୀୟ ବତିଟିଏ ହେଇ ଜଳୁଛି
ଅନ୍ଧାରକୁ ଉର୍ଜା ଦେଇ ପରିଣତ ବୟସେ
ଅନ୍ତର୍ଦୃଷ୍ଟିରେ ଜାଣିଛି ଜୀବନ ନଈଟିଏ
ସମୟ ସୁଅରେ ସଅଳ ବହିବା ଶିଖିଛି।

ଉଜୁଡ଼ା ସମ୍ପର୍କର ବୁନିଆଦ ଉପରେ
ଓଟ ପରି ବିଭୋର ନିଜ ରକ୍ତ ସ୍ୱାଦରେ
ସନ୍ତୁଳୁଛି ନିଜ ସହ ଛଳନାରେ ନିରବରେ
ଅବଶିଷ୍ଟ ଆୟୁଷକୁ ଗଣୁଛି ବସି ବାକ୍ୟରେ।

ପୁଣି ବି ଗୋଟେ ନିଃସର୍ତ୍ତ ବିଭୁପ୍ରାଣତା
ଅନୁରଣିତ ଆଶାର କଙ୍କାଳ ଭିତରେ
ଅନୁଭବିବ ହୃଦୟ ଦୀପ ବୁଝିବା ପୂର୍ବରୁ
ମହାନାୟକ ସେଇ ଅଦୃଶ୍ୟ ନିର୍ଦ୍ଦେଶକଙ୍କୁ।

ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

### ଗୀତି-କବିତା

### ମନେପଡ଼ିଗଲେ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ମନେପଡ଼ିଗଲେ ସେଦିନର କଥା
ବିଦାରି ହେଉଛି ଛାତି,
ଦିନ ଦ୍ୱିପ୍ରହରେ ଅଦିନ ଝଡ଼ରେ
ଓହ୍ଲାଇ ଆସିଲା ରାତି।

ଆଖି ପିଛୁଳାକେ ପାଦତଳ ମାଟି
ଫାଟି ହୋଇଗଲା ଆଁ,
ଆକାଶଟା ଛିଡ଼ି ମଥାପରେ ପଡ଼ି
ଅନ୍ଧାର କଲା ଦୁନିଆ।

ଝଡ଼ ଚାଲିଗଲା ଝାଡ଼ି ଡେଣା ତା'ର
ସ୍ତବ୍ଧ ହୋଇଲା ମହୀ,
ଉଜୁଡ଼ା ସଂସାର ଅଣ୍ଡାଳି ଖୋଜୁଛି
କାହୁଁ ମୋର ଗଲା କାହିଁ!

ବାଲିଡିହି, ବାଣପୁର
ମୋ: ୬୩୭୦୧୬୬୨୦୪

# ମାଷ୍ଟ୍ରମାଇଣ୍ଡ୍

## ଲଘୁଗଳ୍ପ

**ସୁନନ୍ଦା ମହାନ୍ତି**

ଶୈଳ ଭାଉଜ ପିଅନ ହେଲେ କ'ଣ ହେଲା ତାଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ସେ ବଡ଼ଗୁରୁମା'ଙ୍କର ଅତି ପ୍ରିୟ। ସ୍କୁଲକୁ କୋଉ ପିଲା ଆସୁନି ତା' ଘରକୁ ଯାଇ ସୁବିଧା ଅସୁବିଧା ବୁଝିଆସିବା ଓ କୋଉ ପିଲାର ଘର କେଉଁଠି, ତା' ବାପାଙ୍କ ନାମ ଓ ତା' ଘର ବିଷୟରେ ସବୁକିଛି ଶୈଳ ଭାଉଜ ଜିଭ ଆଗରେ। ହେଲେ ଆଜି ଧଡ଼ପଡ଼ ହୋଇ ଫାଷ୍ଟ ହାଫ୍‌ରୁ କମନରୁମ୍‌କୁ ପଠେଇଥିବା ନୋଟିସ୍‌ଟା ଫେରିଆସିବା ଦେଖି ବିଚଳିତ ହୋଇପଡ଼ିଲେ ବଡ଼ଗୁରୁମା'। ନୋଟିସ୍ ଯେତେ ହାର୍ଡ ହେଉନା କାହିଁକି, ସମସ୍ତଙ୍କୁ ବୁଝେଇ ଠିକ୍‌ଠିକ୍ ଦସ୍ତଖତ କରି ଆଣୁଥିବା ବେଳେ ଆଜି ଶୈଳ ଭାଉଜ ଫେରିଆସିବା ଦେଖି କ'ଣ ତାଙ୍କ ଆଡୁ କିଛି ତ୍ରୁଟି ରହିଗଲା କି ବୋଲି ନୋଟିସ୍‌ଟିକୁ ତନ୍ନତନ୍ନ ପରୀକ୍ଷା କରିଗଲେ ବଡ଼ଗୁରୁମା'। ସରକାରୀ ଚିଠି ନମ୍ବର ଓ ତାରିଖ ସବୁ ତ ପଡ଼ିଛି, ପୁଣି ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ଦିଦିମାନେ ନୋଟିସ୍‌ରେ ଦସ୍ତଖତ ନ କରିବା କେତେଦୂର ସମୀଚୀନ ଭାଉଜ! ମୁଁ କ'ଣ ଆଉ କରିବି ଗୁରୁମା', ସରସ୍ୱତୀ ଦିଦି ତ କହିଲେ, କାହିଁ ଗୋଲାପୀ ଗୋଲାପୀ ଗୀତ ଉପରେ ତ ସରକାର କଟକଣା କରି ପାରୁନାହାନ୍ତି। ଛୁଟି ସାରା ଟିଭି, ରେଡିଓ ପୁଣି ମୋବାଇଲ ରିଙ୍ଗ୍‌ଟୋନ୍ ସେଇ ଗୋଲାପୀ ଗୋଲାପୀ ଗୀତ। ପୁଣି ସଙ୍ଗୀତ ନିର୍ଦ୍ଦେଶକମାନଙ୍କ ଉପରେ କଟକଣା ନାହିଁ ଯେ ଖାଲି ଗୋଲାପୀ ଗୋଲାପୀ ଗୀତ ପରୋକ୍ଷରେ ନୁହେଁ, ବରଂ ଗୋଲାପୀ ଦିଦି ବୋଲି ଗୀତ ଲେଖି ପ୍ରତ୍ୟକ୍ଷ ଭାବେ ଆମ ଶାଢ଼ି ରଙ୍ଗକୁ ନେଇ ଜନାଦୃତ ହେବାକୁ ତାଙ୍କ ଉପରେ ସରକାରୀ କଟକଣା ତ ନାହିଁ କହି ପାର୍ବତୀ ଦିଦି ଅଭିଯୋଗ କରୁଥିଲେ। ପୁଣି ଅମ୍ବିକା ଦିଦି କହିଲେ ଆମ ଶାଢ଼ି ତ ଏକରେ ଗୋଲାପୀ ରଙ୍ଗର କଲ, ପୁଣି ତାହା ପୁରୁଣା ହେଲେ ଆମେ କାହାକୁ ଦେଇପାରିବୁନି ପରି କଡ଼ା ନିର୍ଦ୍ଦେଶରେ ଆମେ ଦସ୍ତଖତ କରିପାରିବୁନି। ତାଙ୍କୁ ସାବିତ୍ରୀ ଦିଦି ଓ ପାର୍ବତୀ ଦିଦି ଦୁହେଁ ସମର୍ଥନ କରି କହିଲେ, ଆଗେ ବଡ଼ ଗୁରୁମା' ମାନନ୍ତୁ ତା' ପରେ ଆମକୁ ନୋଟିସ୍ ଦେବେ।

ହଁ କରି ଅନେଇଥାଆନ୍ତି ବଡ଼ଗୁରୁମା' ଶୈଳ ଭାଉଜଙ୍କୁ। ସେ ନିଜେ ଉଦାହରଣ ସାଜିବା କଥା ତ ଆଗ। କିଏ ମନା କଲା? ସହଜେ କଥାରେ ଅଛି ବଡ଼ ନାଆଟି ଯୁଆଡ଼େ ସାନ ନାଆଟି ସିଆଡ଼େ, ତା'ପରେ ସରକାରୀ ନିୟମକୁ ଅବମାନନା କରିବା କ'ଣ ସହଜସାଧ କଥା! ଦାନାପାଣିକୁ ଭୟ ଅଛି ନା ନାହିଁ! ଷ୍ଟାଫ୍ ନୋଟିସ୍ ବୁଲିଲା। ସେକେଣ୍ଡ ହାଫ୍‌ରେ ଅଫିସରେ ହିଁ ମିଟିଂ। ମିଟିଂ ତ ମିଟିଂ ଜରୁରୀ ମିଟିଂ। ଶୈଳ ଭାଉଜ ଏଥର ନୋଟିସ୍ ବୁଲେଇ ଆଣି ବଡ଼ଗୁରୁମା'ଙ୍କ ଟେବୁଲରେ ଥୋଇ ଦେଇ ଚେୟାର ସବୁ ଝାଡ଼ିଝୁଡ଼ି ରଖୁ ରଖୁ ଆସିଗଲେ ସହକର୍ମୀମାନେ।

ବଡ଼ଗୁରୁମା' କିଛି କହିବା ପୂର୍ବରୁ ସାବିତ୍ରୀ ଗୁରୁମା' କହିଲେ, କ୍ଷମା କରିବେ ଗୁରୁମା'! ଆପଣ ନିଜେ ପରା ଆପଣଙ୍କ ସ୍କୁଲପିନ୍ଧା ଶାଢ଼ି ଦେଇଛନ୍ତି ରାମୀମାଆ ଉମାକୁ। ସେ ଆମ ଘରେ ତଥା ପାର୍ବତୀ ଗୁରୁମା'ଙ୍କ ଘରେ କାମ କରେ।



କହୁଥିଲା ସେ ବିଲକୁ ତା' ସ୍ୱାମୀଙ୍କ ପାଇଁ ଭାତ ନେଇ ଯାଇ ଦେଇ ଆସିବାପରେ ବାଟରେ ତାକୁ ପଛରୁ ହର୍ନ ମାରିମାରି ଜିପ୍‌ଟିଏ ରହିଲା। କିଛି ବୁଝିବା ପରିବର୍ତ୍ତେ କ'ଣ ଦିଦି ଚାରିଟା ପୂର୍ବରୁ ସ୍କୁଲ ଛୁଟି କରି ବିଲ ରାସ୍ତା ଦେଇ ଘରକୁ ଯାଉଛ? ତୁମ ନାମ କୁହ, ତୁମ ସ୍କୁଲ ନାମ କ'ଣ କୁହ, କହି ଯେମିତି ରାମୀମାଆକୁ ପଚାରି ବସିଛି ତ ରାମୀମାଆ କି ଛାଡ଼େ! କହିଲା, କି ବାବୁ ମୁଁ ତୋର ଦିଦି କାଇଁ ହେମି ଗୋ'! ମୋର ମରଦର ଲାଗି ମୁଁ କି ରକମ ଶାଢ଼ି ଚୁଡ଼ି ପିନ୍ଧି କେତେବେଳେ ଅଳସୀ କ୍ଷେତକୁ ଜିମି ତତେ ପଚାରିକି ଯିବି କି? ଡାକିବି ଏବେ ଯଦି ମୋ' ମରଦକୁ ପରସ୍ତେ ଛାଲ ଛଡ଼େଇଦେବ ତୋ' ସହରିଆ ଦିହରୁ ତା। ବାବୁଟା ସିନା ଦଉଡ଼ିକି ଖଣ୍ଡିଆଖାବେରା ହୋଇକି ପଳେଇଲା ଗୋ ଦିଦି, ହେଲେ ଗୋଲାପୀ ଶାଢ଼ିରେ ଧଡି ବଡ଼ ଅଛି କହି ତୁମ ବଡ଼ ଦିଦି ସେଇ ଶାଢ଼ି ଦେଇ ମତେ କି କଲବଲ କଲା ଗୋ' ପଚାରିମି ତୁମ ଦିଦିକୁ। ଆମେ ବଣୁଆ ଜାତି ତିରିଲାକୁ ଏ ବହପରେ ନାଁ, ଗାଁ କିଏ ପଚାରି ନ ଥିଲା ଗୋ' କହି ରାଗୁଥିଲା ଆପଣଙ୍କ ଉପରେ। ବଡ଼ଗୁରୁମା' ଆଉ ପୁରୁଣା ସ୍କୁଲ ଶାଢ଼ି କାହାକୁ ନ ଦେବା ନୋଟିସ ଉପରେ କିଛି ଆଲୋଚନା ନ କରି କହୁଥିଲେ ଏଇ ତ ଅବସର ଆସୁଛି ମୋର। ଶାଢ଼ିଗୁଡ଼ା କାହାକୁ ନ ଦେଇ ନାତି ନାତୁଣୀଙ୍କ କାମରେ ଲଗେଇଦେଲେ ଭଲ ହେବ। ସମସ୍ତେ ଆଉ କିଛି ନ କହି ମିଟିଂ କରିଥିଲେ। ଯିବା ପୂର୍ବରୁ ନୋଟିସ୍‌ରେ ସମସ୍ତେ ଦସ୍ତଖତ କରି ଦେଇଥିଲେ, କିନ୍ତୁ ବଡ଼ଗୁରୁମା' ଆଉ ଉଁ କି ଚୁଁ କିଛି ନ କହିବାରୁ ଶୈଳ ଭାଉଜ ମୁହଁ ଖୋଲିଥିଲା। କହିଲା, ଯାହା କହନ୍ତୁ ରାମୀମାଆ ଆମ କଡ଼ା ମିଜାଜିଆ ଅଫିସରଙ୍କୁ ଦେଇଛି ପାନେ, ନହେଲେ ଏମିତି ସରକାରୀ ନୋଟିସ୍ ଦେଖି ମୁଁ ବି ଭାବୁଥିଲି କଥାଟା କୋଉଠି!

ମୋ: ୯୦୪୦୯୭୭୩୨୭


ଯୋଗାଯୋଗ: E-mail:dharitrisahityayana@gmail.com

# ସଜେଇ ହେଉଛି ସହର, ପୂଜା ପ୍ରତିଷ୍ଠାନ ଚଳଚଞ୍ଚଳ


ବସନ୍ତଷ୍ଠାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି।


ଲକ୍ଷ୍ମୀବଜାର ଠାରେ ନିର୍ମାଣ ହେଉଥିବା ତୋରଣ।

**ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଆଉ ୨ ଦିନ ବାକି**
■କାଞ୍ଚନ ବଜାର ପାଳିବ ୭୫ବର୍ଷ ପୂର୍ତ୍ତି

ଢେଙ୍କାନାଳ,୩।୧୦(ରତନ ନାୟାର)

ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ଆସନ୍ତା ୬ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ୧୫ ତାରିଖର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ପୂଜା ଉତ୍ସବକୁ ଆଉ ଦୁଇଦିନ ବାକି ଥିବା ବେଳେ ସାଜସଜ୍ଜା ପାଇଁ ସମଗ୍ର ସହର ସଜେଇ ହୋଇଛି। ପୂଜା ପ୍ରତିଷ୍ଠାନଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଉଦ୍ଦିପନା ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଇଛି। ଚଳିତବର୍ଷ ୪୧ଟି ପୂଜା ପ୍ରତିଷ୍ଠାନରେ ପୂଜା ଅନୁଷ୍ଠିତ ହେଉଥିବା ବେଳେ ୩୮ଟି ପୂଜା ପ୍ରତିଷ୍ଠାନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାନ୍ୟତା ସ୍ୱରୂପ ୫୦ହଜାର ଟଙ୍କା ଲେଖାଏଁ କରି ୧୯ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ୮୨ବର୍ଷ ପୂର୍ତ୍ତି ହୋଇଥିବା ଢେଙ୍କାନାଳ ଲକ୍ଷ୍ମୀପୂଜାର ଐତିହ୍ୟ, ସଂସ୍କୃତି ଓ ଭାଇଚାରା ସମଗ୍ର ରାଜ୍ୟ ଓ ଦେଶରେ ଅନନ୍ୟ ପରିଚୟ ସୃଷ୍ଟି କରିଛି। ଚଳିତବର୍ଷ ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମୀନାବଜାର ସମେତ ଜବାହାରଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାଳିଗାର ସାହି, ବାଜିଚୌକ, ଗୁଡିଆନାଳି, ରାଧାକୃଷ୍ଣ ବଜାର, ପଦ୍ମବଜାର, କୁଞ୍ଜକାନ୍ତ, କୈବଲ୍ୟ ବଜାର, ଦେଉଳସାହି, ସିମିଳିଆ, କ୍ଷେତ୍ରନ ବଜାର, କଲେଜ ବଜାର, ଗାନ୍ଧୀ ବଜାର, ଚନ୍ଦନ ବଜାର, ବସନ୍ତଷ୍ଠ ଅମଲାପଡ଼ା, ଦୁର୍ଗାବଜାର, କାଳିକା ବଜାର, ରାମେଶ୍ୱରପୁର, ନେହେରୁ ବଜାର, କୁନ୍ତୁଲି ଟାଉନ-୩, ସ୍ୱପ୍ନେଶ୍ୱର ବଜାର, ଗୋପବନ୍ଧୁ ବଜାର, ରତନ ବଜାର, ଖମାରସାହି, କମ୍ୟୁନିଟି ସେଣ୍ଟର ହାଟରୋଡ଼, ଅରବିନ୍ଦ ବଜାର, କଣ୍ଟାନାଳି ବାଇପାସ, ବନମାଳୀ ପ୍ରସାଦ, ମା' ଜେନାଦେବୀ ବଜାର ଓ ନିର୍ମାଲ୍ୟ ବଜାର ପ୍ରମୁଖ ପୂଜା ପ୍ରତିଷ୍ଠାନ ସମେତ ଅନ୍ୟ କେତେକ ସ୍ଥାନରେ ମଧ୍ୟ ପୂଜା ଧୁମଧାମରେ ଅନୁଷ୍ଠିତ ହେଉଛି। ବର୍ତ୍ତମାନ ଠାରୁ ସହରରେ ଭିଡ ଜମିଲାଣି। ବିଭିନ୍ନ ପୂଜା ପ୍ରତିଷ୍ଠାନ ପକ୍ଷରୁ ତୋରଣ ଓ ଲାଇଟ୍ ଗେଟ୍ ଅନୁଷ୍ଠିତ ହେଉଛି। ସେହିପରି ଅଧିକାଂଶ ପୂଜା ପ୍ରତିଷ୍ଠାନ ପକ୍ଷରୁ ଚାନ୍ଦିମେଢ ହେଉଛି। ମୀନାବଜାର ପୂଜା ପ୍ରତିଷ୍ଠାନରେ ୧୯୬୫ରୁ ପ୍ରଥମେ ଚାନ୍ଦିମେଢ ଆରମ୍ଭ ହୋଇଥିଲା। ଏହି ପୂଜା ପ୍ରତିଷ୍ଠାନରେ ଦେଢ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାନ୍ଦି ଲାଗୁଥିବା ବେଳେ ୧କେଜି ୨୫୦ଗ୍ରାମର ସୁନା ମୁକୁଟରେ ମା' ଝଲସିବେ। ସେହିପରି ଲକ୍ଷ୍ମୀବଜାର, ଗଣେଶ ବଜାର, କୈବଲ୍ୟ ବଜାର, କାଞ୍ଚନ ବଜାର ଓ ଗୁଡିଆନାଳି ଆଦି ପୂଜା ପ୍ରତିଷ୍ଠାନରେ ଚାନ୍ଦିମେଢ ହେଉଛି। ଅନ୍ୟ ପୂଜା ପ୍ରତିଷ୍ଠାନଗୁଡ଼ିକରେ ପୂଜା ମଣ୍ଡପର ତୋରଣଗୁଡ଼ିକ ଐତିହ୍ୟ, ପରମ୍ପରା ଓ ସଂସ୍କୃତି ନେଇ ସାଜସଜ୍ଜା କରାଯାଉଛି। କାଞ୍ଚନ ବଜାର ପୂଜା ପ୍ରତିଷ୍ଠାନ ନିଜର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଥିବାରୁ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଉଛି। ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସଂପ୍ରଦାୟର ବ୍ୟକ୍ତି ବିଶେଷ ଏକାଠି ହୋଇ ପୂଜା ଉତ୍ସବ ପାଳନ କରିବା ପାଇଁ ଉତ୍ସାହର ସହ ଲାଗି ପଡ଼ିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ବିଭିନ୍ନ ପୂଜା ପ୍ରତିଷ୍ଠାନରେ କାରିଗର ମାନେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣରେ ଶେଷ ସ୍ପର୍ଶ ଦେଉଥିବା ବେଳେ ତୋରଣଗୁଡ଼ିକ ନିର୍ମାଣ ଚାଲିଛି।

**ସେମାନେ ଯାହା କୁହନ୍ତି-**



"ଢେଙ୍କାନାଳ ଲକ୍ଷ୍ମୀପୂଜା ସମଗ୍ର ଦେଶରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି। ଚଳିତବର୍ଷ ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଥିବାରୁ ପୂଜା ପ୍ରତିଷ୍ଠାନଗୁଡ଼ିକ ୫୦ହଜାର ଲେଖାଏଁ ଅନୁଦାନ ପାଇବେ, ଯାହା ସମସ୍ତଙ୍କ ପାଇଁ ଖୁସିର ବିଷୟ। ପାଗ ଅନୁକୂଳ ରହିବ ବୋଲି ଆମର ଆଶା ରହିଛି। ଚଳିତବର୍ଷ ୯ଦିନ ବ୍ୟାପି ପୂଜା ଅନୁଷ୍ଠିତ ହେଉଛି। ମହାସମାରୋହରେ ପୂଜା ଉତ୍ସବକୁ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।"

**ରୁଦ୍ର ନାରାୟଣ ତ୍ରିପାଠୀ, ସଭାପତି, ମିଳିତ ବଜାର ଲକ୍ଷ୍ମୀପୂଜା କମିଟି**



"ଚଳିତବର୍ଷ ପାଗ ଅନୁକୂଳ ରହିଲେ ପୂଜା ଉତ୍ସବ ଧୁମଧାମରେ ପାଳନ ହେବ। ମା ଲକ୍ଷ୍ମୀ ସମସ୍ତଙ୍କୁ ନିଶ୍ଚିତ ଭାବେ ଆଶିର୍ବାଦ କରିବେ। ଭାଇଚାରା ଓ ଶାନ୍ତିଶୃଙ୍ଖଳାର ସହ ଚଳିତବର୍ଷ ଢେଙ୍କାନାଳ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବ।"

**ପାତବାସ ସାହୁ, ସମ୍ପାଦକ, ମିଳିତ ବଜାର ଲକ୍ଷ୍ମୀପୂଜା କମିଟି**

## ଗାନ୍ଧୀଙ୍କ ଚିନ୍ତାଧାରାରେ ବିଶ୍ୱବାସୀ ଅନୁପ୍ରାଣିତ



**ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ**

ଢେଙ୍କାନାଳ,୩।୧୦(ରତନ ନାୟାର)

ଢେଙ୍କାନାଳସହର ମହକୁମା ସ୍ଥିତ ବସନ୍ତଷ୍ଠ ନିକଟସ୍ଥ ଗାନ୍ଧୀ ପାର୍କରେ ଜିଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ସମାରୋହ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ କହିଲେ ଯେ, ଗାନ୍ଧିଜୀ ସଦାସର୍ବଦା ସତ୍ୟ ଓ ଅହିଂସା ମାର୍ଗରେ ଚାଲୁଥିଲେ। ଏହି ଚିନ୍ତାଧାରା ଓ ଆଦର୍ଶ ଯୋଗୁଁ ଇଂରେଜ ସରକାରଙ୍କ ଶାସନରୁ ଭାରତବର୍ଷକୁ ସ୍ୱାଧୀନତା ମିଳିଥିଲା। ତାଙ୍କର ଏହି ଚିନ୍ତାଧାରାରେ ସମଗ୍ର ବିଶ୍ୱବାସୀ ଆଜି ଅନୁପ୍ରାଣିତ। ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନୀକୁ ମନେ ପକାଇ ଜିଲାପାଳ କହିଥିଲେ ଯେ, ମଣିଷକୁ ନିଜର ଗର୍ବକୁ ତ୍ୟାଗ କରି ନିଜର ଦାଇତ୍ୱବୋଧତାକୁ ଜାଣିବା ଦରକାର। ଶାସ୍ତ୍ରୀଜି ନିଜ ଜୀବନରେ ଏହି ସିଦ୍ଧାନ୍ତକୁ ଆପଣାଇଥିଲେ। ସେ ଥିଲେ ଜଣେ ଦାୟିତ୍ୱସମ୍ପନ୍ନ ଜନନାୟକ ଜୟନ୍ତୀ ସମାରୋହରେ ପ୍ରାରମ୍ଭରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ସହରର ବୁଦ୍ଧିଜୀବୀମାନେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହିସହିତ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ପରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେଉଥିଲା। ଡ. ଅନୁପମା ମିଶ୍ର ଗୀତା ପାଠ, ନଜରୁଲ ଇସଲାମ କୋରାନ ଓ ଫାଦର ଗୋକୁଳ ନାୟକ ବାଇବେଲ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ ଯୋଗଦେଇଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଐତିହାସିକ ବଳଦ ଯାତ୍ରା ଆରମ୍ଭ


ଯାତ୍ରାରେ ବଳଦକୁ ସୁସଜ୍ଜିତ କରି ସହର ପରିକ୍ରମା କରାଯାଉଛି।

ଭୁବନ, ୩।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ ଗୁରୁବାର ଐତିହାସିକ ବଳଦ ଯାତ୍ରା ଉଦ୍ଘାଟିତ ହୋଇଛି। ଏହି ଯାତ୍ରା ତୃତୀୟ ଦେବ ଜୀଉ ଜଗନ୍ନାଥ ମନ୍ଦିରରୁ ଶୁଭାରମ୍ଭ ହୋଇଥିଲା। ମା' ହିଙ୍ଗୁଳା ପୀଠରୁ ଆଜ୍ଞାମାଳ ଆଣିଥିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। କେଉଁ ଆବାହମାନ କାଳରୁ ଥୋରିଆ, କଣ୍ଡିଆ ଓ କାଚରା ସଂପ୍ରଦାୟର ଲୋକମାନେ ଏହି ଯାତ୍ରା ଆରମ୍ଭ କରିଥିଲେ। କାଳକ୍ରମେ ଭୁବନର ସମସ୍ତ ସମ୍ପ୍ରଦାୟର ଲୋକମାନେ ବଳଦ ଯାତ୍ରାରେ ସାମିଲ ହୋଇଥିଲେ। ବିଶେଷ କରି ଥୋରିଆ ସଂପ୍ରଦାୟର ଲୋକମାନେ ମା' ବଣିଜାରୀଙ୍କୁ ପୂଜାର୍ଚ୍ଚନା କରିବା ପରେ ବଳଦକୁ ସୁସଜ୍ଜିତ କରି ଅନୁକୂଳ କରି ଗଡିଶା ମାଛକୁ ନିଜ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରିଥାନ୍ତି। ପରେ ଯାତ୍ରା ଶୁଭାରମ୍ଭ ହୋଇଥାଏ। ଚଳିତ ବର୍ଷ ୩୨ଟି ବଳଦ ଓ ଷଣ୍ଢକୁ ଯାତ୍ରାରେ ସାମିଲ କରାଯାଇଛି। କାଚରା ସଂପ୍ରଦାୟର ଲୋକମାନେ ପ୍ରଶାସନିକ ଅଧିକାରୀ ଓ ଶାନ୍ତିକମିଟିର ସଦସ୍ୟମାନଙ୍କୁ ଜଗନ୍ନାଥ ମନ୍ଦିର ନିକଟରେ ସମ୍ବର୍ଦ୍ଧନା କରିବା ସହିତ ଜଗନ୍ନାଥଙ୍କ ମନ୍ଦିରରେ ପରମ୍ପରା ରକ୍ଷାକରି କଂସାବାସନ ଓଜନ କରି ନିଜର ବ୍ୟବସାୟ ଆରମ୍ଭ କରିଥାନ୍ତି।

## ହାତୀ ଉଜାଡ଼ିଦେଲା ଧାନକ୍ଷେତ, ଚିନ୍ତାରେ ଚାଷୀ

ଢେଙ୍କାନାଳ,୩।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ବନାଞ୍ଚଳ ଯୋରନ୍ଦା ଫରେଷ୍ଟ ସେକ୍ସନ ରାଇଜଳ ଗ୍ରାମ ପଞ୍ଚାୟତ ନୟାକାଟେଣୀ ଗ୍ରାମରେ ଗୁରୁବାର ରାତିରେ ହାତୀ ଉପଦ୍ରବ କରି ଭାଳିଆକଣ ଗ୍ରାମର ଚିନ୍ତାମଣି ତ୍ରିପାଠୀଙ୍କର ଦୁଇ ଏକର ଧାନ କ୍ଷେତ ନଷ୍ଟ କରିଦେଇଛି। ଚିନ୍ତାମଣି କୋଡିଏ ହଜାରରୁ ଅଧିକା ଟଙ୍କା ଖର୍ଚ୍ଚ କରି ଧାନଚାଷ କରିଥିବା ବେଳେ ଏହି ଚିନ୍ତାରେ ହତାଶ ହୋଇପଡିଛନ୍ତି। ଗ୍ରାମର ବିବାକର ପାତ୍ର, ଭାସ୍କର ପାତ୍ର, ଅର୍ଜୁନ ପାତ୍ର ଓ ବିକଳ ପାତ୍ର ପ୍ରମୁଖଙ୍କର ଧାନ କ୍ଷେତ୍ର ନଷ୍ଟ ହୋଇଥିବା ଜଣାପଡ଼ିଛି। ଏଥିରେ ପ୍ରାୟ ଚାଷୀମାନଙ୍କର ୧୨ଏକର ଧାନ କ୍ଷେତ ନଷ୍ଟ ହୋଇଥିବା ଜଣାପଡ଼ିଛି। କ୍ଷତି ସମ୍ପର୍କରେ ରେଞ୍ଜ ଅଧିକାରୀଙ୍କୁ ଜଣାଇଲେ, ଆପଣଙ୍କ ଆଗରୁ ଲୋକଙ୍କର କ୍ଷେତ ନଷ୍ଟ ହେଉଛି। ଆମେ ଜିଓ ଫଟୋ ଉଠାଇନୁ। ପୂର୍ବ ଲୋକଙ୍କର ସରିଲା ପରେ ଆପଣଙ୍କ କଥା ବୁଝା ହେବ ବୋଲି ରେଞ୍ଜ ଅଧିକାରୀ କହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଧାନ କ୍ଷେତରେ କ୍ଷୟକ୍ଷତିକୁ ତୁରନ୍ତ ଜିଓ ଫଟୋ ଉଠାଇ ରିପୋର୍ଟ କରିବା ପାଇଁ ବନବିଭାଗକୁ ଚାଷୀମାନେ ନିବେଦନ କରିଛନ୍ତି।

## ପୂଜା ପୂର୍ବରୁ ବର୍ଷା ପବନରେ ଭାଙ୍ଗିଲା ତୋରଣ



ଢେଙ୍କାନାଳ,୩।୧୦(ରତନ ନାୟାର)

ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡରେ ଶୁକ୍ରବାର ସକାଳେ ପୂଜା ପୂର୍ବରୁ ସ୍ଥାନୀୟ ପୂଜା ପ୍ରତିଷ୍ଠାନର ଆଲୋକ ସାଜସଜ୍ଜା ପାଇଁ ତୋରଣ ବର୍ଷା ପବନରେ ଭାଙ୍ଗି ପଡ଼ିଥିଲା। ଫଳରେ ଉକ୍ତ ଅଞ୍ଚଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ଆଲୋକ ତୋରଣ ଭାଙ୍ଗି ଥିବାରୁ ବ୍ୟାପକ କ୍ଷୟକ୍ଷତି ମଧ୍ୟ ହୋଇଥିଲା। ଖବରପାଇ ଅଗ୍ନିଶମ ସେବା ସଂସ୍ଥା ଘଟଣା ସ୍ଥଳରେ ପହଞ୍ଚି ଭାଙ୍ଗି ପଡ଼ିଥିବା ତୋରଣକୁ ରାସ୍ତାରୁ ହଟାଇଥିଲେ। ତୋରଣରେ ଦେଢଲକ୍ଷ ଟଙ୍କାର ଆଲୋକ ସାଜସଜ୍ଜା ହୋଇଥିଲା। କିନ୍ତୁ କୌଣସି ପ୍ରକାର ଧନଜୀବନ କ୍ଷୟକ୍ଷତି ହୋଇନାହିଁ। କମ୍ ଲୟର ଗାତରେ ବାଉଁଶ ପୋତା ହୋଇଥିବାରୁ ଏହା ହାଲକା ପବନରେ ଖସି ପଡ଼ିଥିବା ଅଞ୍ଚଳବାସୀଙ୍କ ସୂତ୍ରରୁ ଜଣାପଡ଼ିଛି।

## ଆଇଆଇଏମ୍‌ସିରେ ସ୍ୱଚ୍ଛତା ଉତ୍ସବ ଓ ଗାନ୍ଧୀ ଜୟନ୍ତୀ



ଆଇଆଇଏମ୍‌ସିରେ ଗାନ୍ଧୀ ଜୟନ୍ତୀ ପାଳନ ଓ ସମ୍ବର୍ଦ୍ଧିତ ସଫେଇ କର୍ମଚାରୀମାନେ।

ଢେଙ୍କାନାଳ,୩।୧୦(ରତନ ନାୟାର)

ଢେଙ୍କାନାଳ ଆଇଆଇଏମସି ଅନୁଷ୍ଠାନରେ ଗୁରୁବାର ସ୍ୱଚ୍ଛତା ଉତ୍ସବ ଓ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗାନ୍ଧୀଙ୍କ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା, ସଫେଇ କାର୍ଯ୍ୟକ୍ରମ, ଶପଥ ଗ୍ରହଣ ଏବଂ ସଫେଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଗାନ୍ଧୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ପ୍ରତିଷ୍ଠାନର ଶିକ୍ଷକ, କର୍ମଚାରୀଙ୍କ ସହ ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗର ବିଦ୍ୟାର୍ଥୀମାନେ ସାମିଲ ହୋଇଥିଲେ। ଏଥିସହ ଗାନ୍ଧୀଙ୍କ କଳ୍ପିତ ସ୍ୱପ୍ନର ଭାରତ ବିଷୟରେ ଆଲୋଚନା ହୋଇଥିଲା। କେବଳ ସ୍ୱାଧୀନ ଭାରତ ନେଇ ନୁହେଁ ବରଂ ଏକ ସୁନ୍ଦର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ମଧ୍ୟ ଗାନ୍ଧୀଙ୍କ ବିଶେଷ ଦୂରଦୃଷ୍ଟି ଓ ଅବଦାନ ରହିଥିବା ପ୍ରଫେସର ପ୍ରଧାନ ପ୍ରକାଶ କରିଥିଲେ। ସେହିପରି ସମସ୍ତେ ନିଜର କାମ ନିଜେ କରିବା ସହ ସଫେଇ ପ୍ରତି ସଜାଗ ଓ ସଚେତନ କରାଇବାକୁ ମାର୍ଗଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାନର ସମସ୍ତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସ୍ୱଚ୍ଛତା ସଚେତନତା ନେଇ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ କ୍ୟାମ୍ପସରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରକାଶ ଥାଉକି, ସ୍ୱଚ୍ଛତା ହିଁ ସେବା ୨୦୨୫ ଉପଲକ୍ଷେ ଆଇଆଇଏମସି ପକ୍ଷରୁ ସେପ୍ଟେମ୍ବର ୧୭ ତାରିଖ ଠାରୁ ବିଭିନ୍ନ ସ୍ଥାନରେ ସଫେଇ ଓ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା।

## ଖବରଦାତା ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

କାମାକ୍ଷାନଗର,୩।୧୦ (ସୁଧୀର କୁମାର ପରିଡ଼ା)

ଜାତିର ପିତା ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ତରଫରୁ ମହାବିରୋଡ଼ ଗାନ୍ଧୀଛକରେ ପୁଷ୍ପମାଲ୍ୟ ଅର୍ପଣ, ମହାବିରୋଡ଼ ସରକାରୀ ଡାକ୍ତରଖାନାରେ ସଫେଇ କାର୍ଯ୍ୟକ୍ରମ ଓ ଫଳ ବଣ୍ଟନ କରାଯାଇଥିଲା। ସଂଘ ସଭାପତି ଇଂ. ରାଜେଶ କୁମାର ଦେହୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ପରେ ମହାବିରୋଡ଼ ସରକାରୀ ଡାକ୍ତରଖାନାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ବିରବର ସାହୁ, ସାଧାରଣ ସମ୍ପାଦକ ନବକିଶୋର ସାହୁ, ଉପସଭାପତି ଦୀପକ କୁମାର ସାହୁ, କମିଟି ସଦସ୍ୟ ଚଗଲା ଦେହୁରୀ, କ୍ଷୀରୋଦ ଦେହୁରୀ, ବିରଞ୍ଚି ସାହୁ, ଜ୍ୟୋତି ଜୀବନ ସାହୁ, ରାଜୀବ ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## ମୃତ ବାର୍ହା ଜବତ, ଶିକାରୀ ଟେର୍ ମିଳୁନି

ଭୁବନ, ୩।୧୦ (ବିପିନ ସେଠୀ)



ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ ଯମୁନା କୋଟି ଛକ ନିକଟରେ ବନ ବିଭାଗ ପକ୍ଷରୁ ଏକ ମୃତ ବାରାହା ଜବତ ହୋଇଛି। ଭୁବନ ବନ ବିଭାଗ ରେଞ୍ଜର, ଫରେଷ୍ଟର କଳ୍ପନା ବେହେରା ଓ କର୍ମଚାରୀମାନେ ପହଞ୍ଚି ମୃତ ବାରହାକୁ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ବ୍ୟବଛେଦ ପରେ ମୃତଦେହକୁ ପୋତିଦିଆ ଯାଇଥିଲା। ବାରହାଟିର ବୟସ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି। ବାରହାଟିର ପାଟି ଭିତରେ ବୋମାଫୁଟି ମୃତ୍ୟୁ ଘଟିଥିବା ବନ ବିଭାଗ ସଡ଼କ ଦୁର୍ଘଟଣା କହି ଏଡାଇ ଦେଉଛି, ଯାହାକି ସନ୍ଦେହ ସୃଷ୍ଟି ହେଉଛି। ଦିନକୁ ଦିନ ଭୁବନ ବନାଞ୍ଚଳରେ ଶିକାରୀମାନେ ବାରମ୍ବାର ବାରହା, ହିଙ୍ଗ ଓ ଜଙ୍ଗଲ ଜୀବଙ୍କୁ ଶିକାର କରୁଥିବା ବେଳେ ଶିକାରୀଙ୍କ ଟେର ପାଉନାହାନ୍ତି ବନବିଭାଗ କର୍ମଚାରୀ। ଏଥିପ୍ରତି ଜିଲା ବନ ବିଭାଗ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବା ପାଇଁ ସାଧାରଣରୁ ଦାବି ହେଉଛି।

## ନବରାତ୍ରୀ ଅବସରରେ ଜନ୍ମିତ କନ୍ୟାରତ୍ନଙ୍କୁ ସମ୍ବର୍ଦ୍ଧନା

ଢେଙ୍କାନାଳ,୩।୧୦(ରତନ ନାୟାର)


ଜିଲା ମୁଖ୍ୟ ଚିକିତ୍ସାଳୟରେ ଜନ୍ମିତ କନ୍ୟାରତ୍ନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଢେଙ୍କାନାଳ ଜିଲାରେ ନବରାତ୍ରୀ ସମୟରେ ଜନ୍ମିତ କନ୍ୟାରତ୍ନମାନଙ୍କୁ ବିକାଶ ଫାଉଣ୍ଡେସନ ପକ୍ଷରୁ ସମ୍ମାନ କାର୍ଯ୍ୟକ୍ରମରେ ମଙ୍ଗଳବାର ବିଶେଷ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ନବରାତ୍ର ସମୟରେ ଜନ୍ମିତ ସମସ୍ତ କନ୍ୟା ସନ୍ତାନଙ୍କ ମାତା ପିତାଙ୍କୁ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସମ୍ବର୍ଦ୍ଧିତ କରିବା ସହିତ ମା'ମାନଙ୍କୁ ବେବି କିଟ୍ ପ୍ରଦାନ କରିଥିଲେ। ପରେ ପୁରୁଣା ଜିଲା ପରିଷଦ ହଲଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଭିଭାବକମାନଙ୍କୁ ମଧ୍ୟ ବେବିକିଟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସେ କହିଲେ ଯେ, କନ୍ୟାରତ୍ନ ଅମୂଲ୍ୟ ରତ୍ନ। ସେମାନେ ମା' ଦେବୀ ଦୁର୍ଗାଙ୍କ ଅବତାର। ତାଙ୍କୁ ଆମେ ସବୁବେଳେ ସ୍ନେହ ଓ ଶ୍ରଦ୍ଧା ଦେବା ଦରକାର ବୋଲି କହିଥିଲେ। ଏହି ଜନ ସଚେତନ ଲକ୍ଷରେ କେନ୍ଦ୍ରିୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କଳ୍ପନାରେ ବିକାଶ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ମା'ମାନଙ୍କୁ ଭାରତ ସରକାରଙ୍କ ସୁକନ୍ୟା ସମୃଦ୍ଧି ଯୋଜନା ଅଧିନରେ ପଞ୍ଜିକରଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ପୌରାଧକ୍ଷ ଜୟନ୍ତୀ ପାତ୍ର, ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଭାବଶାଳୀ ଯୋଗାଯୋଗ ନେଇ ଆଞ୍ଚଳିକ ଭାଷାର ଗୁରୁତ୍ୱ ରହିଛି

**ଆଇଆଇଏମ୍‌ସିରେ ହିନ୍ଦୀପକ୍ଷ ଉଦ୍‌ଯାପିତ**

ଢେଙ୍କାନାଳ,୩।୧୦(ରତନ ନାୟାର)




ଢେଙ୍କାନାଳ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମସି) ଅନୁଷ୍ଠାନରେ ଦୀର୍ଘ ୧୫ଦିନ ଧରି ଚାଲିଥିବା ହିନ୍ଦୀ ପକ୍ଷ ଶୁକ୍ରବାର ଉଦଯାପିତ ହୋଇଯାଇଛି। ସମ୍ମିଳନୀ କକ୍ଷରେ ଆୟୋଜିତ ଉଦଯାପନୀ ସଭାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ପୌରୋହିତ୍ୟ କରି କହିଲେ ଯେ, ହିନ୍ଦୀ ହେଉଛି ଆମର ରାଷ୍ଟ୍ର ଭାଷା। ଏହାର ବିକାଶ ତଥା ସୁରକ୍ଷା ଜରୁରୀ। ଦେଶର ବିଭିନ୍ନ ପ୍ରାନ୍ତରରୁ ଅନ୍ୟାନ୍ୟ ଆଞ୍ଚଳିକ ଭାଷା ଓ ଭାଷାଭାଷୀ ବ୍ୟକ୍ତି ବିଶେଷଙ୍କ ଯଥେଷ୍ଟ ଅବଦାନ ରହିଛି। ହିନ୍ଦୀର ପ୍ରଚାର ପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ସେ ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଈଶ୍ୱରପାଟିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ କରି କହିଲେ ଯେ, ସାମ୍ବାଦିକତାରେ ନିରପେକ୍ଷ ରହିବାକୁ ହେବ। ଉଭୟ ପକ୍ଷର ମତକୁ ସମ୍ମାନ ଦେବା ସହ ପ୍ରତ୍ୟେକ ସାମ୍ବାଦିକ ଓ ସଂପୃକ୍ତ ସଂସ୍ଥା ଖବରର ସତ୍ୟତା ଉପରେ ଗଭୀର ନିରୀକ୍ଷଣ କରିବା ଜରୁରୀ। ଅନୁରୂପ, ପ୍ରଭାବଶାଳୀ ଯୋଗାଯୋଗ ପାଇଁ ଆଞ୍ଚଳିକ ଓ ମାତୃଭାଷାର ଅଧିକ ଗୁରୁତ୍ୱ ରହିଛି। ଏନେଇ ସାରା ଦେଶରେ ହିନ୍ଦୀ ଏବଂ ରାଜ୍ୟରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଓ ଅଭିଯୋଗ ଶୁଣାଣି ଆଦି ଅଭିଯାନ ଆରମ୍ଭ ହୋଇଥିବା ସେ ପ୍ରକାଶ କରିଥିଲେ। ହିନ୍ଦୀ ପକ୍ଷ ଅବସରରେ ଆୟୋଜିତ ହୋଇଥିବା ବିତର୍କ, ପ୍ରବନ୍ଧ ଲିଖନ, ପୋଷ୍ଟର ନିର୍ମାଣ, ରେଡ଼ିଓ ଜିଙ୍ଗଲ, କବିତା ପାଠ ଆଦି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଆସିଷ୍ଟାଣ୍ଟ ପ୍ରଫେସର ବିରଞ୍ଚି ନାରାୟଣ ସେଠ, ଚିରସ୍ରୋତା ଜେନା, ଏକାଡେମିକ ଆସୋସିଏଟ ହରେକୃଷ୍ଣ ପ୍ରଧାନ, ଏକାଡେମିକ ସଂଯୋଜକ ଜିତେନ୍ଦ୍ର ପତି, ଲାଇବ୍ରେରୀ ଇନଚାର୍ଜ ଶୁଭଙ୍କରି ଦାସ, ସମସ୍ତ କର୍ମଚାରୀ ଓ ବିଦ୍ୟାର୍ଥୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଆଭା ସିଂ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ପାରସ ଯାଦବ ଧନ୍ୟବାଦ ଦେଇଥିଲେ।

# ୨୬,୭୦୦ ଗ୍ରାମକୁ ଟେଲିକମ ସଂଯୋଗ

## ବିଏସ୍ଏନ୍ଏଲ୍‌ର ସ୍ୱଦେଶୀ ୪ଜି ନେଟ୍‌ୱର୍କ ଉନ୍ମୋଚିତ

ଭୁବନେଶ୍ୱର,୩।୧୦

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ପକ୍ଷରୁ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ), ସେଣ୍ଟର ଫର ଡେଭଲପମେଣ୍ଟ ଅଫ୍ ଟେଲିମ୍ୟାଟ୍ରିକ୍ସ (ସି-ଡଟ) ଏବଂ ତେଜସ୍ ନେଟୱର୍କସ୍ ଲିମିଟେଡ୍ ସହଭାଗିତାରେ ଭାରତ ଟେଲିକମ୍ ଷ୍ଟାକ୍ ଉନ୍ମୋଚନ କରାଯାଇଛି। ଏହା ଏକ ଆଧୁନିକ, ସୁରକ୍ଷିତ ସମାଧାନ ଯାହା ସମ୍ପୂର୍ଣ୍ଣ ଭାରତରେ ଡିଜାଇନ୍ ସହ ବିକଶିତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୬,୭୦୦ ଗ୍ରାମକୁ ଟେଲିକମ୍ ସଂଯୋଗ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଆତ୍ମନିର୍ଭରଶୀଳ ଭାରତର ଦର୍ଶନରୁ ଏହା ପ୍ରେରିତ ହୋଇଛି। ୪ଜି ଏବଂ ସ୍ୱୟଂସମ୍ପୂର୍ଣ୍ଣ ସ୍ୱଦେଶୀ ଟେଲିକମ୍ ଟେକ୍ନୋଲୋଜି ଷ୍ଟାକ୍ ନିର୍ମାଣ କରୁଥିବା ଦେଶ ମଧ୍ୟରେ ଭାରତ ବିଶ୍ୱର ପଞ୍ଚମ ଦେଶରେ ପରିଣତ ହୋଇଛି । ଏକ ମିଶନ୍ ମୋଡ୍ ପ୍ରୋଗ୍ରାମ୍ ଭାବରେ ଟିସିଏସ୍ ଡାଟା ସେଣ୍ଟର୍ ସ୍ଥାପନ, ସି-ଡଟର ଇପିସି କୋର୍ ଆପ୍ଲିକେସନ୍, ତେଜସ୍‌ଙ୍କ ବେସ୍ ଷ୍ଟେଶନ୍ ଏବଂ ୧ଲକ୍ଷରୁ ଅଧିକ ସାଇଟରେ ରେଡିଓ ଭିତ୍ତିଭୂମି ସ୍ଥାପନ ଏବଂ କାର୍ଯ୍ୟକ୍ଷମ ଏବଂ ୨୪/୭ ବାସ୍ତବ ସମୟ ନେଟୱର୍କ୍ ପରିଚାଳନା ପାଇଁ ଟିସିଏସର କଗନିଟିଭ୍ ନେଟୱର୍କ୍ ଅପରେସନ୍ସ (ଟିସିଏସ୍ ସିଏନଓପି) ପ୍ଲାଟଫର୍ମର ଉପଯୋଗ କରି ଏହାର କାର୍ଯ୍ୟକାରିତାର ନେତୃତ୍ୱ ନେଇଥିଲା। ଏହି ପ୍ରକଳ୍ପ ଟିସିଏସ୍, ବିଏସଏନଏଲ୍, ଟେଲିକମ୍ ବିଭାଗ, ମ୍ୟାନିକ୍ସେ ଆଣ୍ଡ କୋ, ସି-ଡଟ, ତେଜସ୍, ଆଇ ଆଣ୍ଡ ସି ପାର୍ଟନର୍ସ ଦ୍ୱାରା 'ମିଶନ୍-ମୋଡ୍'ରେ ପରିଚାଳିତ ହେଉଛି। ଏହା ଦୁଇ ବର୍ଷର ମଧ୍ୟରେ ଶେଷ ହୋଇଥିଲା ଯାହା ବିଏସଏନ୍ଏଲ୍‌ର ୨ଜି/୩ଜି ନେଟୱର୍କକୁ ଦ୍ରୁତତମ ୪ଜି ନେଟୱର୍କ୍ କରିଥିଲା। ଏହା ଭାରତର ଜାତୀୟ ସୁରକ୍ଷାକୁ ସଶକ୍ତ କରୁଛି ଏବଂ ସହରୀ ଏବଂ ଗ୍ରାମୀଣ ବାସିନ୍ଦାଙ୍କୁ ସମାନ ସୁଯୋଗ ପ୍ରଦାନ କରୁଛି ଯାହା ଦ୍ୱାରା ଅନଲାଇନ୍ ଶିକ୍ଷା, ନାଗରିକ ସେବା, ଟେଲିମେଡିସିନ୍, ଇ-ଗଭର୍ନାନସ ଆଦି କାର୍ଯ୍ୟକୁ ସରଳ କରିଛି। ବିଏସଏନଏଲର ସିଏମଡି ରବର୍ଟ ଜେ ରବି କହିଛନ୍ତି ଯେ, 'ଆଜି, ଆମେ ଜାତୀୟ ଗୌରବ ପାଇଁ ଏକ ଐତିହାସିକ ଉପଲବ୍ଧି ପାଳନ କରୁଛୁ। ଆମର ସ୍ୱଦେଶୀ ୪ଜି ନେଟୱର୍କରେ ଜାତୀୟ ଶୁଭାରମ୍ଭ କରାଯାଇଛି। ବିଏସଏନଏଲ ଟିମର ଅବିଶ୍ରାନ୍ତ ପରିଶ୍ରମରୁ ସୃଷ୍ଟି ହୋଇଥିବା ଏହି 'ମେଡ୍ ଇନ୍ ଭାରତ' ଷ୍ଟାକ୍ ଆମ ଡିଜିଟାଲ୍ ଭବିଷ୍ୟତକୁ ସୁରକ୍ଷିତ କରୁଛି । ଏହି ସଂଯୋଗର ଲାଭ ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିବ, ଯାହାଦ୍ୱାରା ଡିଜିଟାଲ୍ ଅନ୍ତର ସମ୍ପୂର୍ଣ୍ଣ ହ୍ରାସ ପାଇବ ବୋଲି ସେ କହିଛନ୍ତି। ବିଏସଏନଏଲର ନିର୍ଦ୍ଦେଶକ (କଞ୍ଜ୍ୟୁମର ମୋବିଲିଟି- ସିଏମ) ସନ୍ଦୀପ ଗୋଭିଲ୍ କହିଛନ୍ତି, ସ୍ୱଦେଶୀ ୪ଜି ଏକ ଡିଜିଟାଲ୍ ସାମାଜିକ ସମାନ ସମାଜ ଗଠନ ପାଇଁ ଏକ ମୂଳଦୁଆ ଅଟେ । ଏହା ୫ଜି ଏବଂ ତା'ଠାରୁ ଅଧିକ ପାଇଁ ବିକଶିତ ହେବାକୁ ପ୍ରସ୍ତୁତ। ଭାରତର ବିକାଶ କାହାଣୀ ସାର୍ବଭୌମ, ଘରୋଇ ପ୍ରଯୁକ୍ତି ଦ୍ୱାରା ଶକ୍ତିଶାଳୀ ହେବା ଏହାକୁ ପ୍ରମାଣିତ କରୁଛି। ଟିସିଏସର ପରାମର୍ଶଦାତା (ଟେଲିକମ୍ ଷ୍ଟ୍ରାଟେଜିକ୍ ଇନିସିଏଟିଭସ )ଏବଂ ତେଜସ୍ ନେଟୱର୍କସର ଅଧ୍ୟକ୍ଷ ଏନ. ଗଣପତି ସୁବ୍ରମଣ୍ୟମ୍ କହିଛନ୍ତି ଯେ, ବିସ୍ତୃତ, ବିଶ୍ୱସ୍ତ ଏବଂ ସଫ୍ଟୱେର୍ ଅପଗ୍ରେଡ କରାଯାଇ ପାରୁଥିବା ଟେଲିକମ୍ ଟେକ୍ନୋଲୋଜି ଷ୍ଟାକ୍ ବିକଶିତ କରିଥିବା ଦେଶ ତାଲିକାରେ ଭାରତ ସ୍ଥାନ ପାଇଥିବାରୁ ଆମେ ନିଜକୁ ଗର୍ବିତ ମନେ କରୁଛୁ।

# ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବ ଭିମ୍ ଆପ୍

ଭୁବନେଶ୍ୱର,୩।୧୦

ଏନପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସଏଲ)ର ଭାରତର ନିଜସ୍ୱ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ଭିମ ପେମେଣ୍ଟ୍ ଆପ୍ ପକ୍ଷରୁ 'ମିଠି ଦିୱାଲି'ର ଦ୍ୱିତୀୟ ସଂସ୍କରଣ ଶୁଭାରମ୍ଭ କରାଯାଇଛି। ରିହାତି ଏବଂ ଅଫର ପ୍ରଦାନ ସହ ଏହି ଅଭିଯାନ ମହିଳା କାରିଗର ଏବଂ ଉଦ୍ୟୋଗୀଙ୍କ ପାଇଁ ଦୈନନ୍ଦିନ ଦେୟକୁ ସଶକ୍ତ କରିବାକୁ ପ୍ରସ୍ତୁତ କରାଯାଇଛି। ଅକ୍ଟୋବର ୧ରୁ ୩୧ ମଧ୍ୟରେ ଭିମ ପେମେଣ୍ଟ ଆପରେ ୧୦ କିମ୍ବା ତା'ଠାରୁ ଅଧିକ କାରବାର ସମ୍ପୂର୍ଣ୍ଣ କରି ଭାରତରେ ମହିଳା ନେତୃତ୍ୱରେ ଚାଲୁଥିବା ବ୍ୟବସାୟଗୁଡ଼ିକୁ ସହଯୋଗ ପ୍ରଦାନ କରିପାରିବେ। 'ଅସ୍ୱାୟର ଫର ହର' ସହଯୋଗିତା ଏହି ଅଭିଯାନ ଆରମ୍ଭ କରାଯାଇଛି। ଏନବିଏସଏଲର ପରିଚାଳକ ନିର୍ଦ୍ଦେଶକ ଲଳିତା ନାଟାରାଜ କହିଛନ୍ତି ଯେ, 'ମିଠି ଦିୱାଲି' ମାଧ୍ୟମରେ ଆମେ ପ୍ରତିବର୍ଷ ଏହି ଆନନ୍ଦରେ ଏକ ଉଦ୍ଦେଶ୍ୟ ଯୋଡିବା ପାଇଁ ଲକ୍ଷ୍ୟ ରଖିଛୁ।

# ରିଲାଏନ୍ସ ଜୁଏଲ୍‌ସର ଦୀପାବଳି କଲେକ୍ସନ



ଭୁବନେଶ୍ୱର, ୩।୧୦

ରିଲାଏନ୍ସ ଜୁଏଲ୍‌ସ, ଦୀପାବଳି ଅବସରରେ ନୂଆ ଉତ୍ସବ ଅଳଙ୍କାର କଲେକ୍ସନ୍ ଆଣିଛି। ଏହା ସହ ପ୍ରଥମ ଥର ପାଇଁ ବଲିଉଡ ତାରକା ରବୀନା ଟଣ୍ଡନ ଓ ତାଙ୍କ ଝିଅ ରଶା ଥାଡାନୀ ଏହି ବ୍ରାଣ୍ଡର ଆମ୍ବାସାଡାର ହୋଇଛନ୍ତି। ରିଲାଏନ୍ସର ଗ୍ରୁପ ସିଏମଓ ଗାୟତ୍ରୀ ଯାଦବ କହିଛନ୍ତି, ଭାରତୀୟଙ୍କ ପାଇଁ ସୁନା ଖାଲି ଅଳଙ୍କାର ନୁହେଁ, ଏହା ଆମର ପରମ୍ପରା ଓ ପରିଚୟର ଅଂଶ । ଏଥିରେ ଲକ୍ଷ୍ମୀ ଆକୃତି, ରଙ୍ଗୋଲି, ଲଣ୍ଠନ, ଦୀପ, ଗେଣ୍ଡୁଫୁଲ, ପଦ୍ମ ଓ ମୟୂର ଡିଜାଇନ ସୁନା ଓ ହୀରାରେ ତିଆରି ଅଳଙ୍କାର ରହିଛି। ଏହାରେ କାନଫୁଲ, ଚୋକର, ଲମ୍ବା ହାର, ଚୁଡ଼ି ଓ ମୁଦି ଅଛି, ଯାହା ଦୀପାବଳି, ଧନତେରାସ ଓ ବିବାହ ପାଇଁ ଉପଯୁକ୍ତ। ରବୀନା ଟଣ୍ଡନ ଓ ରଶା ଥାଡାନୀ କହିଛନ୍ତି, ଅଳଙ୍କାର ଆମ ବ୍ୟକ୍ତିତ୍ୱ ପ୍ରଦର୍ଶନ କରିଥାଏ। ଏହି ସଂଗ୍ରହ ଉତ୍ସବର ଆନନ୍ଦ ଓ ପରମ୍ପରାକୁ ସୁନ୍ଦର ଭାବେ ଦେଖାଉଛି। ଏହି ଦୀପାବଳିରେ ରିଲାଏନ୍ସ ଜୁଏଲସ୍ ୧୦୦% ପୁରୁଣା ସୁନା ବଦଳ ମୂଲ୍ୟ ଦେଉଛି। ଏହା ସହ ସୁନା ଅଳଙ୍କାର ଗଢ଼ା ମଜୁରୀ ଉପରେ ୪୫% ଓ ହୀରା ମୂଲ୍ୟ ଓ ଗଢ଼ା ମଜୁରୀ ଉପରେ ୩୫% ପର୍ଯ୍ୟନ୍ତ ରିହାତି ଦେଉଛି। ଏହି ରିହାତି ନଭେମ୍ବର ୨ ଲାଗୁ ହେବ। ଏହି ନୂଆ କଲେକ୍ସନ ଦେଶର ୧୪୦ରୁ ଅଧିକ ରିଲାଏନ୍ସ ଜୁଏଲ୍ସ ଷ୍ଟୋରରେ ଉପଲବ୍ଧ।

# ରିଲାଏନ୍ସ ଡିଜିଟାଲର 'ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ'

ଭୁବନେଶ୍ୱର,୩।୧୦
(ଅନୁରାଧା ମହାରଣା)




ରିଲାଏନ୍ସ ଡିଜିଟାଲର 'ଫେଷ୍ଟିଭାଲ ଅଫ ଇଲେକ୍ଟ୍ରୋନିକ୍ସ' ସେଲ୍ ଆରମ୍ଭ ହୋଇଛି। ଏଥିରେ ଟିଭି, ଫ୍ରିଜ, ଏସି, ମୋବାଇଲ ଓ ଅନ୍ୟ ଇଲେକ୍ଟ୍ରୋନିକ୍ସ ଜିନିଷ ଉପରେ ବଡ଼ ରିହାତି ମିଳୁଛି। ଏହି ସେଲ ଅକ୍ଟୋବର ୨୫ ପର୍ଯ୍ୟନ୍ତ ରିଲାଏନ୍ସ ଡିଜିଟାଲ, ମାଇ ଜିଓ ଷ୍ଟୋର, ଜିଓ ମାର୍ଟ ଓ www.reliancedigital.in ରେ ଚାଲିବ। ବ୍ୟାଙ୍କ କାର୍ଡରେ ୧୫,୦୦୦ ପର୍ଯ୍ୟନ୍ତ ରିହାତି ଓ ପେପର ଫାଇନାନ୍ସରେ ୩୦,୦୦୦ ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ମିଳିବ। ରିଲାଏନ୍ସ ଡିଜିଟାଲ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୬୫ ଇଞ୍ଚ ତୋଶିବା କ୍ୟୁଏଲଇଡି ଟିଭି ୪୫,୯୯୦ରେ, ଆଇଫୋନ୍ ୧୬ଇ ୪୪,୯୯୦ରେ, ୧ ଟନ୍ ଏସି ୧୭,୯୯୦ରେ ଓ ଡବଲ ଡୋର ଫ୍ରିଜ ୧୮,୯୯୦ରେ ମିଳୁଛି। ଏହା ସହ ଓାଶିଂମେଶିନ, ରୋଷେଇ ଜିନିଷ ଓ ସ୍ମାର୍ଟଓାଚ୍‌ରେ ୫%ରୁ ୧୫% ରିହାତି ଅଛି। ଉତ୍ସବ ପାଇଁ ଜିନିଷ କିଣିବାର ଏହା ହେଉଛି ସବୁଠୁ ଭଲ ସମୟ ବୋଲି କମ୍ପାନୀ କହିଛି।

# ରାଇସା ଏବଂ ରାଇମାନାଙ୍କୁ ମହାତ୍ମା ଆୱାର୍ଡ

ଭୁବନେଶ୍ୱର,୩।୧୦

ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମାଜିକ ଦାୟିତ୍ୱ ଏବଂ ସାମାଜିକ ପ୍ରଭାବରେ ଯୁବ ନେତୃତ୍ୱ ବର୍ଗରେ ରାଇସା ଇଲା ପଣ୍ଡା ଏବଂ ରାଇମାନା ରଶନା ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ପୁଡୁଚେରୀର ପୂର୍ବତନ ଉପରାଜ୍ୟପାଳ ଡ. କିରଣ ବେଦୀ, ରାଜଘାଟର ଜାତୀୟ ଗାନ୍ଧୀ ସଂଗ୍ରହାଳୟର ନିର୍ଦ୍ଦେଶକ ଏ ଆନ୍ନାମଲାଇ, କୋଙ୍କଣ ରେଳ ନିଗମର ସିଏମ୍‌ଡି ସନ୍ତୋଷ କୁମାର ଝା, ଏବଂ ମହାତ୍ମା ଫାଉଣ୍ଡେଶନର ତତ୍ତ୍ୱାବଧାନରେ ପୁରସ୍କାର ପ୍ରତିଷ୍ଠା କରିଥିବା ସାମାଜିକ କର୍ମୀ ତଥା ଆଇନଜୀବୀ ଅମିତ ସଚଦେବ ପ୍ରମୁଖ ଉପସ୍ଥିତ ଥିଲେ। ଇମ୍ପା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏବଂ ଶୈଫାଳିକା ପଣ୍ଡାଙ୍କ ଝିଅ ରାଇସା ଏବଂ ରାଇମାନା ୨୦୧୮ ମସିହାରେ ଷ୍ଟ୍ରାଇଭ ପ୍ରତିଷ୍ଠା କରିଥିଲେ ଏବଂ ସୀମାନ୍ତ ବର୍ଗର ଲୋକଙ୍କୁ ସଶକ୍ତ କରିବା ପାଇଁ ଅକ୍ଳାନ୍ତ ଭାବରେ କାର୍ଯ୍ୟ କରିଥିଲେ। ଫୁଟବଲକୁ ପିଲାମାନଙ୍କ ଜୀବନକୁ ପରିବର୍ତ୍ତନ କରିବାର ଏକ ମାଧ୍ୟମ ଭାବରେ ବ୍ୟବହାର କରି ଏହି ଷ୍ଟ୍ରାଇଭ ମହିଳାମାନଙ୍କୁ ଜୀବିକା ତାଲିମ ମଧ୍ୟ ପ୍ରଦାନ କରେ, ଯାହା ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନୟୁଏଲ୍ଏମ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ। ପୁରସ୍କାର ଗ୍ରହଣ କରି ରାଇସା ଇଲା ପଣ୍ଡା କହିଛନ୍ତି, ସଶକ୍ତୀକରଣ ହେଉଛି ଅନ୍ୟମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା। ମୋ ଭଉଣୀ, ରାଇମାନା ଏବଂ ମୁଁ ଏହି ମାନ୍ୟତା ପାଇବା ପରେ ଆମର ଯାତ୍ରା ଜାରି ରଖିବାକୁ ପ୍ରତିବଦ୍ଧ। ଅନ୍ୟାନ୍ୟ ବର୍ଗରେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ତଥା ସାମାଜିକ କର୍ମୀ ମଲ୍ଲିକା ସାରାଭାଇ, ସିପ୍ଲାର ଅଧ୍ୟକ୍ଷ ଡ. ୟୁସୁଫ ହାମିଦ, ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବଂ ଆପୋଲୋ ଟାୟାର୍ସ ଏହି ମହାତ୍ମା ପୁରସ୍କାର ୨୦୨୫ ଗ୍ରହଣ କରିଛନ୍ତି।




# ଆଜିଠାରୁ ନୂଆ ଚେକ୍ କ୍ଲିୟରାନ୍ସ ସିଷ୍ଟମ ଲାଗୁ

ଭୁବନେଶ୍ୱର,୩।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବ୍ୟାଙ୍କ ଖାତାଧାରୀଙ୍କ ପାଇଁ ଏକ ନୂଆ ଚେକ୍ କ୍ଲିୟରାନ୍ସ ସିଷ୍ଟମ ଘୋଷଣା କରିଛି। ଶନିବାରଠାରୁ ଲାଗୁ ହେବାକୁ ଥିବା ଏହି ନୂଆ ସିଷ୍ଟମ ଅନୁସାରେ ଚେକ୍ ଗୋଟିଏ ଦିନରେ କ୍ଲିୟର ହେବ। ଏପରି ହେବା ଦ୍ୱାରା ଗ୍ରାହକଙ୍କୁ ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆରବିଆଇ କହିଛି ଯେ, ଏବେ କେବଳ କିଛି ଘଣ୍ଟା ମଧ୍ୟରେ ଚେକ୍ କ୍ଲିୟର ହୋଇପାରିବ। ଆରବିଆଇ କହିଛି ଯେ, ଗୋଟିଏ ଦିନରେ ଚେକ୍ କ୍ଲିୟର କରିବା ପାଇଁ ବ୍ୟାଙ୍କଗୁଡ଼ିକ ଚେକ୍ ଟ୍ରଙ୍କେସନ ସିଷ୍ଟମ (ସିଟିଏସ୍) ବ୍ୟବହାର କରିବେ। ଏହି ସିଷ୍ଟମରେ ଗ୍ରାହକ ଯେତେବେଳେ ବ୍ୟାଙ୍କରେ ଚେକ୍ ଜମା କରିବେ, ବ୍ୟାଙ୍କ ତାହାର ସ୍କାନ କପି ସମ୍ପୃକ୍ତ ବ୍ୟାଙ୍କକୁ ପଠାଇବ। ସମ୍ପୃକ୍ତ ବ୍ୟାଙ୍କକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚେକ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ହେବ। ଯଦି ଚେକରେ ଠିକ ତାରିଖ, ପେମେଣ୍ଟ ନାମ, ରାଶି ଓ ସ୍ୱାକ୍ଷର ବ୍ୟାଙ୍କରେ ଥିବା ସ୍ୱାକ୍ଷର ସହ ମେଳ ଖାଏ, ତେବେ ଚେକ ସେହି ଦିନ କ୍ଲିୟର ହୋଇଯିବ। ମାତ୍ର ଯଦି ଚେକରେ କୌଣସି ଓଭରରାଇଟିଂ ଥାଏ, ତାହାକୁ ଅବୈଧ ମାନି ପ୍ରତ୍ୟାଖ୍ୟାନ କରାଯିବ। ଆରବିଆଇ କହିଛି ଯେ, ଏହି ନୂଆ ଚେକ କ୍ଲିୟରାନ୍ସ ସିଷ୍ଟମ ଦୁଇ ପର୍ଯ୍ୟାୟରେ ଲାଗୁ ହେବ। ପ୍ରଥମ ପର୍ଯ୍ୟାୟ ଶନିବାରଠାରୁ ଆରମ୍ଭ ହୋଇ ୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ଚେକ୍ ଜମା ହେବା ପରେ ସମ୍ପୃକ୍ତ ବ୍ୟାଙ୍କକୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚେକ୍ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ହେବ। ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୩ରୁ ଆରମ୍ଭ ହେବ। ଏଥିରେ ଚେକ୍ କ୍ଲିୟର ହେବାର ସମୟସୀମାକୁ ମାତ୍ର ୩ ଘଣ୍ଟାକୁ କମାଇ ଦିଆଯିବ। ଏହା ଗ୍ରାହକଙ୍କ ପାଇଁ ବହୁତ ସୁବିଧାଜନକ ହେବ, କାରଣ ପୂର୍ବରୁ ଚେକ୍ କ୍ଲିୟର ହେବାକୁ ୨-୩ ଦିନ ଲାଗୁଥିଲା, ଯାହା ଅନେକ ଅସୁବିଧାର କାରଣ ହେଉଥିଲା।

## ରାଜ୍ୟ ଖବର

# ୯ରୁ ମାସେବ୍ୟାପୀ ବିଜେଡି ପାଳିବ ଜନସମ୍ପର୍କ ପଦଯାତ୍ରା

### ଜନସମ୍ପର୍କ ଅଭିଯାନର ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ପକ୍ଷରୁ ଜନସମ୍ପର୍କ ଅଭିଯାନ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜନତା ମଇଦାନ ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଭୁବନେଶ୍ୱର ଜିଲା ସଭାପତି ଅଶୋକ ପଣ୍ଡାଙ୍କ ଆବାହକତ୍ୱରେ ଜନସମ୍ପର୍କ ଅଭିଯାନର ସଂକଳ୍ପ ନିଆଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଜନସମ୍ପର୍କ ଅଭିଯାନର ସଂକଳ୍ପ ପାଠ କରାଇଛନ୍ତି। ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରାରେ ଘର ଘର ବୁଲି ନବୀନ ସରକାର ସମୟର ସଫଳତା ଓ ବର୍ତ୍ତମାନର ଭାଜପା ଶାସନର ବିଫଳତା ନେଇ ବିଜେଡି ପକ୍ଷରୁ ଜନସଚେତନତା ସୃଷ୍ଟି କରାଯିବ ବୋଲି କୁହାଯାଇଛି। ଏହା ନଭେମ୍ବର ୯ ପର୍ଯ୍ୟନ୍ତ ମାସେବ୍ୟାପୀ ପ୍ରତି ୱାର୍ଡ, ବ୍ଲକ, ପଞ୍ଚାୟତ, ଜିଲା ପରିଷଦ, ପୌରାଞ୍ଚଳ ଓ ନିର୍ବାଚନମଣ୍ଡଳୀରେ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ବାର୍ତ୍ତା ଦେଇ ନବୀନ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଅହିଂସାକୁ ଭାରତର ସମ୍ବିଧାନର ମୁଖବନ୍ଧରେ ସାମିଲ କରିବା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଜନସମ୍ପର୍କ ଅଭିଯାନ ସଂକଳ୍ପ ଅବସରରେ ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ସଭାପତି ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ଯୋଗୁ ୨ ଟ୍ରେନ୍ ବାତିଲ

### ଜିଲାରେ ୧୨୪୭.୧ମିମି ବର୍ଷା ରେକର୍ଡ

### ୩ ଘଣ୍ଟା ବିଳମ୍ବରେ କୋରାପୁଟ ଷ୍ଟେଶନରୁ ଛାଡ଼ିଲା ହୀରାଖଣ୍ଡ ଏକ୍ସପ୍ରେସ୍

କୋରାପୁଟ,୩।୧୦
(ଅମିତାଭ ବେହେରା)

କୋରାପୁଟ ଜିଲାରେ ଗୁରୁବାର ୧୨୪୭.୧ମିମି ବର୍ଷା ହୋଇଛି। ବର୍ଷା ଯୋଗୁ ଶୁକ୍ରବାର ପାଇଁ ବିଶାଖାପାଟଣା-କିରୁଣ୍ଡୁଲ ଏବଂ କିରୁଣ୍ଡୁଲ-ବିଶାଖାପାଟଣା ଟ୍ରେନ୍ ବାତିଲ ହୋଇଥିବା ସୂଚନା ମିଳିଛି। ଗୁରୁବାର ହୀରାଖଣ୍ଡ ଏକ୍ସପ୍ରେସ୍ ୩ ଘଣ୍ଟା ବିଳମ୍ବ ତଥା ରାତି ୧୧ଟା ୪୫ରେ କୋରାପୁଟ ଷ୍ଟେଶନରୁ ଭୁବନେଶ୍ୱର ଅଭିମୁଖେ ବାହାରି ଶୁକ୍ରବାର ସକାଳ ୭ଟା ୩୦ରେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଥିଲା। ଜିଲାର ଲମତାପୁଟ ବ୍ଲକରେ ସର୍ବାଧିକ ୧୪୧.୨ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ନୀଳକଣ୍ଠ ନାଇଡୁ ପ୍ରକାଶ କରିଛନ୍ତି। ଜିଲାର ଜୟପୁର ବ୍ଲକରେ ୯୭.୪ ମିମି, ବୋରିଗୁମ୍ମା ବ୍ଲକରେ ୮୧.୬ ମିମି, କୋଟପାଡ଼ରେ ୧୦୮ ମିମି, ନନ୍ଦପୁରରେ ୭୯ ମିମି, କୁନ୍ଦୁରାରେ ୯୭.୬ ମିମି, ବୈପାରୀଗୁଡାରେ ୮୪ ମିମି, କୋରାପୁଟରେ ୮୬ ମିମି, ସେମିଳିଗୁଡ଼ାରେ ୧୩୧ ମିମି, ଲକ୍ଷ୍ମୀପୁରରେ ୧୧୪ ମିମି, ଦଶମନ୍ତପୁରରେ ୬୭ ମିମି, ପଟ୍ଟାଙ୍ଗିରେ ୭୯.୪ ମିମି, ନାରାୟଣପାଟଣାରେ ୪୯.୮ ମିମି, ବନ୍ଧୁଗାଁ ବ୍ଲକରେ ୩୦.୬ ମିମି ବର୍ଷା ହୋଇଥିବା ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ସୂଚନାନୁଯାୟୀ, ଗୁରୁବାର ଲଘୁଚାପ ଓ ଅବପାତ ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ମାଟି ଅତଡ଼ା ସହ ପଥର ଖସି ରାସ୍ତା ଅବରୋଧ ହୋଇଥିଲା। ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ୨ ଟ୍ରେନ୍ ଚଳାଚଳ ବାତିଲ ହୋଇଥିଲା। ସେହିପରି ସମଲେଶ୍ୱରୀ ଟ୍ରେନ ରାୟଗଡାଠାରେ ଅଟକି ରହିଥିଲା। ଗୁରୁବାର ବର୍ଷା ଯୋଗୁ କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ବଙ୍ଗଲାଗୁଡା ଗାଁ ନିକଟ ଅସ୍ଥାୟୀ ପୋଲ ଉପରେ ୪ ଫୁଟ ବର୍ଷା ଜଳ ପ୍ରବାହିତ ହୋଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ କୋରାପୁଟ-ରାୟଗଡ଼ା ମଧ୍ୟରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଅଟକ ରହିଥିବା ସୂଚନା ମିଳିଛି।



ପାହାଡ଼ରୁ ମାଟି ଅତଡ଼ା ଧସି ରେଳ ଲାଇନ୍‌ରେ ପଡ଼ିଛି।

# ମୋଟୁରୁ କଂଗ୍ରେସର 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା

କାଲିମେଳା, ୩।୧୦ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅଧୀନ ମୋଟୁ ସୀମାନ୍ତ ମୁଗି ପଏଣ୍ଟରୁ କଂଗ୍ରେସ ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା ଆରମ୍ଭ ହୋଇଛି। ମୋଟୁସ୍ଥିତ ମୁଗି ପଏଣ୍ଟରେ ଆୟୋଜିତ ସଭାରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ପିସିସି ରାଜ୍ୟ ଉପସଭାପତି ଅମିତ ହୁସେନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପିସିସି ରାଜ୍ୟ ମିଡିଆ ସେଲ୍ ସଭାପତି ଅରବିନ୍ଦ ଦାସ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଯୁବ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ମାଲକାନଗିରି ଜିଲା ସଭାପତି ଜି.ଶ୍ରୀନିବାସ ରାଓ, ବିଧାୟକ ପ୍ରାର୍ଥୀ ମାଲା ମାଡ଼ି ପ୍ରମୁଖ ଯୋଗଦେଇଥିଲେ। ପିସିସି ସଭାପତି ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ ସରକାର ଅନେକ ମିଛ ପ୍ରତିଶ୍ରୁତି ଦେଇଥିବା ପିସିସି ସଭାପତି କହିଥିଲେ। ଓଡ଼ିଶାର ନ୍ୟାୟ ପାଇଁ ଲଢ଼େଇ। ସରକାରୀ ଉଦାସୀନତା ବିରୋଧରେ ଏହି ପଦଯାତ୍ରା ଜନ ଆନ୍ଦୋଳନ ଭାବେ ରାଜ୍ୟବ୍ୟାପୀ ଜାରି ରହିବ ବୋଲି ସେ କହିଛନ୍ତି।

ଲଗାଣ ବର୍ଷା ସତ୍ତ୍ୱେ ଏହି ବିଶାଳ ପଦଯାତ୍ରାରେ ଓଡ଼ିଶା ଏବଂ ଛତିଶଗଡ଼ ସୁକ୍ମା ଜିଲାରୁ ବହୁ କଂଗ୍ରେସ ନେତା, ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ପଦଯାତ୍ରାଟି ମୋଟୁରୁ କାଲିମେଳା ଏବଂ ପରେ ପୋଟେରୁ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରାତ୍ରିଯାପନ ପରେ ପୁଣି ଶୁକ୍ରବାର ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ୧ବର୍ଷ ଧରି ଚାଲିବ। ସାରା ରାଜ୍ୟରେ ପ୍ରାୟ ୬,୦୦୦ କିଲୋମିଟର ପର୍ଯ୍ୟନ୍ତ ଏହି ପଦଯାତ୍ରା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଯିବ। ଭୋଟ ଚୋରି କରି କ୍ଷମତାକୁ ଆସିଥିବା ସରକାରଙ୍କୁ ଗାଦି ଛାଡ଼ିବା ପାଇଁ ଜନ ସମର୍ଥନ ସୃଷ୍ଟି କରାଯିବ ବୋଲି ପଦଯାତ୍ରାରେ ସାମିଲ ନେତାମାନେ କହିଥିଲେ। ଏଥିସହ ରାଜ୍ୟରେ ନାରୀ ନିର୍ଯାତନା, ଅଧିବାସୀଙ୍କୁ ଜଳ, ଜମି, ଜଙ୍ଗଲ ଅଧିକାର ଦେବା, ପୋଲାଭରମ ପ୍ରକଳ୍ପ ଓ ମହାନଦୀ ଜଳ ବିବାଦ ଭଳି ସମସ୍ୟା ସମାଧାନକରି ଲୋକଙ୍କୁ ନ୍ୟାୟ ଦେବା ଲକ୍ଷ୍ୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ମହିଳାମାନେ ନିର୍ଯାତନାର ଶିକାର ହେଉଥିବା ବେଳେ ସରକାର ଆଖି ବୁଜି ଦେଉଥିବା କଂଗ୍ରେସ ନେତାମାନେ କହିଥିଲେ। ଏହି ପଦଯାତ୍ରାରେ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ଥିଲେ।



ମୁଗି ପଏଣ୍ଟରେ ଆୟୋଜିତ ସଭାରେ କଂଗ୍ରେସ ନେତାମାନେ।

# ଶୋଇଥିବା ବେଳେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

### ବନ ଅଧିକାରୀ ବିଳମ୍ବରେ ପହଞ୍ଚିବାରୁ ତାତିଲେ ଲୋକେ

ନାକଟିଦେଉଳ,୩।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପଥୁରିଆ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ଦଳି ମାରିଦେଇଛି ଦନ୍ତା। ମୃତ ବୃଦ୍ଧ ହେଲେ ଧୃତ ଦେହୁରୀ(୭୦)। ରେଢ଼ାଖୋଲ ପୋଲିସ ଗୁରୁବାର ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ସୀମା ଦ୍ୱନ୍ଦ୍ୱକୁ ନେଇ ବନ ବିଭାଗର ଅଧିକାରୀ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ।

ସୂଚନା ଅନୁଯାୟୀ, ଧୃତ ଗାଁ ମୁଣ୍ଡ ଧାନ କ୍ଷେତ ନିକଟରେ ଏକ ତେନ୍ତୁଳିଗଛ ତଳେ କୁଡ଼ିଆ କରି ଦୀର୍ଘ ବର୍ଷ ହେଲା ଏକାକୀ ରହି ଆସୁଥିଲେ। ବୁଧବାର ବିଳମ୍ବିତ ରାତିରେ ଧାନ ଖାଇବା ପାଇଁ ଦନ୍ତା ଗାଁରେ ପଶିଥିଲା। ଧୃତ ଶୋଇଥିବା ବେଳେ ଦନ୍ତା ତାଙ୍କ ଘର ଭାଙ୍ଗି ତାଙ୍କୁ ପାଦରେ ଦଳି ମାରି ଦେବା ସହ ଶରୀରକୁ ଖଣ୍ଡବିଖଣ୍ଡିତ କରିଦେଇଥିଲା। ଗୁରୁବାର ସକାଳୁ କେତେଜଣ ଗ୍ରାମବାସୀ ଧାନ କ୍ଷେତକୁ ଯାଇ ଥିବାବେଳେ ଖଣ୍ଡବିଖଣ୍ଡିତ ଶରୀର ଦେଖି ନାକଟିଦେଉଳ ବନ ବିଭାଗକୁ ଖବର ଦେଇଥିଲେ। ଘଟଣା ଘଟିଥିବା ସ୍ଥାନର ସୀମାକୁ ନେଇ ଉଭୟ ନାକଟିଦେଉଳ ରେଞ୍ଜ ଏବଂ ରେଢ଼ାଖୋଲ ରେଞ୍ଜ ପରସ୍ପରକୁ ଦୋଷ ଦେଇ ଦୀର୍ଘସମୟ ଧରି ବନ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ରେଢ଼ାଖୋଲ ଡିଏଫ୍‌ଓ ଏଲାଭରେସନ କେ ସଦଳବଳ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ଘେରି ଯାଇ ଘଟଣାସ୍ଥଳକୁ ଛାଡ଼ି ନ ଥିଲେ । ମୃତକଙ୍କ ସମ୍ପର୍କୀୟଙ୍କୁ ଅନୁକମ୍ପା ରାଶି, ନର ହନ୍ତା ଦନ୍ତାକୁ ଅଞ୍ଚଳରୁ ତଡ଼ିବାର ସହିତ ସମ୍ପୃକ୍ତ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ଦାବି ନେଇ ଲୋକେ ଦୀର୍ଘ ସମୟ ଧରି ପାଟିତୁଣ୍ଡ କରିଥିଲେ। ଡିଏଫ୍‌ଓ ଏଲାଭରେସନ କେ ଏବଂ ନାକଟିଦେଉଳ ରେଞ୍ଜ ଅଧିକାରୀ ଅଶ୍ୱିନୀ ବେହେରା ଏବଂ ରେଢ଼ାଖୋଲ ପୋଲିସ ଘଟଣାର ତଦନ୍ତ କରିବା ସହ ମୃତକଙ୍କ ସମ୍ପର୍କୀୟଙ୍କୁ ଶୀଘ୍ର ଅନୁକମ୍ପା ରାଶି ଯୋଗାଇ ଦିଆଯିବା ସହ ସମ୍ପୃକ୍ତ ରେଞ୍ଜର କର୍ମଚାରୀଙ୍କ କାର୍ଯ୍ୟକଳାପକୁ ତଦନ୍ତ କରି ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଡିଏଫ୍‌ଓ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ପଡ଼ିଥିଲେ।

# ୧୦୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଓବାଦୀ ସଂଗଠନକୁ ପୁଣି ଲାଗିଲା ଏକ ବଡ ଝଟ୍‌କା। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ଏକାସଙ୍ଗରେ ୧୦୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧ କୋଟି ୬ ଲକ୍ଷ ୩୦ ହଜାର ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ମଧ୍ୟ ସାମିଲ ଅଛନ୍ତି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସେମାନେ ଆତ୍ମସମର୍ପଣ କରିଥିବା ବେଳେ ବିଜାପୁର ପୋଲିସ ପକ୍ଷରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

ଆତ୍ମସମର୍ପଣ କରିଥିବା ୧୦୩ ମାଓବାଦୀଙ୍କ ମଧ୍ୟରୁ ଡିଭିସିଏମ୍‌ର ଜଣେ, ପିପିସିଏମ୍‌ର ୪ ଜଣ, ଏସିଏମ୍‌ର ୪ ଜଣ, ପ୍ଲାଟୁନ ପାର୍ଟି ସଦସ୍ୟ ଜଣେ, ଡିଏକେଏମ୍ଏସ୍ ଅଧ୍ୟକ୍ଷ ୩ ଜଣ, ସିଏନ୍ଏମ୍ ଅଧ୍ୟକ୍ଷ ୪ ଜଣ, କେଏଏମ୍ଏସ୍ ଅଧ୍ୟକ୍ଷ ୨ଜଣ, ଏରିଆ କମିଟି ପାର୍ଟିସଦସ୍ୟ ୫ ଜଣ, ମିଲିସିଆ କମାଣ୍ଡର ଓ ଡେପୁଟି କମାଣ୍ଡର ୫ଜଣ, ଜନତାନା ସରକାର ଅଧ୍ୟକ୍ଷ ୪ଜଣ, ପିଏଲଜିଏ ସଦସ୍ୟ ଜଣେ, ସିଏନ୍ଏମ୍ ସଦସ୍ୟ ୧୨ଜଣ, ଜନତାନା ସରକାର ଉପାଧ୍ୟକ୍ଷ ୪ଜଣ, ଡିଏକେଏମ୍ଏସ୍ ଉପାଧ୍ୟକ୍ଷ ଜଣେ, ଜନତାନା ସରକାର ସଦସ୍ୟ ୨୨ଜଣ, ମିଲିସିଆ ପ୍ଲାଟୁନ ସଦସ୍ୟ ୨୩ ଜଣ ଜିପିସି ୨ଜଣ, ଡିଏକେଏମ୍ଏସ୍ ସଦସ୍ୟ ୪ଜଣ, ଭୁମକାଲ ମିଲିସିଆ ସଦସ୍ୟ ଜଣେ ଅଛନ୍ତି। ଏମାନଙ୍କ ମଧ୍ୟରୁ ୪୯ ଜଣ ହାର୍ଡକୋର ମାଓବାଦୀଙ୍କ ନାମରେ ପୁରସ୍କାର ରାଶି ଘୋଷଣା କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ସହ ଶାନ୍ତିପୂର୍ଣ୍ଣ ଓ ସମ୍ମାନଜନକ ଜୀବନ ବିତାଇବା ପାଇଁ ପ୍ରେରଣା ଦିଆଯିବ ବୋଲି ବିଜାପୁର ପୋଲିସ ଅଧୀକ୍ଷକ ଡା. ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରସନାରା ପରୱିନଙ୍କ ଅବସର



**ଭୁବନେଶ୍ୱର, (ତପନ ସ୍ୱାଇଁ), ୩।୧୦**
**ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସନାରା ପରୱିନ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଜଣେ ଡାହାଣହାତୀ ଅଫ୍ ବ୍ରେକ୍ ବୋଲରଭାବେ ବିଶେଷ ପରିଚିତ ଥିବା ରସନାରା କ୍ୟାରିୟରରେ ଭାରତ ପକ୍ଷରୁ ଗୋଟିଏ ଦିନିକିଆ ଏବଂ ୨ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ୧୯୯୨ ମେ ୪ରେ ବଲାଙ୍ଗୀରରେ ଜନ୍ମିତ ରସନାରା ୨୦୧୨ରେ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିବାବେଳେ ୨୦୧୩ ମହିଳା କ୍ରିକେଟ ବିଶ୍ୱକପରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୋଟିଏ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଏହା ବ୍ୟତୀତ ସେ ଘରୋଇ କ୍ରିକେଟରେ ଓଡ଼ିଶା ପକ୍ଷରୁ ବହୁ ସଂଖ୍ୟାରେ ଦିନିକିଆ ଓ ଟି୨୦ ମ୍ୟାଚ ଖେଳିଛନ୍ତି। ଓଡ଼ିଶା କ୍ରିକେଟରେ ତାଙ୍କର ଅବଦାନକୁ ଦୃଷ୍ଟିରେ ରଖି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସହ ଅନ୍ୟ ସମସ୍ତ ସଦସ୍ୟମାନେ ରସନାରାଙ୍କୁ ଅଭିନନ୍ଦନ ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି। ରୋସନାରା ଓଡ଼ିଶା ପୋଲିସ ବିଭାଗରେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି।

# ଏସିଆ କପ୍ ଟ୍ରଫିକୁ ନେଇ ବିବାଦ ଜାରି


### ଏସିସି କାର୍ଯ୍ୟାଳୟକୁ ଆସି ଟ୍ରଫି ନେବାକୁ କହିଲେ ନକ୍‌ଭି

### ଆଇସିସି ନିକଟରେ ଫେରାଦ ହେବ ବିସିସିଆଇ

**ଦୁବାଇ, ୩।୧୦ (ପି.ଟି.)**

ଏସିଆ କପ୍ ଟ୍ରଫିକୁ ନେଇ ବିବାଦ ଜାରି ରହିଥିବା ବେଳେ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ମହସିନ ନକ୍‌ଭି ଇତିମଧ୍ୟରେ କହିଛନ୍ତି, ଭାରତୀୟ ଦଳ ଏସିସି କାର୍ଯ୍ୟାଳୟକୁ ଆସି ତାଙ୍କଠାରୁ ଟ୍ରଫି ସଂଗ୍ରହ କରିନେଲେ ତାହାକୁ ସେ ସ୍ୱାଗତ କରିବେ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ତାଙ୍କର ଏକ ପୋଷ୍ଟରେ ସେ କହିଛନ୍ତି, ରବିବାର ପୁରସ୍କାର ବିତରଣ ଉତ୍ସବରେ ସେ ତାଙ୍କ କାର୍ଯ୍ୟକଳାପକୁ ନେଇ ମଙ୍ଗଳବାର ଅନୁଷ୍ଠିତ ଏସିସି ଏଜିଏମ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରେ କ୍ଷମା ମାଗିଛନ୍ତି ବୋଲି ରିପୋର୍ଟରେ ଯାହା ପ୍ରକାଶ ପାଇଛି ତାହା ଭିତ୍ତିହୀନ। ସୂଚନାଯୋଗ୍ୟ, ପୁରସ୍କାର ବିତରଣ ଉତ୍ସବରେ ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳ ଏସିସି ଚେୟାରମ୍ୟାନ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେବାରୁ ନକ୍‌ଭି ଟ୍ରଫିକୁ ନେଇ ଚାଲିଯିବାପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ନକ୍‌ଭି ଆହୁରି ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଚେୟାରମ୍ୟାନ ଓ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ଅଟନ୍ତି, ତାଙ୍କ ଆଚରଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ମନେ ହେଉଛି। 'ଏକ୍ସ'ରେ ସେ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଟ୍ରଫି ହସ୍ତାନ୍ତର କରିବା ଲାଗି ସେ ଏବେ ମଧ୍ୟ ପ୍ରସ୍ତୁତ ଅଛନ୍ତି, ସେମାନେ ଚାହିଁଲେ ଆସି ତାଙ୍କଠାରୁ ନେଇଯାଇ ପାରନ୍ତି। ସେ କୌଣସି ଭୁଲ୍ କାର୍ଯ୍ୟ କରିନାହାନ୍ତି କିମ୍ବା ବିସିସିଆଇ ନିକଟରେ କେବେ ଭୁଲ୍ ମାଗି ନାହାନ୍ତି କିମ୍ବା ଭବିଷ୍ୟତରେ ମାଗିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଏସିସି ଏଜିଏମ୍‌ରେ ଭାରତ ତରଫରୁ ଆଶିଷ ଶେଲର ଓ ରାଜୀବ ଶୁକ୍ଳା ପ୍ରତିନିଧିତ୍ୱ କରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ପାକିସ୍ତାନକୁ ପରାସ୍ତ କରବା ପରେ ଚାମ୍ପିୟନ ଦଳକୁ ଟ୍ରଫି ହସ୍ତାନ୍ତର କରାଯାଇ ନ ଥିବାରୁ ଦୁହେଁ ଆପତ୍ତି କରିବା ସହିତ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ମାତ୍ର ନକ୍‌ଭି ବିସିସିଆଇ ଅଫିସିଆଲଙ୍କୁ କହିଥିଲେ, ସେ ଭାରତୀୟ ଦଳକୁ ଟ୍ରଫି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି। ତେବେ ସେଦିନ ଏହି ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନିଆଯିବା ଦ୍ୱାରା ଏହା ବିସିସିଆଇ ଅଫିସିଆଲଙ୍କୁ ଆହୁରି ବ୍ୟଥିତ କରିଥିଲା। ବିସିସିଆଇ ଏହି ପ୍ରସଙ୍ଗକୁ ନଭେମ୍ବରରେ ହେବାକୁଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିକଟରେ ଉଠାଇବ। ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପରକୁ ୩ଥର ଭେଟିଛନ୍ତି। ଭାରତ ଫାଇନାଲ ସମେତ ପ୍ରତ୍ୟେକ ମ୍ୟାଚରେ ବିଜୟ ଲାଭ କରିଛି। ଭାରତ ଏହି ଇଭେଣ୍ଟ ବେଳେ ପାକିସ୍ତାନ ଖେଳାଳିଙ୍କ ସହ 'ନୋ ହ୍ୟାଣ୍ଡସେକ୍ ପଲିସି' ଆପଣେଇଥିଲା। ଏହା ପିସିବିକୁ କ୍ରୋଧିତ କରିଥିଲା। ପହଲଗାମ୍ ଆତଙ୍କବାଦୀ ଘଟଣା ପରେ ଦୁଇ ପଡ଼ୋଶୀ ରାଷ୍ଟ୍ରମଧ୍ୟରେ ଶତ୍ରୁତା ଚରମସୀମାରେ ପହଞ୍ଚିଛି। ପାକିସ୍ତାନ ପ୍ରାୟୋଜିତ ଏହି ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ଜଣ ଭାରତୀୟ ପର୍ଯ୍ୟଟଙ୍କ ପ୍ରାଣହାନି ଘଟିଥିଲା। ପରେ ଭାରତ ତରଫରୁ 'ଅପରେଶନ ସିନ୍ଦୂର' ଶୀର୍ଷକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସୀମା ଆରପଟେ ରହିଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଦିଆଯାଇଥିଲା।




ଏସିଆ କପ୍ ଟ୍ରଫି ଓ ମହସିନ ନକ୍‌ଭି।

**ମହିଳା କ୍ରିକେଟ ବିଶ୍ୱକପ**

# ଇଂଲଣ୍ଡ, ବାଂଲାଦେଶ, ଅଷ୍ଟ୍ରେଲିଆ ବିଜୟୀ

**ଗୁଆହାଟୀ, ୩।୧୦:** ମହିଳା କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଇଂଲଣ୍ଡ ୧୦ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦକ୍ଷିଣ ଆଫ୍ରିକା ମାତ୍ର ୬୯ ରନରେ ଅଲ୍‌ଆଉଟ ହୋଇଥିଲା। ୭୦ ରନର ବିଜୟ ଲକ୍ଷ୍ୟକୁ ପିଛାକରି ଇଂଲଣ୍ଡ ୧୪.୧ ଓଭରରେ କୌଣସି ଉଇକେଟ ନ ହରାଇ ୭୩ ରନ ସଂଗ୍ରହ କରି ନେଇଥିଲା। ଆମି ଜୋନ୍ସ ୪୦ ଓ ଟାମି ବିଉମଣ୍ଟ ୨୧ ରନରେ ଅପରାଜିତ ରହିଥିଲେ। କଲମ୍ବୋରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ବାଂଲାଦେଶ ୭ ଉଇକେଟରେ ପାକିସ୍ତାନକୁ ହରାଇ ଦେଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୩୦ ରନର ବିଜୟ ଲକ୍ଷ୍ୟକୁ ବାଂଲାଦେଶ ୩୧.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଇନ୍ଦୋରରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଆଶଲେ ଗାର୍ଡନର (୧୧୫)ଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ୪୯.୩ ଓଭରରେ ୩୨୬ ରନକରି ସମସ୍ତ ଉଇକେଟ ହରାଇଥିଲା। ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ୍ (୧୧୨)ଙ୍କ ଶତକ ସତ୍ତ୍ୱେ ୪୩.୨ ଓଭରରେ ୨୩୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା।

# ଫିନେଷ୍ଟା ନ୍ୟାଶନାଲରେ ଆହାନଙ୍କୁ ଟାଇଟଲ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ନୂଆଦିଲ୍ଲୀରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଫିନେଷ୍ଟା ନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟର ବାଳିକା ଡବଲ୍ସରେ ଓଡ଼ିଶାର ଆହାନ ଟାଇଟଲ ହାସଲ କରିଛନ୍ତି। ତାମିଲନାଡୁର ସଭିତା ଭୁବନେଶ୍ୱର ଓ ଆହାନଙ୍କ ଯୋଡ଼ି ଫାଇନାଲରେ ପଶ୍ଚିମବଙ୍ଗର ଆକାଂକ୍ଷା ଘୋଷ ଓ ତାମିଲନାଡୁର ଦୀପଶିଖା ଭି.ଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଫଳରେ ଆହାନଙ୍କ ପାଇଁ ଏହା ସ୍ମରଣୀୟ ସପ୍ତାହ ହୋଇଛି। କାରଣ ସେ ଗୁରୁଗ୍ରାମଠାରେ ଡବ୍ଲ୍ୟୁ୧୫ରେ ପଦାର୍ପଣ କରି ଓଡ଼ିଶାର ପ୍ରଥମ ବାଳିକାଭାବେ ଆଇଟିଏଫ୍ ମହିଳା ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିଲେ। ସେଠାରେ ପ୍ରଭାବୀ ପ୍ରଦର୍ଶନ ଫଳରେ ତାଙ୍କ ଆଇଟିଏଫ୍ ର୍‍ୟାଙ୍କିଙ୍ଗ୍ ୧୮୧୮ ରହିଛି। ଗୁରୁକୁଳ ଟେନିସ ଏକାଡେମୀରେ କୋଚ୍ ସନ୍ତୋଷ କୁମାର ମଲିକ ଏବଂ ମେଣ୍ଟର ତଥା ପୂର୍ବତନ ଏଟିପି ଖେଳାଳି ଚିନ୍ମୟ ପ୍ରଧାନଙ୍କ ନିକଟରୁ ଟ୍ରେନିଂ ନେଉଥିବା ଆହାନ ଲଗାତର ସଫଳତା ହାସଲ କରି ଓଡ଼ିଶା ଟେନିସ ପ୍ରତିଭାଙ୍କ ପାଇଁ ପ୍ରେରଣା ପାଲଟି ଯାଇଛନ୍ତି।




ଡବଲ୍ସରେ ଟାଇଟଲ ବିଜୟୀ ଆହାନ।

# କେନିଆ, ଜାପାନ କୋଚ୍‌ଙ୍କୁ କାମୁଡ଼ି ଦେଲା ବୁଲା କୁକୁର

**ନୂଆଦିଲ୍ଲୀ, ୩।୧୦ (ପି.ଟି.):** ଏଠାରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ବେଳେ ଦୁଇଟି ପୃଥକ୍ ପୃଥକ୍ ଘଟଣାରେ କେନିଆ ଓ ଜାପାନର କୋଚ୍ କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ଆୟୋଜକଗଣଙ୍କ ପାଇଁ ଏହା ଏକ ଲଜ୍ଜାଜନକ ବିଷୟ। ସ୍ଥାନୀୟ ଏକ ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ପରେ ଦୁହେଁ ବିପଦ ମୁକ୍ତ ଅଛନ୍ତି। ଖବର ଅନୁସାରେ ଜବାହରଲାଲ ନେହରୁ ଷ୍ଟାଡିୟମର ପ୍ରତି ଯୋଗିତାସ୍ଥଳ ବାହାରେ କେନିଆ କୋଚ୍ ଡେନିସ ମାରାଗିଆ ତାଙ୍କର ଜଣେ ଆଥଲେଟଙ୍କ ସହ କିଛି କଥା ହେଉଥିବା ବେଳେ ଏକ ବୁଲା କୁକୁର ଆକସ୍ମିକ ଆସି ତାଙ୍କୁ କାମୁଡ଼ି ଦେଇଥିଲା। ସେହିପରି ଜାପାନିଜ ମହିଳା କୋଚ୍ ମିକୋ ଓକୁମାତ୍‌ସୁ ମୁଖ୍ୟ ପ୍ରତିଯୋଗିତା ସ୍ଥଳ ନିକଟବର୍ତ୍ତୀ ଏକ ୱାର୍ମଅପ୍ ଟ୍ରାକ୍‌ରେ ତାଙ୍କ ଆଥଲେଟମାନଙ୍କ ଟ୍ରେନିଂ କାର୍ଯ୍ୟ ତଦାରଖ କରୁଥିବା ବେଳେ ଏକ ବୁଲା କୁକୁର ଆସି ତାଙ୍କୁ କାମୁଡ଼ି ଦେଇଥିଲା। ସକାଳ ୧୦ଟାରେ ଏହି ଘଟଣା ଘଟିଥିବା ପ୍ରକାଶ।



ଇନ୍ଦୋରରେ ଆୟୋଜିତ ଜାତୀୟ ରୋଲ୍ ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳ।

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ):** ମଧ୍ୟପ୍ରଦେଶର ଇନ୍ଦୋରଠାରେ ୨୨ତମ ଜାତୀୟ ସିନିୟର ରୋଲ ବଲ୍ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାଗ ନେବାଲାଗି ଓଡ଼ିଶା (ବାଳିକା ଓ ବାଳକ) ଦଳ ଇନ୍ଦୋର ଯାତ୍ରା କରିଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର ଓଡ଼ିଶା ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ବାଳିକା-ବିଶ୍ୱମୟୀ ହାତୀ (ଅଧିନାୟିକା), ଅଲିଶା ପ୍ରିୟଦର୍ଶିନୀ, ସୁଶ୍ରୀ ଲେଙ୍କା, ପଲ୍ଲବୀ ସାହୁ, ସୃଷ୍ଟି, ନଫିସା ନାଜ୍। ବାଳକ-ପ୍ରୀତୀଶ ଆର୍ଯ୍ୟନ ଜେନା (ଅଧିନାୟକ), ରାଜୀବ ସାହୁ, ଧ୍ରୁବଜ୍ୟୋତି ସ୍ୱାଇଁ, ସ୍ୱସ୍ତିକ ସୁକୁମାର ପ୍ରହରାଜ, ମୋହନ ପାତ୍ର, ପ୍ରୀତ ପ୍ରୀତମ ଜେନା, ଅର୍ମାନ ସୁବୁଦ୍ଧି।

# ଭାରତୀୟ ମହିଳା ଦଳର ଟ୍ରେନିଂ ବେଳେ ସାପ

**କଲମ୍ବୋ, ୩।୧୦ (ପି.ଟି.):** ଆର୍. ପ୍ରେମାଦାସା ଷ୍ଟାଡିୟମରେ ଶୁକ୍ରବାର ଭାରତୀୟ ମହିଳା କ୍ରିକେଟ ଦଳ ଟ୍ରେନିଂ ନେଉଥିବା ବେଳେ ଏକ ସାପର ଅବିର୍ଭାବ ଦ୍ୱାରା ଚହଳ ସୃଷ୍ଟି କରିଥିଲା। ଏହି ସାପ ଅବଶ୍ୟ ବିଷାକ୍ତ ନୁହେଁ କିମ୍ବା ଦଂଶନ କରି ନ ଥାଏ, କେବଳ ମୂଷାର ସନ୍ଧାନରେ ଥାଏ। ସିଂହଳୀ ଭାଷାରେ ଏହାକୁ ଗାରାଣ୍ଡିଆ କୁହାଯାଇଥାଏ। ଏଭଳି ସରୀସୃପ ଏହି ଭେନ୍ୟୁରେ ଦେଖାଦେବା ଅସ୍ୱାଭାବିକ ନୁହେଁ। ଶ୍ରୀଲଙ୍କା ପ୍ରିମିୟର ଲିଗ୍ ବେଳେ ଜୁଲାଇରେ ଶ୍ରୀଲଙ୍କା-ବାଂଲାଦେଶ ଅନ୍ତର୍ଜାତୀୟ ଦିନିକିଆ ବେଳେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶୁକ୍ରବାର ଭାରତୀୟ ଖେଳାଳିମାନେ ସେଣ୍ଟର ଉଇକେଟରୁ ନେଟ୍ସ ଆଡକୁ ଯାଉଥିବା ବେଳେ ଷ୍ଟାଡିୟମର ଷ୍ଟାଣ୍ଡ ତଳେ ରହିଥିବା ଡ୍ରେନ୍‌ରେ ଏହି ଧୂସର-ବାଦାମି ରଙ୍ଗର ସାପଟିକୁ ଦେଖିବାକୁ ମିଳିଥିଲା। ଏଥିରେ ଭୟଭୀତ ନ ହୋଇ ଭାରତୀୟ କ୍ରିକେଟର, ସପୋର୍ଟ ଷ୍ଟାଫ୍ ଏପରିକି ଉପସ୍ଥିତ ଗଣମାଧ୍ୟମ କର୍ମଚାରମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା।

# କେଟି ଗ୍ଲୋବାଲ ଫିଡେ ରେଟିଂ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

କେଟି ଗ୍ଲୋବାଲ ସ୍କୁଲ ଅନ୍ତର୍ଜାତୀୟ ଫିଡେ ରେଟିଂ ଚେସ୍ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସହଯୋଗରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଛି। ପ୍ରଥମ ଦିବସରେ ୨ ରାଉଣ୍ଡ ଏବଂ ପରବର୍ତ୍ତୀ ୪ ଦିନରେ ଅବଶିଷ୍ଟ ୭ ରାଉଣ୍ଡ ମ୍ୟାଚ ଅନୁଷ୍ଠିତ ହେବ। ଜିମ୍ବାୱେରୁ ଜଣେ ଏବଂ ଭାରତର ୧୩ ରାଜ୍ୟରୁ ମୋଟ ୨୭୬ ଖେଳାଳି ଏଥିରେ ଭାଗ ନେଇଛନ୍ତି। କେଟି ଗ୍ଲୋବାଲ ସ୍କୁଲ ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଦୂରଦର୍ଶୀ ମିଡିଆର ଚିଫ୍ ଏଡିଟର ଦୁର୍ଗା ସାମନ୍ତରାୟ, ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଚେସ୍ ଟର୍ଫ ଏକାଡେମୀର ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ସମ୍ମାନିତ ଅତିଥିଭାବେ ଯୋଗ ଦେଇଛନ୍ତି। ୮୯ ଟ୍ରଫି ସହ ଟୁର୍ନାମେଣ୍ଟ ପାଇଁ ୨,୦୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ଅତିଥିମାନେ ଗୋଟି ଚଳାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# ସାହିଲଙ୍କ ଉପରୁ ବାସନ୍ଦ ହଟିଲା

**ନୂଆଦିଲ୍ଲୀ, ୩।୧୦ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରୀ ପ୍ୟାନେଲ ଭାରତର ବିଶିଷ୍ଟ ଭଲିବଲ ଖେଳାଳି ସାହିଲ କୁମାରଙ୍କ ଉପରେ ଲାଗୁ ହୋଇଥିବା ସାମୟିକ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛି। ଦୂଷିତ ଉତ୍ପାଦ ବ୍ୟବହାର ଦ୍ୱାରା ସାହିଲ ଡୋପ୍ ଟେଷ୍ଟରେ ଧରାପଡ଼ି ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏହି ନିଷ୍ପତ୍ତି ସାହିଲଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସେ ଚଳିତ ପ୍ରାଇମ୍ ଭଲିବଲ୍ ଲିଗ୍ ସିଜନ-୪ରେ ଗୁରୁବାର କାଲିକଟ ହିରୋଜ ବିପକ୍ଷ ମ୍ୟାଚରେ ହାଇଦ୍ରାବାଦ ବ୍ଲାକ୍ ହକ୍ସ ତରଫରୁ ଖେଳିପାରିବେ। ସାହିଲଙ୍କୁ ଜୁନ୍ ୧୨ରେ ସାମୟିକ ନିଲମ୍ବନ କରାଯାଇଥିଲା।

# ବ୍ୟକ୍ତିଗତ ଶ୍ରେଷ୍ଠ ସତ୍ତ୍ୱେ ସୁଚିତ୍ରା ୬ଷ୍ଠ

**ବିଶ୍ୱ ପାରା ଆଥଲେଟିକ୍ସ**

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ସୁଚିତ୍ରା ପରିଡ଼ା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ମହିଳା ଜାଭେଲିନ୍ ଥ୍ରୋ ଏଫ୍୫୫/୫୬ ଫାଇନାଲରେ ସୁଚିତ୍ରା ୧୮.୨୯ ମିଟର ଥ୍ରୋ କରି ୬ଷ୍ଠ ସ୍ଥାନରେ ରହିଛନ୍ତି। ଲାଟିଭିଆର ଡିଆନା କ୍ରୁମିନା ୨୬.୧୮, ବ୍ରାଜିଲର ରାଇସା ରୋଚା ମାଚାଡୋ ୨୩.୯୦ ଓ ଇରାନର ଜେନାବ ମୋରାଡି ରାସନୋଉ ୨୨.୦୬ ମିଟର ଥ୍ରୋ କରି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।




ଗ୍ୱାଲିୟରଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ୭ମ ଜାତୀୟ ହୁଇଲ ଚେୟାର ରଗ୍‌ବୀ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ୧୦ରୁ ଊର୍ଦ୍ଧ୍ୱ ରାଜ୍ୟ ଦଳ ଅଂଶଗ୍ରହଣ କରୁଛନ୍ତି।


## Classified Everyday
0674-2580101, 9692975378





**REAL ESTATE SALE**

ଭୁବନେଶ୍ୱର ପିତାପଲ୍ଲିଛକ **NH side**ରେ **immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941

Gharabari bounded plot 10000sqft and 2400sqft for sale Adjecent to Meera's courtyard at kurunti, near kuranga footballfield, 200mtrs from Niali- Nakhara SH, Cuttack Sadar. Contact: 7008815552. D-76858

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **(owner)- 9090963952.** D-02

Resort at Puri investment- 20 lakhs Rental- 3 lakhs, investment- 50 lakhs Rental- 9 lakhs with Guaranteed Agreement. 8917622925. D-2172




**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




The massage felt totally professional & comfortable at all times-7978109255. D-76495

**AFFIDAVIT**


By virtue of an affidavit before Notary Public, Kantabanji 03.10.2025 that before marriage I known as Laxmi Bag D/o- Padindra @ Phanindra Bag which is mentioned in my previous Aadhaar Card and Bank account. But after marriage to Akshya Deep I known as Laxmi Deep W/o- Akshya Deep of Village- Barghati, P.O./P.S.- Deogaon, Dist.- Bolangir, Odisha is same and one person. D-2175

**ନିଖୋଜ ୨ ଭଉଣୀ ଉଦ୍ଧାର**

ପବିତ୍ରନଗର,(ନିରୋଜ ପ୍ରଧାନ): ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଫାଣ୍ଡି ଛକଠାରେ ମାମୁ ଘରେ ରହୁଥିବା ୨ ନାବାଳିକା ଭଉଣୀ ନିଖୋଜ ହୋଇଯାଇଥିବା ନେଇ ବୁଧବାର ଥାନାରେ ମାମଲା ରୁଜୁ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ରେଙ୍ଗାଲି ଆଇଆଇସିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବିଶସ୍ତ ସୂତ୍ରରୁ ଖବରପାଇ କଟକ ବାଦାମବାଡ଼ି ଠାରୁ ଗୁରୁବାର ଉଭୟଙ୍କୁ ଠାବ କରି ଥାନାକୁ ଆଣିଥିଲା। ୨୪ ଘଣ୍ଟା ଭିତରେ ପଦକ୍ଷେପ ନେଇ ସଫଳ ହୋଇଥିବାରୁ ରେଙ୍ଗାଲି ପୋଲିସକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।

# ଜଣେ ଅଧିକାରୀଙ୍କ ହାତରେ ୨ ସମ୍ବେଦନଶୀଳ ବନାଞ୍ଚଳ

■ହାତୀ ଉପଦ୍ରବ ରୋକିବାରେ ବନ ବିଭାଗ ବିଫଳ
■ବେନ୍ତପୁର ଛାଡ଼ୁନାହାନ୍ତି ହାତୀପଲ


ଅନୁଗୋଳ ବନାଞ୍ଚଳରେ ହାତୀପଲ।

ଅନୁଗୋଳ,୩।୧୦(ଦିବ୍ୟଶାନ୍ତନୁ ନାଥ): ଅନୁଗୋଳ ବନଖଣ୍ଡରେ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଛି। ବିଶେଷକରି ବର୍ତ୍ତମାନ ଅନୁଗୋଳ ବନାଞ୍ଚଳରେ ହାତୀଜନିତ କ୍ଷୟକ୍ଷତି ସର୍ବାଗ୍ରେ ପହଞ୍ଚିଛି। କିନ୍ତୁ ହାତୀ ଉପଦ୍ରବ ରୋକିବାକୁ ଅନୁଗୋଳ ବନାଞ୍ଚଳରେ ସ୍ଥାୟୀ ଅଧିକାରୀ ନାହାନ୍ତି। ଫଳରେ ଏହି ବନାଞ୍ଚଳରେ ହାତୀ ସର୍ବାଧିକ ଧାନ ଫସଲ ନଷ୍ଟ କରୁଥିବାବେଳେ ଅନେକ ସମୟରେ ଘର ମଧ୍ୟ ଭାଙ୍ଗି ଦେଉଛି।

ସୂଚନା ମୁତାବକ, ଅନୁଗୋଳ ବନାଞ୍ଚଳ ବର୍ତ୍ତମାନ ଏକ ସମ୍ବେଦନଶୀଳ ବନାଞ୍ଚଳ ଭାବେ ଉଭାହୋଇଛି। ଏହାର ସୀମା ସହରଠାରୁ ବନ୍ତଳା ପର୍ଯ୍ୟନ୍ତ ହୋଇଥିବାବେଳେ ଅନ୍ୟପାଖରେ ତାଳଚେର ବନାଞ୍ଚଳ ସୀମାକୁ ଛୁଇଁଛି। ଏହି ବନାଞ୍ଚଳରେ ଜଙ୍ଗଲ ଅଧିକ ପରିମାଣରେ ନ ଥିବା ବେଳେ ମନ୍ଦରଗିରି ପାହାଡ଼ ରହିଛି। ଏହା ବର୍ଷସାରା ହାତୀଙ୍କ ଏକ ଆବାସସ୍ଥଳୀ। କିଛିଦିନ ତଳେ ଅନୁଗୋଳ ପୌରପାଳିକା ଅଞ୍ଚଳକୁ ଏକ ହାତୀ ଦଳ ପଶି ଆସିଥିଲେ। ବର୍ଷର ଅଧା ସମୟରେ ସହର ଉପକଣ୍ଠ ଆଙ୍ଖୁଲା, କାଙ୍ଗୁଲା, ଖଲାରୀ, ଛେଳିଆପଡ଼ା ଆଦି ଅଞ୍ଚଳରେ ହାତୀ ରହିଥାନ୍ତି। ଖାଦ୍ୟ ଅନ୍ୱେଷଣରେ ଏହି ହାତୀପଲ ସହରାଭିମୁଖୀ ହେଉଛନ୍ତି। ହାତୀ ଗତିବିଧି ଉପରେ ବନବିଭାଗ ଠିକ୍ ଭାବେ ନଜର ରଖିପାରୁ ନ ଥିବା କାରଣରୁ ଏପରି ପରିସ୍ଥିତି ଦେଖାଯାଉଛି। କିଛିଦିନ ହେବ ଅନୁଗୋଳ ସଦର ବନାଞ୍ଚଳ ଅଧିକାରୀଙ୍କ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଏଠାରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ବରଂ ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ନାଏକଙ୍କୁ ଅନୁଗୋଳ ବନାଞ୍ଚଳର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜରପଡା ବନାଞ୍ଚଳର ମଧ ଗୁରୁତ୍ୱ ରହିଛି। ଏଠାରେ ହାତୀଙ୍କ ଗତିବିଧି ରହୁଥିବା ବେଳେ ଗତ ଜୁନ ୨୫ରେ ଜଣେ ହାତୀ ଜଗୁଆଳି ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ। ଚୋରା କେନ୍ଦୁପତ୍ର, ଜଙ୍ଗଲୀ ଜନ୍ତୁ ମାଂସ, ଚୋରା କାଠ ଚାଲାଣ ଆଦି ବିଭିନ୍ନ ବେଆଇନ କାର୍ଯ୍ୟ ଏହି ଅଞ୍ଚଳରେ ବୃଦ୍ଧି ପାଉଛି। ଏପରିସ୍ଥଳେ ଜଣେ ବନାଞ୍ଚଳ ଅଧିକାରୀଙ୍କ ହାତରେ ୨ଟି ସମ୍ବେଦନଶୀଳ ବନାଞ୍ଚଳ ଦାୟିତ୍ୱ ରହିଥିବାରୁ କୌଣସି ଗୋଟିଏ ବନାଞ୍ଚଳକୁ ଯଥେଷ୍ଟ ସମୟ ସେ ଦେଇ ପାରୁନାହାନ୍ତି। ଶୁକ୍ରବାର ସକାଳେ ବେନ୍ତପୁର ଗାଁ ଦୁର୍ଗାଦେବୀ ମନ୍ଦିର ଦେଇ ଜନବସତି ମଧ୍ୟକୁ ହାତୀ ପଶି ଆସିବା ସହ ଗାଁର ପ୍ରତାପ ନାଥ, ପୂର୍ଣ୍ଣଚନ୍ଦ୍ର ଧର, ଅବିନାଶ ବେହେରା, କନ୍ଦର୍ପ ବେହେରା, ଭାସ୍କର ଧରଙ୍କ ଘର ଭାଙ୍ଗି ଦେଇଥିବା ବେଳେ ସୁରଥ ବେହେରାଙ୍କ ଘର ସହ କଦଳୀ ବଗିଚା, ତ୍ରିଲୋଚନ ପରିଡ଼ାଙ୍କ କଦଳୀ ବଗିଚା, ନବ ତ୍ରିପାଠୀଙ୍କ ଧାନ ଫସଲ ନଷ୍ଟ କରିଛନ୍ତି। ବିଚି ଭୋଇ, ଜଳେଶ୍ୱର ତ୍ରିପାଠୀ, ପ୍ରବୀର ନାଥ, ତୀର୍ଥବାସୀ ଭୋଇ, ପ୍ରଦୀପ ନାଥ, ପ୍ରତିମା ନାଥ ପ୍ରମୁଖଙ୍କ ଧାନ ଫସଲ ହାତୀ ଦଳି ଚକଟି ଦେଇଛନ୍ତି। ବନ କର୍ମଚାରୀ ନ ପହଞ୍ଚିବାରୁ ଗାଁ ଲୋକେ ହାତୀକୁ ଘଉଡ଼ାଉ ଥିବା ଜଣାପଡିଛି। ଏହି ଅଞ୍ଚଳ ଦେଇ ଯାଇଥିବା ଡେରଜାଙ୍ଗ ମୁଖ୍ୟ କେନାଲର ପ୍ରାୟ ୩ରୁ ୪ଟି ସ୍ଥାନକୁ ହାତୀ ଭାଙ୍ଗି ଦେଇଥିବା ବେଳେ କେନାଲ ପାଣି ଗାଁ ଭିତରେ ମାଡୁଛି। ତେଣୁ ଯଥାଶୀଘ୍ର ଅନୁଗୋଳ ବନାଞ୍ଚଳରେ ଜଣେ ସ୍ଥାୟୀ ବନାଞ୍ଚଳ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ଅନୁଗୋଳ ବନଖଣ୍ଡ ଅତିରିକ୍ତ ବନ ସଂରକ୍ଷକ ବିଦ୍ୟାସାଗର କହିଛନ୍ତି, ସରକାର ନୂଆ ରେଞ୍ଜର ପୋଷ୍ଟିଂ କଲେ ସମସ୍ୟା ଦୂର ହୋଇପାରିବ।

## ଢେଙ୍କାନାଳ ଏମ୍‌ପି, ଜିଲା ଭାଜପାର ଶୋକ

ଅନୁଗୋଳ, ୩।୧୦(ମାନସ ବିଶ୍ୱାଳ)

ବରିଷ୍ଠ ଭାଜପା ନେତା ପ୍ରଫେସର ବିଜୟ କୁମାର ମାଲହୋତ୍ରା (୯୪)ଙ୍କ ଗତ ୩୦ ତାରିଖରେ ପରଲୋକ ହୋଇଯାଇଛି। ପ୍ରଫେସର ମାଲହୋତ୍ରା ୫ ଥର ଏମ୍‌ପି ଓ ୨ ଥର ବିଧାୟକ ହୋଇଥିଲେ। ସେ ଦିଲ୍ଲୀ ଭାଜପାର ସଭାପତି ଓ ଦିଲ୍ଲୀ ବିଧାନସଭାର ପୂର୍ବ ବିରୋଧୀ ଦଳର ନେତା ଥିଲେ। ତାଙ୍କ ମୃତ୍ୟୁରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏକ ଶୋକବାର୍ତ୍ତାରେ ଏମ୍‌ପି ପାଣି କହିଛନ୍ତି, ପ୍ରଫେସର ମାଲହୋତ୍ରାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଭଲ ଥିଲା ଏବଂ ତାଙ୍କ ଦେହାନ୍ତ ବ୍ୟକ୍ତିଗତ କ୍ଷତି। ପରଲୋକଗତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ଏମ୍‌ପି। ସେହିପରି ଅନୁଗୋଳ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବରିଷ୍ଠ ନେତା କାଳନ୍ଦୀ ସାମଲ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଓ ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ନାଲ୍‌କୋନଗରରେ ଗାନ୍ଧୀ ଜୟନ୍ତୀ



ବଅଁରପାଳ,୩।୧୦ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲକୋନଗରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନାଲକୋନଗରସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ନାଲ୍‌କୋର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ତଥା ସମୂହ ମହାପ୍ରବନ୍ଧକ ସଚ୍ଚିଦାନନ୍ଦ ଜେନା ମାଲ୍ୟାର୍ପଣ କରିବା ସହ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ମୁଖ୍ୟ ମହା ପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ, ମୁଖ୍ୟ ମହା ପ୍ରବନ୍ଧକ (ସ୍ମେଲଟର) ସଚ୍ଚିଦାନନ୍ଦ ଜେନା, ମୁଖ୍ୟ ମହାପ୍ରବନ୍ଧକ (ସିପିପି- ଓ ଆଣ୍ଡ ଏମ) ସୁବ୍ରତ ମିଶ୍ର, ମୁଖ୍ୟ ମହାପ୍ରବନ୍ଧକ (ସିଆରଜି, ଟିଆଣ୍ଡସି) ପ୍ରଣବ ଦାସ, ମୁଖ୍ୟ ମହାପ୍ରବନ୍ଧକ (ପଟଲାଇନ) ତରୁଣ ତ୍ରିପାଠୀ, ମୁଖ୍ୟ ମହାପ୍ରବନ୍ଧକ (କାଷ୍ଟ ହାଉସ) ଦିଲୀପ ବାଗ, ମୁଖ୍ୟ ମହାପ୍ରବନ୍ଧକ (ପଟ୍‌ଲାଇନ ମେଣ୍ଟେନାନ୍ସ) ଭରତ ମହାରଣା, ମୁଖ୍ୟ ମହାପ୍ରବନ୍ଧକ (କାଷ୍ଟ ହାଉସ ମେଣ୍ଟେନାନ୍ସ) ରାଜୀବ ରଞ୍ଜନ, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ) ହିମାଂଶୁ ଶେଖର ପଣ୍ଡା ତଥା ସମସ୍ତ ୟୁନିୟନ ଓ ଆସୋସିଏଶନ ପଦାଧିକାରୀ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ମାନବ ସମ୍ବଳ ମହାପ୍ରବନ୍ଧକ ରାଜାରାମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପ ମହାପ୍ରବନ୍ଧକ କିଶୋର କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ସୁରଜ ଥାପା, ଶୀତଳ ସମୀର ମାଝୀ, ଉମାକାନ୍ତ ମହାରଣା, ମନୋଜ ପରିଡା, ମଦନ ମୋହନ, ପ୍ରଶାନ୍ତ ସାହୁ, ଅଟଳ ଷଡ଼ଙ୍ଗୀ, ଘନଶ୍ୟାମ ଦାସ, ଚନ୍ଦ୍ର ମୋହନ ମୁଣ୍ଡାରୀ, ସୁଶାନ୍ତ ସାହୁ, ପଙ୍କଜ ମହାରଣା, ପ୍ରକାଶ ସାହୁ, ବାମଦେବ ସେଠ, ଲଳିତ ନାୟକ, ଅକ୍ଷୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଛେଣ୍ଡିପଦା ବନାଞ୍ଚଳରେ ବାଘ ପାଦଚିହ୍ନ

ଛେଣ୍ଡିପଦା,୩।୧୦(ଅଜିତ ଧଳ)



ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ଛେଣ୍ଡିପଦା ଓ ପାଟକୁଣ୍ଡା ଜଙ୍ଗଲରେ ବାଘର ପାଦଚିହ୍ନ ଦେଖିବାକୁମିଳିଛି। ବନବିଭାଗ ଏହାର ତଦନ୍ତ ଆରମ୍ଭ କରିଥିବାବେଳେ ପାଦ ଚିହ୍ନ ମହାବଳ ବାଘର ହୋଇଥିବା ସନ୍ଦେହ କରାଯାଉଛି। ସୋମବାର ଦେବଗଡ଼ ବନାଞ୍ଚଳର ବାଘବର ନିକଟରେ ବାଘ ପାଦଚିହ୍ନ ଦେଖିବାକୁ ମିଳିଥିବା ବେଳେ ବୁଧବାର ଛେଣ୍ଡିପଦା ବନାଞ୍ଚଳର କଙ୍କୁରପାଳ ଗାଁ ନିକଟ ଦେଇ ବାଘ ଗଉଡୁଣୀ ନାଳ ପାରି ହୋଇ ସଂରକ୍ଷିତ ଜଙ୍ଗଲକୁ ଯାଉଥିବା ସମ୍ପୃକ୍ତ ପାଦଚିହ୍ନରୁ ଜଣାପଡିଛି। ବାଘର ପାଦଚିହ୍ନ ଦେଖି ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡିକରେ ଭୟର ବାତାବରଣ ଖେଳିଯାଇଛି। ଖବରପାଇ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ଫଟୋ ପ୍ରିଣ୍ଟ ନେବା ପରେ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ପାଦଚିହ୍ନକୁ ଲିଭେଇ ଦିଆଯାଇଛି। ସାଇଣ୍ଟିଫିକ ଏକ୍ସପର୍ଟଙ୍କ ଦ୍ୱାରା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଜଙ୍ଗଲର ବିଭିନ୍ନ ସ୍ଥାନରେ ୧୪ଟି କ୍ୟାମେରା ଲଗାଇ ବାଘର ସ୍ଥିତି ଅନୁଧ୍ୟାନ କରାଯାଉଥିବା ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରା ସୁଚିସ୍ମିତା ମହାପାତ୍ର ସୂଚନା ଦେଇଛନ୍ତି।

## ଅହିଂସା ନୀତିର ବିଭିନ୍ନ ଦିଗ ଉପରେ ଆଲୋକପାତ

ଅନୁଗୋଳ,୩।୧୦(ମାନସ ବିଶ୍ୱାଳ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୨୧ତମ ଜୟନ୍ତୀ ଅନୁଗୋଳ ସହରସ୍ଥିତ ଗାନ୍ଧୀ ପାର୍କଠାରେ ପାଳିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜନ ପ୍ରତିନିଧି, ଜିଲାସ୍ତରୀୟ ଅଧିକାରୀ ଓ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ସଭାପତି ଡ. ଧରଣୀଧର ନାଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଆଦର୍ଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କୁଳମଣି ନାୟକ ଓ ବାଜି ରାଉତ ଛାତ୍ରାବାସର ଛାତ୍ରୀମାନେ ଗୀତା ପାଠ କରିଥିବାବେଳେ ରେଭରେଣ୍ଟ ଯୋଶିୟ କାଉରୀ ବାଇବେଲ ପାଠ କରିଥିଲେ। ମୌଲାନା ମହମ୍ମଦ ଲିୟାକତ କୋରାନ ପାଠ କରିଥିଲେ। ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରତ୍ୟୁଷରେ ସହରରେ ରାମଧୁନ ରେକର୍ଡ ବଜାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ଗାନ୍ଧୀପ୍ରେମୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଅପରାହ୍ନରେ ଗାନ୍ଧୀଙ୍କ ବିଚାର ଓ ଦର୍ଶନକୁ ନେଇ ଜିଲା ପାଠାଗାରଠାରେ ଆୟୋଜିତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ଧରଣୀ ଧର ନାଥ, ମୁଖ୍ୟବକ୍ତା ଭାବେ ପ୍ରଫେସର କୁମୁଦ ଚନ୍ଦ୍ର ଦାସ, ସମ୍ମାନିତ ବକ୍ତା ଡ. ଦଧିବାମନ ପ୍ରଧାନ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

## ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ସନ୍ତ୍ରିଛକ,୩।୧୦ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ପିବିକେ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରାଧାନଙ୍କ ଅଧ୍ୟକ୍ଷତାରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ସହିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଗାନ୍ଧିଜୀଙ୍କ ସ୍ୱଚ୍ଛତା ଅଭିଯାନ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ପ୍ରଧାନ ଶିକ୍ଷକ ଦିବସର ମହତ୍ୱ ଉପରେ ସମ୍ୟକ ଧାରଣା ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ପ୍ରାଧାନ ଶିକ୍ଷକ ଶିଶିର କୁମାର ପାଲଙ୍କ ଅଧ୍ୟକ୍ଷତାରେ ବୁଢାପଙ୍କ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥିଲା।

## ପାର୍କ ପରିଚାଳକଙ୍କୁ କାରଣ ଦର୍ଶାଅ ନୋଟିସ

ଅନୁଗୋଳ, ୩।୧୦(ଦିବ୍ୟଶାନ୍ତନୁ ନାଥ)

**ପ୍ରେମୀଯୁଗଳଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ଘଟଣା**

ଅନୁଗୋଳ ପୌରପାଳିକା ଅଧୀନ ପଞ୍ଚତତ୍ତ୍ୱ ପାର୍କରେ ଏକ ପ୍ରେମୀ ଯୁଗଳ ଅନ୍ତରଙ୍ଗ ମୁହୂର୍ତ୍ତରେ ଥିବାବେଳେ କେହି ଜଣେ ପାଚେରି ବାହାରୁ ଏହାକୁ ରେକର୍ଡ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଶୁକ୍ରବାର ପୌରପାଳିକା ପକ୍ଷରୁ ପାର୍କ ପରିଚାଳକଙ୍କୁ ୭ ଦିନିଆ ନୋଟିସ ଦିଆଯିବା ସହ ୪ ଜଣିଆ ପ୍ରତିନିଧି ଦଳ ଘଟଣାସ୍ଥଳକୁ ପଠାଯାଇଛି। ସେମାନେ ଶୁକ୍ରବାର ସନ୍ଧ୍ୟାରେ ଘଟଣାସ୍ଥଳ ବୁଲି ଦେଖିବା ସହ ଏ ସମ୍ପର୍କରେ ଏକ ରିପୋର୍ଟ ଦେବେ। ରିପୋର୍ଟ ଭିତ୍ତିରେ ପରିଚାଳକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଜଣାଇଛନ୍ତି।

## ସମବାୟ ମନ୍ତ୍ରୀଙ୍କ ଦିନିକିଆ ପାଲଲହଡ଼ା ଗସ୍ତ


ସଭାମଞ୍ଚରେ ସମବାୟ ମନ୍ତ୍ରୀଙ୍କ ସହ ଢେଙ୍କାନାଳ ଏମ୍‌ପି ଓ ପାଲଲହଡ଼ା ବିଧାୟକ।

ପାଲଲହଡ଼ା,୩।୧୦ (ଦିବ୍ୟଜ୍ୟୋତି ଦାଶ)

ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶୁକ୍ରବାର ଦିନିକିଆ ପାଲଲହଡ଼ା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏବଂ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହିତ ପାଲଲହଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଡେଇବିରାଙ୍କୁ ଦର୍ଶନ କରିଥିଲେ। ପରେ ଚଷାଗୁରୁଜାଙ୍ଗ ଉତ୍କଳ ଆସୋସିଏଶନ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦାନ କରିଥିଲେ। ଏହାପରେ ଶରତଚନ୍ଦ୍ର କ୍ଲବ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ ଥିଲେ। ନିଜିଗଡ଼ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଯୋଗେଶ କୁମାର ଭୁକ୍ତା, ପୂର୍ବତନ ଏମ୍‌ପିଙ୍କ ପ୍ରତିନିଧି ସଞ୍ଜୀବ ବେହେରା, ବିଷ୍ଣୁ ପ୍ରସାଦ ବିଶ୍ୱାଳ, ଦୁଃଖବନ୍ଧୁ ବିଶ୍ୱାଳ, ସରୋଜ ବିଶ୍ୱାଳ, ସଇଡା ପଞ୍ଚାୟତର ବରିଷ୍ଠ ନେତା କରୁଣାକର ମହାନ୍ତ ଏବଂ କିଶୋର ଚନ୍ଦ୍ର ଆପଟଙ୍କ ସହ ବିଭିନ୍ନ ପଞ୍ଚାୟତରର ଶତାଧିକ କର୍ମୀ ବିଭିନ୍ନ ଦଳରୁ ଆସି ଭାଜପାରେ ଯୋଗଦେଇଥିଲେ। ପରେ ମନ୍ତ୍ରୀ ଓଡଶ ଦୁର୍ଗା ପୂଜା ଉତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## କଙ୍କଡ଼ାହାଡ଼ରେ ପ୍ରଥମ ରାବଣପୋଡ଼ି ମହୋତ୍ସବ

କାମାକ୍ଷାନଗର,୩।୧୦ (ସୁଧୀର କୁମାର ପରିଡ଼ା)

କଙ୍କଡାହାଡ଼ ବ୍ଲକ ସଦର ମହକୁମା କଙ୍କଡାହାଡ଼ ଗ୍ରାମରେ ପ୍ରଥମ ରାବଣ ପୋଡି ମହୋତ୍ସବ ବେଶ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । କାଚରା ସମାଜ ପକ୍ଷର ୨୫ ବର୍ଷ ହେଲାଣି ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଅଛି । ଚଳିତ ବର୍ଷ ସମାଜର ନିଷ୍ପତ୍ତି ଅନୁଯାୟୀ ରାବଣ ପୋଡି ମହୋତ୍ସବ କରାଯିବା ପାଇଁ ସ୍ଥିର ହୋଇଥିଲା। ସମାଜର କୋଷାଧ୍ୟକ୍ଷ ନରୋତ୍ତମ ବେହେରା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ କାଚରା ସମାଜର ସଭାପତି ନନ୍ଦକିଶୋର ସାହୁ ଯୋଗଦେଇ ଅଗ୍ନି ସଂଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ବରିଷ୍ଠ ନାଗରିକ ମଞ୍ଚ ବ୍ଲକ ସଭାପତି ଭଗବାନ ସିଂହ, କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, କାଚରା ସମାଜ ସମ୍ପାଦକ ପ୍ରଶାନ୍ତ ବେହେରା, କଙ୍କଡାହାଡ଼ ଗ୍ରାମ ସଭାପତି ପ୍ରକାଶ ବିଶ୍ୱାଳ, ସମ୍ପାଦକ ତ୍ରିଲୋଚନ ପଣ୍ଡା, ପୂର୍ବତନ ଗାଁ ସଭାପତି ବିଷ୍ଣୁ ଚରଣ ସିଂହ, ହଳଦୀପାଳ ଗାଁ ସଭାପତି ଶିଶିର ବିଶ୍ୱାଳ, ସାମ୍ବାଦିକ ସଂଘ କୋଷାଧ୍ୟକ୍ଷ ଅରବିନ୍ଦ ପାଳ, ବରିଷ୍ଠ ସାମ୍ବାଦିକ ପାଣ୍ଡବ ଚରଣ ଦାସ, ପୂର୍ବତନ ସରପଞ୍ଚ ଭରତ ଚନ୍ଦ୍ର ସାହୁ, କଙ୍କଡାହାଡ଼ ମଣ୍ଡଳ ଭାଜପା ସଭାପତି ଶୁଭେନ୍ଦୁ ପାଳ, ସାମାଜସେବୀ ବ୍ରହ୍ମାନନ୍ଦ ସାହୁ,ନଟବର ସାହୁ, ପବିତ୍ର ମୋହନ ପଣ୍ଡା, ପବନା ନାଥ, ଗିରିଧାରୀ ପରିଡା, ମା ଖଣ୍ଡୁରୀ କଲଚରାଲ କ୍ଲବ ସଭାପତି ଶାନ୍ତନୁ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଳାତ୍କାର ଅଭିଯୁକ୍ତ ଗିରଫ

ସନ୍ତ୍ରିଛକ,୩।୧୦ (ସନ୍ତୋଷ ପରିଡ଼ା)

ବଅଁରପାଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ମଣ୍ଟୁ ବେହେରା (୩୦)ଙ୍କୁ ଗିରଫ କରିଛି। ମହିଳାଙ୍କ ସ୍ୱାମୀ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଏସ୍‌ଆଇ ମାନସ କୁମାର ମିଶ୍ର ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଆର୍‌ଆଇ ମୃତ, ୬ ଗୁରୁତର

ଅନୁଗୋଳ,୩।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ମହୀଧରପୁର ଓ ହିନ୍ଦୋଳ ସୀମାନ୍ତ କର୍ଣ୍ଣପୁର ନିକଟରେ ମଙ୍ଗଳବାର ଏକ କାର୍ ଗଛରେ ପିଟିହେବାରୁ ଅନୁଗୋଳ ତହସିଲ ଅନ୍ତର୍ଗତ ଖୁଣ୍ଟା ରାଜସ୍ୱ କାର୍ଯ୍ୟାଳୟର ଆର୍‌ଆଇ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ମୃତ୍ୟୁ ହୋଇଛି। କାର୍‌ରେ ଥିବା ଅନ୍ୟ ୬ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଖୁଣ୍ଟା ଆର୍‌ଆଇ ମୃତ୍ୟୁଞ୍ଜୟ ଓ ପରଙ୍ଗ ଅଞ୍ଚଳର ଆର୍‌ଆଇ ମିଲୁ ସେଠୀଙ୍କ ପରିବାର ମା' ତାରାତାରିଣୀଙ୍କ ଦର୍ଶନ ସାରି କାର୍‌ରେ ଫେରୁଥିବା ବେଳେ କର୍ଣ୍ଣପୁର ନିକଟରେ ଦୁର୍ଘଟଣା ଘଟିଥିଲା। ମୃତ୍ୟୁଞ୍ଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା। ମୃତ୍ୟୁଞ୍ଜୟଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ବଇଣ୍ଡା,୩।୧୦(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ କଦଳୀମୁଣ୍ଡା ଗ୍ରାମର ଧର୍ମପରାୟଣା ମହିଳା କମଳିନୀ ବେହେରାଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଶୋଇଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଅନୁଗୋଳ ମେଡିକାଲ ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତୁଣୀନାତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅଜଣା ଯୁବକଙ୍କ ମୃତଦେହ ଜବତ

ବଅଁରପାଳ,୩।୧୦ (ସୁବାସ ସାହୁ)

ନାଲ୍‌କୋନଗର ଥାନା କନ୍ୟାବେଡା ରେଲୱେ ଓଭରବ୍ରିଜ ନିକଟରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ରେଲୱେ ପୋଲିସ ଜବତ କରିଛି। ମୃତ ଯୁବକ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବା ବେଳେ ଟ୍ରେନ୍‌ରୁ ଖସିପଡ଼ିଥିବା ରେଲୱେ ପୋଲିସ ଅନୁମାନ କରୁଛି।

## ପଳାଶପିଠିଆ ଗ୍ରାମରେ ସମର କଳା ପ୍ରଦର୍ଶନ



ଭୁବନ, ୩।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପଳାଶପିଠିଆ ଗ୍ରାମରେ ଗୁରୁବାର ଦଶହରା ଅବସରରେ ପାଇକ ସଂଗଠନ ପକ୍ଷରୁ ପାଇକ ପୁଅମାନଙ୍କ ସମର କଳା ପ୍ରଦର୍ଶନ କରାଯାଇଛି । ପାଇକ ପୁଅମାନଙ୍କ ବୀର ଏବଂ ଗାଥା ଗାରିମା କିଭଳି ଉଦ୍‌ଜୀବିତ ହୋଇରହିବ ସେଥିପାଇଁ ସମସ୍ତେ ଆରାଧ୍ୟ ଦେବୀଙ୍କୁ ସ୍ମରଣ କରିବା ସହିତ ଦୁର୍ଗା ମଣ୍ଡପଠାରେ ପାଇକ ଆଖଡା ପ୍ରଦର୍ଶନ କରି ଗ୍ରାମ ପରିକ୍ରମା କରିଥିଲେ। ସେମାନଙ୍କ ରଣକୌଶଳ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂର୍ବକାଳରେ ଯେତେବେଳେ ଗୋଳା ବାରୁଦ ନ ଥିଲା ସେହି କାଳରୁ ପାଇକମାନେ ନିଜର ଖଣ୍ଡା ଢାଲ ସାହାଯ୍ୟରେ ବିରତ୍ୱର ସହ ଯୁଦ୍ଧ କରୁଥିଲେ। ସେହି ପାଇକ ଖେଳର ପରମ୍ପରାକୁ ବଜାୟ ରଖିବା ପାଇଁ ପଳାଶପିଠିଆରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କର୍ତ୍ତାଭାବେ ପ୍ରତ୍ୟୁଷ କଅଁର ଓ ସ୍ତ୍ରୀ ଶାଶ୍ୱତୀ କଅଁର ପୂଜା ତୁଲାଇଥିଲେ।

## ସମାଜସେବୀ ବିଷ୍ଣୁ ପ୍ରସାଦ ନନ୍ଦଙ୍କ ପରଲୋକ

ଢେଙ୍କାନାଳ,୩।୧୦(ରତନ ନାୟାର)

ଢେଙ୍କାନାଳ ସହର ଦେଉଳସାହି ଅଞ୍ଚଳର ବରିଷ୍ଠ ସମାଜସେବୀ ବିଷ୍ଣୁ ପ୍ରସାଦ ନନ୍ଦଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା । ସେ କିଛିଦିନ ଧରି ଅସୁସ୍ଥ ଥିଲେ । ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପୂର୍ବତନ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀପ୍ରସାଦ ଭୁତିଆ, ବିଶିଷ୍ଟ ଶ୍ରମିକ ନେତା ଲକ୍ଷ୍ମୀଧର ସାହୁ, ଘନଶ୍ୟାମ ସାହୁ, ଯୁଗଳ ନାୟକ, ବାବୁ ପଟ୍ଟନାୟକ, ବିଭୂତି ପଟ୍ଟନାୟକ, ରୁଦ୍ରାନନ୍ଦ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ଜଣାଯାଇଛି । ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ପ୍ରୟାସ ପକ୍ଷରୁ ରାବଣପୋଡ଼ି ମହୋତ୍ସବ

**ଢେଙ୍କାନାଳରେ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଛି**

ଢେଙ୍କାନାଳ,୩।୧୦(ରତନ ନାୟାର)


ରାବଣପୋଡି ମହୋତ୍ସବ ଅବସରରେ ସମାଜସେବୀ ସନ୍ତୋଷ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳର ପ୍ରୟାସ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ସହରସ୍ଥିତ ମିନି ଷ୍ଟାଡିୟମଠାରେ ଗୁରୁବାର ସନ୍ଧ୍ୟାରେ ରାବଣପୋଡି ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବର୍ଷାପାଗ ସତ୍ତ୍ୱେ ରାବଣ ପୋଡି ଦେଖିବା ପାଇଁ ବ୍ୟାପକ ଜନସମାଗମ ହୋଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ, ବିକାଶମୂଳକ କାର୍ଯ୍ୟରେ ଢେଙ୍କାନାଳ ଆଗେଇ ଚାଲିଛି । ରାଜ୍ୟ ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରୁଛନ୍ତି ବୋଲି କହିବା ସହିତ ରାବଣ ପୋଡି ଅବସରରେ ଢେଙ୍କାନାଳବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ଏମ୍‌ପି ରୁଦ୍ର ନାରାୟଣ ପାଣି ଓ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇଥିଲେ। ଏମ୍‌ପି ରୁଦ୍ର ନାରାୟଣ ପାଣି ରାବଣ ପୋଡି ପାଇଁ ଅଗ୍ନି ସଂଯୋଗ କରିଥିଲେ । ଶେଷରେ କ୍ରୀଡା, କୃଷି, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ସୌମ୍ୟରଞ୍ଜନ ବେହେରା, ଅକାରଣ ସାହୁ, ବିଭାସିନ୍ଧୁ ବାରିକ, ସନ୍ତୋଷ କୁମାର ସ୍ୱାଇଁ, ପ୍ରମୋଦ କୁମାର ପରିଡା, ପ୍ରୀତିସ୍ମିତା ଭୋଇ, ଯୋଗୀନାଥ ମହାନ୍ତି, ସହଦେବ ସାହୁ, ଗୋପାଳକୃଷ୍ଣ ସାହୁ, ସୁଜିତ କୁମାର ସାହୁଙ୍କ ସମେତ ବଜରଙ୍ଗ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସତ୍ୟ ନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପ୍ରୟାସ ଅନୁଷ୍ଠାନର ପ୍ରମୁଖ ପୁରୋଧା ପୁରୁଷୋତମ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ରଣଜିତ ବିଶାଳ, ସନ୍ତୋଷ ରାଉତ ଓ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।




# ରାହୁଲ, ଜୁରେଲ, ଜାଡେଜାଙ୍କ ଶତକ





ଶତକ ହାସଲ ପରେ ଲୋକେଶ ରାହୁଲ, ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା।

## ପ୍ରଥମ ଟେଷ୍ଟ: ଦୃଢ଼ ସ୍ଥିତିରେ ଭାରତ

■ ଇଣ୍ଡିଆନ ଆର୍ମିକୁ ଶତକ ଉତ୍ସର୍ଗ କଲେ ଜୁରେଲ

**ଅହମଦାବାଦ, ୩।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିବସ ଖେଳ ଶୁକ୍ରବାର ଶେଷ ହୋଇଛି। ଲୋକେଶ ରାହୁଲ, ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା ଶତକ ହାସଲ କରି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ ୧୬୨ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୫ ଉଇକେଟ ହରାଇ ୪୪୮ ରନ ସଂଗ୍ରହ କରି ନେଇଛି। ଫଳରେ ୫ ଉଇକେଟ ସୁରକ୍ଷିତ ଥାଇ ଭାରତ ୨୮୬ ରନରେ ଅଗ୍ରଣୀଲାଭ କରିଛି।

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୩୬ ରନକରି ଆଉଟ ହୋଇଥିବାବେଳେ ରାହୁଲ (୧୦୦) ହାସଲ କରିଥିଲେ କ୍ୟାରିୟରର ୧୧ଶ ଶତକ। ୨୦୧୬ ଡିସେମ୍ବର ପରେ ଏଠାରେ ପ୍ରଭାବୀ ବ୍ୟାଟିଂ କରି ରାହୁଲ ଶତକ ଶୂନ୍ୟତାକୁ ପୂରଣ କରିଛନ୍ତି। ସାଇ ସୁଦର୍ଶନ ଫେଲ୍ ମାରିଥିଲେ ହେଁ ଅଧିନାୟକ ଶୁବମନ ଗିଲ୍ ଅର୍ଦ୍ଧଶତକ (୫୦ ରନ) ହାସଲ କରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଜୁରେଲ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ (୧୨୫ ରନ, ୧୫ ଚୌକା, ୩ ଛକା) ହାସଲ କରିଥିବାବେଳେ ଜାଡେଜା ୧୦୪ ରନରେ ଅପରାଜିତ ରହିଛନ୍ତି। ୫ମ ଉଇକେଟରେ ଏ ଦୁହେଁ ଦ୍ୱିଶତକୀୟ ଭାଗୀଦାରି (୨୦୬) ଗଢ଼ିଛନ୍ତି। ଜୁରେଲ ନିଜ ପ୍ରଥମ ଶତକକୁ ଇଣ୍ଡିଆନ ଆର୍ମି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଷ୍ଟମ୍ପ ବେଳକୁ ଜାଡେଜାଙ୍କ ସହ ୱାଶିଂଟନ ସୁନ୍ଦର ୯ ରନରେ ଅପରାଜିତ ରହିଛନ୍ତି। ଜାଡେଜା ନିଜ ଇନିଂସ ମଧ୍ୟରେ ୫ଟି ଛକା ମାରି ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇଛନ୍ତି। ଅର୍ଥାତ ଜଣେ ଭାରତୀୟ ବ୍ୟାଟରଭାବେ ସେ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟର ଗୋଟିଏ ଇନିଂସରେ ୩ କିମ୍ବା ତଦୂର୍ଦ୍ଧ୍ୱ ବ୍ୟାଟର ଶତକ ହାସଲ କରିବା ଭାରତ ପାଇଁ ଏହା ୪ର୍ଥ ଦୃଷ୍ଟାନ୍ତ। ପୂର୍ବରୁ ୧୯୭୯, ୧୯୮୬ ଓ ୨୦୦୭ରେ ଏହା ହୋଇଥିଲା। ଚଳିତ ସିଜନରେ ପୂର୍ବରୁ ଲିଡ୍ସରେ ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ, ଗିଲ୍, ରିଷଭ ପନ୍ତ ଏବଂ ମାଞ୍ଚେଷ୍ଟରଠାରେ ଇଂଲଣ୍ଡ ବିପକ୍ଷରେ ଗିଲ, ଜାଡେଜା ଓ ସୁନ୍ଦର ଶତକ ହାସଲ କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଘରୋଇ ବୋଲରଙ୍କୁ ମୁକାବିଲା କରି ନ ପାରି ୧୬୨ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଜଷ୍ଟିନ ଗ୍ରେଭ୍ସ ସର୍ବାଧିକ ୩୨ ରନ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ ୪ଟି, ଯଶପ୍ରୀତ୍ ବୁମ୍‌ରା ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୬୨/ଅଲ୍‌ଆଉଟ। ଭାରତ ପ୍ରଥମ ଇନିଂସ: ୪୪୮/୫ (ଧ୍ରୁବ ଜୁରେଲ-୧୨୫, ରବୀନ୍ଦ୍ର ଜାଡେଜା-୧୦୪, ଲୋକେଶ ରାହୁଲ-୧୦୦, ଶୁବମନ ଗିଲ୍-୫୦, ରଷ୍ଟନ ଚେଜ୍-୨/୯୦, ଜାଡେଜ ସେଲ୍ସ-୧/୫୩, ଜୋମେଲ ୱାରିକାନ-୧/୧୦୨, ଖାରି ପିଏରେ-୧/୯୧)।

## ପ୍ରଥମ ମ୍ୟାଚରେ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ଛତିଶଗଡ଼ର ନରେନପୁରଠାରେ ରାଜମାତା ଜୀଜାବାଇ ଟ୍ରଫି ପାଇଁ ଆରମ୍ଭ ହୋଇଥିବା ୩୦ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ହାରି ଯାଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୦-୧ ଗୋଲରେ ପଶ୍ଚିମବଙ୍ଗ ନିକଟରୁ ପରାଜିତ ହୋଇଛି। ୫୯ତମ ମିନିଟରେ ପଶ୍ଚିମବଙ୍ଗର ମୌସୁମୀ ମୁର୍ମୁ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୫ ତାରିଖରେ ଗୋଆ ବିପକ୍ଷରେ ଖେଳିବ।

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

**ବ୍ରିସ୍‌ବେନ୍, ୩।୧୦ (ପି.ଟି.)**

ଭାରତର ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ ଦଳ ଏଠାରେ ବୁଧବାର ଶେଷ ହୋଇଥିବା ପ୍ରଥମ ଯୁଥ୍ କ୍ରିକେଟ ଟେଷ୍ଟରେ ୧୯ ବର୍ଷରୁ କମ୍ ଅଷ୍ଟ୍ରେଲିଆ 'ଏ' ଦଳ ବିପକ୍ଷରେ ଆଧିପତ୍ୟ ବିସ୍ତାର କରିବା ସହ ଏକ ଇନିଂସ ୫୮ ରନରେ ହରାଇ ଦେଇଛି। ଅଷ୍ଟ୍ରେଲିଆ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୮/୧ରୁ ଏହାର ବ୍ୟାଟିଂ ଆରମ୍ଭ କରିଥିଲା। ତେବେ ଦଳ ୪୯.୩ ଓଭରରେ ୧୨୭ରନ ସ୍କୋରରେ ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ଭାରତକୁ ଥରେ ମାତ୍ର ବ୍ୟାଟିଂ କରିବାକୁ ପଡ଼ିଥିଲା। ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋର ୨୪୩ରନ ଜବାବରେ ବୈଭବ ସୂର୍ଯ୍ୟବଂଶୀ (୧୧୩ରନ, ୮୬ବଲ୍, ୯ଚୌକା ଓ ୮ଛକା) ଓ ବେଦାନ୍ତ ତ୍ରିବେଦୀ (୧୪୦ରନ, ୧୯୨ ବଲ୍, ୧୯ଚୌକା)ଙ୍କ ଶତକ ବଳରେ ଭାରତୀୟ ଦଳ ୮१.୩ ଓଭରରେ ୪୨୮ରନ କରିଥିଲା। । ଭାରତ ତରଫରୁ ପ୍ରଥମ ଇନିଂସରେ ୫ ଉଇକେଟ ନେଇଥିବା ମିଡିୟମ ପେସ୍‌ର ଦୀପେନ୍ଦ୍ର ଦେବେନ୍ଦ୍ରନ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସରେ ଆଉ ତିନୋଟି ଉଇକେଟ ସଫଳତା ପାଇଥିବା ବେଳେ ଅବଶିଷ୍ଟ ଉଇକେଟଗୁଡ଼ିକ କିଶନ କୁମାର, ଖିଲନ ପଟେଲ ଓ ଅନମୋଲ୍‌ଜିତ୍ ସିଂ ବାଣ୍ଟି ନେଇଥିଲେ। ଭ୍ରମଣକାରୀ ଦଳ ବିପକ୍ଷରେ ଘରୋଇ ଦଳର ବ୍ୟାଟିଂ ଭୁଶୁଡ଼ି ଯାଇଥିଲା। ଦ୍ୱିତୀୟ ତଥା ଫାଇନାଲ ଯୁଥ୍ ଟେଷ୍ଟ ମ୍ୟାକେଠାରେ ଅକ୍ଟୋବର ୭ରୁ ଆରମ୍ଭ ହେବ। ଏହା ପୂର୍ବରୁ ଯୁଥ୍ ଦିନିକିଆ ସିରିଜରେ ଘରୋଇ ଦଳକୁ ୩-୦ରେ ହରାଇ ଦେଇଛି।

## ମଡର୍ନ ପେଣ୍ଟାଥଲନ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**



ଜାତୀୟ ମଡର୍ନ ପେଣ୍ଟାଥଲନ ପାଇଁ ମନୋନୀତ ଓଡ଼ିଶା ଦଳ।

ମଧ୍ୟପ୍ରଦେଶର ଇନ୍ଦୋରଠାରେ ମଡର୍ନ ପେଣ୍ଟାଥଲନ ବାଇଥେଲ/ଟ୍ରାଇଥେଲ ଜାତୀୟ ଚାମ୍ପିୟନଶିପ୍ ଶନିବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ପ୍ରଣବ ଦାସ ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ମହମ୍ମଦ ଅମନ ଉପ-ଅଧିନାୟକ, ଆକାଶ ମିର୍ଦ୍ଧା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଆରବ ଚିଦାନନ୍ଦ ସ୍ୱାଇଁ, ଅମିୟ କୁମାର ପ୍ରଧାନ, କୁନା ବାଗ୍, ସ୍ୱସ୍ତିକ ସିଂ, ପ୍ରତୀକ ଦାସ, ଦେବଜିତ ପୁରୋହିତ, ଭରତ କୁମ୍ଭାର, ରଞ୍ଜିତ କୁମାର ସାହୁ, ବିଶ୍ୱଜିତ ତରାଇ, ନର୍ମତା କର୍ନଲ, ଓସେନ, ସାବିତ୍ରୀ ଭୋକ୍ତା ସଦସ୍ୟ ରହିଛନ୍ତି। ଏମ୍.ଡି. ଆଜମ କୋଚ୍ ଓ ଗୋପାଳ କୃଷ୍ଣ ସାହୁ ଅଫିସିଆଲଭାବେ ଦଳ ସହ ଯାତ୍ରା କରିବେ। ଇନ୍ଦୋର ଯାତ୍ରା ପୂର୍ବରୁ ଦଳକୁ ମଡର୍ନ ପେଣ୍ଟାଥଲନ ଆସୋସିଏଶନ ପକ୍ଷରୁ ବିଦାୟୀ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆସୋସିଏଶନ ସଭାପତି ବାସୁଦେବ ଓଝା, ସମ୍ପାଦକ ମହମ୍ମଦ ଆଜମ, ଟାଇମ୍ସ ଗୁରୁକୁଳ ଚେୟାରମ୍ୟାନ ଶାରଦା ପ୍ରସାଦ ମିଶ୍ର, ରଞ୍ଜନ କୁମାର ନନ୍ଦ, ନିର୍ଭର କୁମାର ସାମନ୍ତରାୟ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

## ମୀରାବାଈଙ୍କୁ ରୌପ୍ୟ

**ଫୋର୍ଡେ, ୩।୧୦ (ପି.ଟି.):** ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ (୪୮କେଜି) ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ର ୪୮କେଜି ଶ୍ରେଣୀରେ ରୌପ୍ୟ ପଦକ ଲାଭ କରିଛନ୍ତି। ପୂର୍ବରୁ ଏହି ଇଭେଣ୍ଟରେ ୨୦୧୭ରେ ବିଶ୍ୱ ଚାମ୍ପିୟନ ହୋଇଥିବା ବେଳେ ୨୦୨୨ରେ ରୌପ୍ୟ ଜିତିଥିଲେ। ପୂର୍ବରୁ ସେ ଅବଶ୍ୟ ୪୯କେଜି ଶ୍ରେଣୀରେ ଅଂଶଗ୍ରହଣ କରିଥିଲେ। ଏଥର ସେ ତାଙ୍କ ଓଜନ ପରିମାଣ ହ୍ରାସ କରିଛନ୍ତି। ପ୍ରତିଯୋଗିତାରେ ତାଙ୍କର ଟୋଟାଲ ଲିଫ୍ଟରେ ୧୯୯କେଜି (ସ୍ନାଚ୍‌ରେ ୮୪କେଜି + କ୍ଲିନ୍ ଆଣ୍ଡ ଜର୍କରେ ୧୧୫କେଜି) ଓଜନ ଉଠାଇ ପଦକ ବିଜେତାଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିପାରିଛନ୍ତି।

## ବରୋଦା ବିପକ୍ଷରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

**୨୦୨୫-୨୬ ରଣଜୀ ସିଜନ**

■ ଅକ୍ଟୋବର ୧୫ରୁ ବାରବାଟୀରେ ପ୍ରଥମ ମ୍ୟାଚ୍

■ ଓଡ଼ିଶା ଦଳରେ ୩ ନୂଆମୁହଁ

ବିସିସିଆଇ ଘରୋଇ କ୍ରିକେଟର ସର୍ବୋଚ୍ଚ ପ୍ରତିଯୋଗିତା ରଣଜୀ ଟ୍ରଫି ୨୦୨୫-୨୬ ସିଜନର ପ୍ରଥମ ୩ଟି ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ସିନିୟର ପୁରୁଷ ଚୟନ କମିଟି ଅଧ୍ୟକ୍ଷ ସୌରଜିତ ମହାପାତ୍ର, ସଦସ୍ୟ ଅବକାଶ ଖଟୁଆ ଓ ଶୁଭ୍ରଜିତ ସାହୁ ଘୋଷଣା କରିଥିବା ୧୫ ଜଣିଆ ଦଳରେ ୩ ନୂଆମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଗୌରବ ଚୌଧାରୀ, ସମ୍ବିତ ଏସ. ବରାଳ ଓ ବାଦଲ ବିଶ୍ୱାଳ। ଶୁଭ୍ରାଂଶୁ ସେନାପତି ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ସ୍ୱସ୍ତିକ ସାମଲ ଉପ-ଅଧିନାୟକ ହୋଇଛନ୍ତି। ୫ ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ବରୋଦା ବିପକ୍ଷରୁ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଚଳିତ ମାସ ୧୫ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ସିଜନରେ ୭ଟି ମ୍ୟାଚ ମଧ୍ୟରୁ ଓଡ଼ିଶା ୪ଟି ଘରୋଇ ଏବଂ ୩ଟି ବାହାର ପରିବେଶରେ ଖେଳିବ। ଦ୍ୱିତୀୟ ମ୍ୟାଚ କାନ୍‌ପୁରଠାରେ ଅକ୍ଟୋବର ୨୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାରବାଟୀରେ ତୃତୀୟ ମ୍ୟାଚ ନଭେମ୍ବର ୧ରୁ ୪ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବାକୁ ଥିବାବେଳେ ନାଗପୁରରେ ନଭେମ୍ବର ୮ରୁ ୧୧ ପର୍ଯ୍ୟନ୍ତ ଗତ ସିଜନର ଚାମ୍ପିୟନ ବିଦର୍ଭ ବିପକ୍ଷରେ ଖେଳିବ। ଏହାପରେ କିଟ୍ କ୍ରିକେଟ ଷ୍ଟାଡିୟମରେ ନାଗାଲାଣ୍ଡ ବିପକ୍ଷ ମୁକାବିଲା ନଭେମ୍ବର ୧୬ରୁ ୧୯ ଏବଂ ତାମିଲନାଡୁ ବିପକ୍ଷ ମ୍ୟାଚ ବାରବାଟୀରେ ୨୦୨୬ ଜାନୁଆରୀ ୨୨ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜାନୁଆରୀ ୨୯ରୁ ଫେବୃଆରୀ ୧ ପର୍ଯ୍ୟନ୍ତ କିନାନ ଷ୍ଟାଡିୟମରେ ଝାଡ଼ଖଣ୍ଡ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ସିଜନ ଶେଷ କରିବ।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ। ଷ୍ଟାଣ୍ଡବାଇ: ଶାନ୍ତନୁ ମିଶ୍ର, ବିପ୍ଲବ ସାମନ୍ତରାୟ, ସୌରଭ ଗୌଡ଼ା, ପ୍ରଶାନ୍ତ ରଣା, କାର୍ତ୍ତିକ ବିଶ୍ୱାଳ।




ଓଡ଼ିଶା ରଣଜୀ ଦଳ ଘୋଷଣା ଅବସରରେ ଚୟନକର୍ତ୍ତା ଶୁଭ୍ରଜିତ ସାହୁ, ସୌରଜିତ ମହାପାତ୍ର ଓ ଅବକାଶ ଖଟୁଆ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ